# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୩୦/୨୦୨୦ (୧୨ପୃଷ୍ଠା) | Bhubaneswar, Friday, October 30/2020 | ★★★★★★

୪୬ଶ ଭାଗ ୩୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଅଷ୍ଟ୍ରେଲିଆ ଦଳରେ ଗ୍ରୀନ୍**

ଭାରତ ବିପକ୍ଷ ସୀମିତ ଓଭର ସିରିଜ ପାଇଁ ଅଷ୍ଟ୍ରେଲିଆ କ୍ରିକେଟ ଦଳରେ ପ୍ରଥମ ଥର ସ୍ଥାନ ପାଇଛନ୍ତି ଯୁବ ଅଲରାଉଣ୍ଡର କାମେରନ ଗ୍ରୀନ୍। ୧୧

୧୦ **ପିଙ୍କ୍ ଆଉଟ୍‌ଫିଟ୍‌ରେ ସାରା**

ପିଙ୍କ୍ କଲର୍‌ର ଏକ ଡ୍ରେସ ପିନ୍ଧି ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍ ଇନ୍‌ଷ୍ଟାଗ୍ରାମରେ ଏହାକୁ ଶେୟାର କରିବା ସହ ଫ୍ୟାନ୍‌ମାନଙ୍କ ହୋସ୍ ଉଡ଼ାଇଛନ୍ତି।



ସୋସିଆଲ ମିଡିଆ ପୋଷ୍ଟ ଉପରେ କାର୍ଯ୍ୟାନୁଷ୍ଠାନ ନେଇପାରିବନି ପୋଲିସ୍ :ସୁପ୍ରିମ୍‌କୋର୍ଟ




# ବିଦାହେବେ ଅପାରଗ କର୍ମଚାରୀ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

- ଭଲ କାମ କରିଥିଲେ ପୁରସ୍କାର, ପଦୋନ୍ନତି
- ଡିସେମ୍ବର ୧୫ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦେବାକୁ ସବୁ ବିଭାଗକୁ ନିର୍ଦ୍ଦେଶ




ଅପାରଗ ସରକାରୀ କର୍ମଚାରୀଙ୍କ ପାଇଁ ସତର୍କ ଘଣ୍ଟି। ଯେଉଁ କର୍ମଚାରୀଙ୍କ କାର୍ଯ୍ୟଶୈଳୀ ସନ୍ତୋଷଜନକ ନୁହେଁ କିମ୍ବା ସେମାନଙ୍କ ନିକଟରେ ପ୍ରଶାସନିକ ଦକ୍ଷତାର ଅଭାବ ରହିଛି ସେଭଳି କର୍ମଚାରୀଙ୍କୁ ସରକାର ବାଧ୍ୟତାମୂଳକ ଅବସର ଦେବାକୁ ପ୍ରସ୍ତୁତ ହେଉଛନ୍ତି। ପ୍ରଶାସନିକ ଦକ୍ଷତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ସରକାର ଏଭଳି ପଦକ୍ଷେପ ନେବାକୁ ଯାଉଛନ୍ତି। ଭଲ କାମ କରିଥିବା କର୍ମଚାରୀଙ୍କୁ ପ୍ରୋତ୍ସାହନ ରାଶି ସହ ପଦୋନ୍ନତି ମଧ୍ୟ ମିଳିବ। ରାଜ୍ୟ ସରକାର ୨୦୧୯ ସେପ୍ଟେମ୍ବର ୨୪ରେ ଏକ ସର୍କୁଲାର ନଂ. ୨୭୦୩୭ ଜାରି କରି ଏନେଇ ରିପୋର୍ଟ ପ୍ରସ୍ତୁତ କରିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ ଅଧିକାଂଶ ବିଭାଗ ଓ ବିଭାଗୀୟ ମୁଖ୍ୟ ଦପ୍ତର କାର୍ଯ୍ୟକାରୀ କରିନାହାନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ନେଇ ବୁଧବାର ଆଉ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ସେଥିପାଇଁ ଏକ ସମୟସୀମା ଧାର୍ଯ୍ୟ କରାଯାଇଛି। ନଭେମ୍ବର ୧୫ ସୁଦ୍ଧା କର୍ମଚାରୀମାନଙ୍କର ବାଧ୍ୟତାମୂଳକ ଅବସର, ପଦୋନ୍ନତି ଏବଂ ପ୍ରୋତ୍ସାହନ ରାଶି ପାଇଁ ଏକ କମିଟି ଗଠନ କରିବାକୁ ବିଭାଗଗୁଡ଼ିକୁ କୁହାଯାଇଛି।

ଏଥିପାଇଁ ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା(ଏଚ୍‌ଆର୍‌ଏମ୍‌ଏସ୍) ଜରିଆରେ ଏକ ଅନ୍‌ଲାଇନ ବ୍ୟବସ୍ଥା କରାଯାଇଛି। ସେଥିରେ ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟ ଦପ୍ତର ଏବଂ ଜିଲାସ୍ତରୀୟ କାର୍ଯ୍ୟାଳୟଗୁଡ଼ିକ ନୋମିନେଶନ, ଭିଜିଲାନ୍ସ କ୍ଲିୟରାନ୍ସ ଏବଂ ପରଫର୍ମାନ୍ସ ଆପ୍ରେଜାଲ୍ ରିପୋର୍ଟ (ପିଏଆର୍)ର ସମସ୍ତ ତଥ୍ୟ ଦାଖଲ କରିବାକୁ କୁହାଯାଇଛି। ଅଧସ୍ତନ ଅଧିକାରୀ, ନିର୍ଦ୍ଦେଶାଳୟ, ଜିଲାପାଳମାନେ ନଭେମ୍ବର ୩୦ ସୁଦ୍ଧା ସେମାନଙ୍କ ସୁପାରିସ ନିଜ ବିଭାଗକୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଗୁଆ ଅବସର, ପଦୋନ୍ନତି ଏବଂ ପ୍ରୋତ୍ସାହନ ରାଶି ପ୍ରଦାନ ସମ୍ପର୍କରେ ଗଠିତ କମିଟି ଆସନ୍ତା ଡିସେମ୍ବର ୧୦ ସୁଦ୍ଧା ବୈଠକ କରି ଚୂଡ଼ାନ୍ତ ନିଷ୍ପତ୍ତି ନେବେ ଏବଂ ଡିସେମ୍ବର ୧୫ ସୁଦ୍ଧ ତାହା ନିଜ ନିଜ ବିଭାଗକୁ ପଠାଇବାକୁ କୁହାଯାଇଛି। ଏ ନେଇ ଡିସେମ୍ବର ୩୧ ସୁଦ୍ଧା ସରକାର ନିଷ୍ପତ୍ତି ନେବେ ବୋଲି ସର୍କୁଲାରରେ କୁହାଯାଇଛି।

ପ୍ରଶାସନିକ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ସହିତ ଦୁର୍ନୀତି ପ୍ରତି ଶୂନ ସହନଶୀଳତା ନୀତି ଅବଲମ୍ବନ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଗୁରୁତ୍ୱାରୋପ କରି ଆସିଛନ୍ତି। କିନ୍ତୁ କେତେକ ଅଧିକାରୀଙ୍କ ଉଦାସୀନତା ଯୋଗୁ ସେହି ଲକ୍ଷ୍ୟ ବାଟବଣା ହେଉଛି। ପ୍ରଶାସନିକ ସ୍ଥାଣୁତା ଦୂର କରିବାକୁ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି।

## ଗୃହ କମିଟିରେ କ୍ଷମା ମାଗିଲା ଟୁଇଟର

ଲେହ ମାନଚିତ୍ର ବିବାଦ



**ନୂଆଦିଲ୍ଲୀ,୨୯।୧୦:** ଲେହକୁ ଚାଇନାର ଅଞ୍ଚଳ ଭାବେ ଦର୍ଶାଇଥିବା ମାଇକ୍ରୋ-ବ୍ଲଗିଙ୍ଗ୍ ସାଇଟ ଟୁଇଟର ଗୁରୁବାର ଏଥିପାଇଁ ଯୁଗ୍ମ ସଂସଦୀୟ କମିଟି ନିକଟରେ କ୍ଷମାପ୍ରାର୍ଥନା କରିଛି। ଏନେଇ ସ୍ପଷ୍ଟୀକରଣ ଦେବା ସହ ଭାରତୀୟ ଆଇନକୁ ଅନୁପାଳନ କରିବା ଲାଗି ସତ୍ୟପାଠ ଦାଖଲ କରିବାକୁ ଗୃହ କମିଟି ଆମେରିକାର ଏହି ସୋସିଆଲ ମିଡିଆ କମ୍ପାନୀକୁ ବୁଧବାର ନିର୍ଦ୍ଦେଶ ଦେଇଥିଲା। ଭାରତୀୟ ମାନଚିତ୍ରର ଭୁଲ ଉପସ୍ଥାପନା ଲାଗି ଦେଶଦ୍ରୋହ ମାମଲା ଲାଗିପାରିବ ବୋଲି କମିଟିର ଅଧକ୍ଷା ମୀନାକ୍ଷୀ ଲେଖି ☞ପୃଷ୍ଠା-୪

# ଡିଏନ୍‌ଏ ରିପୋର୍ଟ: ସୀମାଞ୍ଚଳ ମୃତ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

**ପେଟ୍ରୋଲ ପମ୍ପ ବିସ୍ଫୋରଣ ଘଟଣା**



- ଲିଖିତ ରିପୋର୍ଟ ଅପେକ୍ଷାରେ ପରିବାର
- ବିସ୍ଫୋରଣରେ ମୋଟ ୨ମୃତ: ସିପି




ରାଜଭବନ ନିକଟ ଇଣ୍ଡିଆନ୍ ଅଏଲ ପେଟ୍ରୋଲ୍ ପମ୍ପ ବିସ୍ଫୋରଣ ଘଟଣାରେ ନିଖୋଜ ଥିବା ସୀମାଞ୍ଚଳ ପରିଡ଼ାଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରୁ ମିଳିଥିବା ମାଂସ ଖଣ୍ଡର ଡିଏନ୍‌ଏ ଟେଷ୍ଟ ରିପୋର୍ଟରୁ ଏହା ଜଣାପଡ଼ିଛି ବୋଲି ଗୁରୁବାର ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ସୀମାଞ୍ଚଳଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ପରିବାରକୁ ଜଣାଇ ଦିଆଯାଇଛି। ଏପରି କି ଏନେଇ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ(ଆଇଓସିଏଲ) କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି। ଯାହା ଫଳରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ମିଳିବାରେ ସହାୟକ ହୋଇପାରିବ। ମୃତକଙ୍କ ପରିବାର ପ୍ରତି ପୋଲିସ କମିଶନର ଷଡ଼ଙ୍ଗୀ ସମବେଦନା ଜଣାଇଛନ୍ତି। ଏହି ଘଟଣାରେ ସୀମାଞ୍ଚଳଙ୍କ ସମେତ ୨ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ନେଇ ଡିଏନ୍‌ଏ ରିପୋର୍ଟରେ ସୂଚନା ଦିଆଯାଇ ନାହିଁ। ଘଟଣାର ତଦନ୍ତ ଚାଲିଛି, ୨ଦିନ ମଧ୍ୟରେ ବିସ୍ଫୋରଣର କାରଣ ନେଇ ଅଧିକ ତଥ୍ୟ ପ୍ରଦାନ କରାଯିବ ବୋଲି ଷଡ଼ଙ୍ଗୀ କହିଛନ୍ତି। ସଂରକ୍ଷିତ ଥିବା ମାଂସଖଣ୍ଡକୁ ପୋଲିସ ଆଇନ ଅନୁଯାୟୀ ପରିବାର ଲୋକଙ୍କୁ ହସ୍ତାନ୍ତର କରିବ ବୋଲି ଜଣାପଡ଼ିଛି।

ମୃତ ସୀମାଞ୍ଚଳଙ୍କ ଘର ଗଞ୍ଜାମ ଜିଲା ଆସିକାର ଗହଙ୍ଗୁ ଗ୍ରାମରେ। ଡିପ୍ଲୋମା ଇଞ୍ଜିନିୟର ସୀମାଞ୍ଚଳ ଉକ୍ତ ପେଟ୍ରୋଲ୍ ପମ୍ପରେ ଏଲ୍‌ପିଜି ରକ୍ଷଣାବେକ୍ଷଣ କାର୍ଯ୍ୟରେ ନିୟୋଜିତ ଥିଲେ। ଗତ ୭ତାରିଖ ବିସ୍ଫୋରଣ ପରଠାରୁ ତାଙ୍କର କୌଣସି ପତ୍ତା ମିଳୁ ନ ଥିଲା। ଘଟଣା ପରଦିନ ତାଙ୍କ ଭାଇ ଓ ଭଉଣୀ ଭୁବନେଶ୍ୱର ଆସି ବହୁ ଖୋଜାଖୋଜି କରିଥିଲେ। ଏପରି କି ବିସ୍ଫୋରଣରେ ଆହତ ହୋଇଥିବା ଲୋକମାନେ ଚିକିତ୍ସିତ ହେଉଥିବା ବିଭିନ୍ନ ହସ୍ପିଟାଲ ବୁଲି ଖୋଜିଥିଲେ ମଧ୍ୟ ସୀମାଞ୍ଚଳଙ୍କ ବିଷୟରେ କୌଣସି ସୂଚନା ପାଇ ନ ଥିଲେ। ଏନେଇ କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ସୀମାଞ୍ଚଳଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ଦ୍ୱନ୍ଦ୍ୱରେ ଥିଲେ। ଗତ ୧୫ତାରିଖରେ ସୀମାଞ୍ଚଳଙ୍କ ବାପା ତ୍ରିନାଥ ପରିଡ଼ା ଓ ମା'ଙ୍କ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଡିଏନ୍‌ଏ ଟେଷ୍ଟ ପାଇଁ ରକ୍ତ ନମୁନା ନିଆଯାଇଥିଲା। ପରେ ଉକ୍ତ ନମୁନାକୁ ରାଜ୍ୟ ଫରେନ୍‌ସିକ୍ ଲାବ୍‌କୁ ପଠାଯାଇଥିଲା। ଡିଏନ୍‌ଏ ରିପୋର୍ଟ ଗୁରୁବାର ଆସିବା ☞ପୃଷ୍ଠା-୪

# ମରାମତି ହେବ ୭୩୬ ଡ୍ୟାମ୍

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

କେନ୍ଦ୍ର କ୍ୟାବିନେଟର ଅନୁମୋଦନ



ପୁରୁଣା ଜଳଭଣ୍ଡାରଗୁଡ଼ିକର ମରାମତି ହେବ। କେନ୍ଦ୍ର ସରକାର ୧୯ଟି ରାଜ୍ୟର ୭୩୬ ଡ୍ୟାମ୍‌ର ଉନ୍ନତୀକରଣ ଓ ମରାମତି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ଓଡ଼ିଶାର ୩୬ଟି ଡ୍ୟାମ୍ ରହିଛି। ଆସନ୍ତା ୧୦ ବର୍ଷ ଭିତରେ ଏହି କାର୍ଯ୍ୟ ଶେଷ ହେବ। କେନ୍ଦ୍ର କ୍ୟାବିନେଟରେ ଏହି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏଥିପାଇଁ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟ ୧୦,୨୧୧ କୋଟି ଟଙ୍କା ଖର୍ଚ୍ଚ କରିବ। ଡ୍ୟାମ୍ ପୁନରୁଦ୍ଧାର ଓ ବିକାଶ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ କ୍ୟାବିନେଟ ବୈଠକ ପରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ୨୦୧୨ରେ ଆରମ୍ଭ ହୋଇଥିଲା। ୭ଟି ରାଜ୍ୟର ୨୨୩ ଡ୍ୟାମ୍‌କୁ ଏହି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରାଯାଇଥିଲା। ୨୦୨୦ରେ ଏହାର ସମୟ ସୀମା ଶେଷ ହେଉଛି। ଡ୍ୟାମ୍ ରକ୍ଷଣାବେକ୍ଷଣ ପାଇଁ ବିଶ୍ୱ ବ୍ୟାଙ୍କ ୮୦ ପ୍ରତିଶତ ଅନୁଦାନ ପ୍ରଦାନ କରିବ। ଡ୍ୟାମ୍‌ଗୁଡ଼ିକ ରାଜ୍ୟମାଲିକାନାରେ ରହିଛି। କେଉଁ ଡ୍ୟାମ୍‌ର ରକ୍ଷଣାବେକ୍ଷଣ ଆବଶ୍ୟକ ☞ପୃଷ୍ଠା-୪

## କେଶୁଭାଇ ପଟେଲଙ୍କ ଦେହାନ୍ତ



**ଅହମଦାବାଦ, ୨୯।୧୦:** ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ କେଶୁଭାଇ ପଟେଲଙ୍କ ଅହମଦାବାଦ ହସ୍ପିଟାଲରେ ଦେହାନ୍ତ ହୋଇଯାଇଛି। ତାଙ୍କୁ ୯୨ ବର୍ଷ ହୋଇଥିଲା। ପୂର୍ବରୁ କରୋନା ଆକ୍ରାନ୍ତ ହୋଇ ସୁସ୍ଥ ହେବା ପରେ ଗୁରୁବାର ହୃଦ୍‌ଘାତ ହେବାରୁ ତାଙ୍କୁ ଅଚେତ ଅବସ୍ଥାରେ ଷ୍ଟେରଲିଙ୍ଗ ହସ୍ପିଟାଲକୁ ଅଣାଯାଇଥିଲା। ପୂର୍ବାହ୍ନ ୧୧.୫୫ରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। କେଶୁଭାଇଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରମୁଖ ନେତୃବୃନ୍ଦ ଶୋକବ୍ୟକ୍ତ କରିଛନ୍ତି। ୧୯୯୫ରେ କେଶୁଭାଇ କିଛିମାସ ଲାଗି ଗୁଜରାଟର ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୪

# ଚର୍ଚ୍ଚରେ ଆତଙ୍କବାଦୀ ଆକ୍ରମଣ

## ୩ ମୃତ, ଅନେକ ଆହତ: ଫ୍ରାନ୍ସରେ ହାଇ ଆଲର୍ଟ

- ୨ ଜଣଙ୍କୁ ଛୁରାମାଡ଼ କରି ହତ୍ୟା, ମହିଳାଙ୍କ ମୁଣ୍ଡକାଟ
- ଗିରଫ ବେଳେ ଆକ୍ରମଣକାରୀ କହୁଥିଲେ 'ଆଲ୍ଲାହୁ ଆକବର'
- ଶିକ୍ଷକ ସାମୁଏଲ ପେଟିଙ୍କ ହତ୍ୟାର ୨ ସପ୍ତାହ ପରେ ଘଟିଛି ଏହି କାଣ୍ଡ
- ୨୦୧୬ରେ ନିସ୍‌ରେ ଟ୍ରକ୍ ଚପାଇ ୮୬ ଜଣଙ୍କୁ ହତ୍ୟା କରିଥିଲେ ଆଇଏସ୍ ଆତଙ୍କବାଦୀ



ଆକ୍ରମଣ ପରେ ନୋର୍ଟେ ଡେମ୍ ଚର୍ଚ୍ଚ ସାମ୍ନାରେ ମୁତୟନ ସ୍ୱୟଂଚାଳିତ ଅସ୍ତ୍ରଧାରୀ ପୋଲିସ।

ପ୍ୟାରିସ୍,୨୯।୧୦

୪ ବର୍ଷ ୩ ମାସ ବ୍ୟବଧାନରେ ପୁଣି ଥରେ ଆତଙ୍କରେ ଥରି ଉଠିଛି ଫ୍ରାନ୍ସର ପର୍ଯ୍ୟଟନ ନଗରୀ ନିସ୍। ସହରସ୍ଥିତ ଏକ ଚର୍ଚ୍ଚରେ ଗୁରୁବାର ଜଣେ ଆତଙ୍କବାଦୀ ୩ ଜଣଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ସେ ଛୁରାମାଡ଼ କରି ଦୁଇଜଣଙ୍କୁ ମାରିଦେବା ପରେ ଜଣେ ମହିଳାଙ୍କ ମୁଣ୍ଡ କାଟିଦେଇଛନ୍ତି। ଆକ୍ରମଣରେ ଅନେକେ ଆହତ ମଧ୍ୟ ହୋଇଛନ୍ତି। ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରି ପଚରାଉଚରା କରୁଛି। ନିସ୍ ମେୟର ଖ୍ରୀଷ୍ଟିଆନ ଏଷ୍ଟ୍ରୋସି ଟୁଇଟ୍ କରି କହିଛନ୍ତି, ଆକ୍ରମଣକାରୀଙ୍କୁ କାବୁ କରାଯିବା ବେଳେ ସେ ବାରମ୍ବାର ଚିତ୍କାର କରୁଥିଲେ 'ଆଲ୍ଲାହୁ ଆକବର'। ସମ୍ପୃକ୍ତ ଅଞ୍ଚଳକୁ ସୁରକ୍ଷା ବଳ ଘେରି ରହିଥିବାବେଳେ ଆତଙ୍କବାଦ ନିରୋଧୀ ତଦନ୍ତକାରୀ ସଂସ୍ଥାଗୁଡ଼ିକ ତତ୍ପରତା ସହ ତନାଘନା ଚଳାଇଛନ୍ତି। ପ୍ରସିଦ୍ଧ ବ୍ୟଙ୍ଗ ପତ୍ରିକା ଶାର୍ଲି ଏବ୍‌ଦୋରେ ପ୍ରୋଫେଟ୍ ମହମ୍ମଦଙ୍କ କାର୍ଟୁନ ଓ ତୁର୍କୀ ରାଷ୍ଟ୍ରପତି ରେସେପ ତୈୟପ ଏର୍ଡୋଗାନଙ୍କ ବ୍ୟଙ୍ଗ ଚିତ୍ର ପ୍ରକାଶ ପାଇବା ପରେ ମୁସ୍‌ଲିମ ରାଷ୍ଟ୍ରଗୁଡ଼ିକ ମୁହାଁମୁହିଁ ଅବସ୍ଥାରେ ଥିବା ଫ୍ରାନ୍ସ ଏହି ଘାତକ ଆକ୍ରମଣକୁ ନେଇ ସ୍ତବ୍ଧ ହୋଇଯାଇଛି। ଆକ୍ରମଣ ପରେ ଫ୍ରାନ୍ସରେ ହାଇ ଆଲର୍ଟ ଜାରି କରାଯାଇଛି।


ଭୂମଧ୍ୟସାଗରୀୟ ସହର ନିସ୍ ଏହାର ବିସ୍ତୃତ ବେଳାଭୂମି ଓ ଶାନ୍ତ ପରିବେଶ ପାଇଁ ଖ୍ୟାତି ଅର୍ଜନ କରିଛି। ଏହାର ପ୍ରାକୃତିକ ଦୃଶ୍ୟରାଜି ପ୍ରତ୍ୟହ ଅଗଣିତ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। କରୋନା ସଂକ୍ରମଣ ସହ ଜୁଝୁଥିବା ନିସ୍ ସହରର ମୁଖ୍ୟ ଶପିଂ ଅଞ୍ଚଳ ଜିନ୍ ମେଡିସିନ ଭେନ୍ୟୁରେ ଗୁରୁବାର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

କୃଷି ଭିତ୍ତିଭୂମି ନିର୍ମାଣ କର

**ଆଜିର ମନ୍ତବ୍ୟ**

"ବିଦେଶୀ ସହଯୋଗୀଙ୍କ କାରଖାନାରେ କୋଭିଡ୍-୧୯ ଟିକା ଉତ୍ପାଦନ ଲାଗି ରୁଷିଆ ପ୍ରସ୍ତୁତ।
– ଭ୍ଲାଡିମିର ପୁଟିନ, ରୁଷିଆ ରାଷ୍ଟ୍ରପତି



ବରିଷ୍ଠ ନେତ୍ରୀ ଅନୁ ଟଣ୍ଡନ କଂଗ୍ରେସରୁ ଇସ୍ତଫା ଦେଇଥିବା ଗୁରୁବାର ଘୋଷଣା କରିବାର କିଛି ସମୟ ପରେ ଦଳ ତାଙ୍କୁ ବହିଷ୍କାର କରିଥିବା ଉତ୍ତରପ୍ରଦେଶ କଂଗ୍ରେସ ପକ୍ଷରୁ କୁହାଯାଇଛି। ରାଜ୍ୟସ୍ତରୀୟ ନେତୃତ୍ୱ ତାଙ୍କୁ ଉପଯୁକ୍ତ ଗୁରୁତ୍ୱ ଦେଉ ନ ଥିବା ଦର୍ଶାଇ ସେ ତାଙ୍କର ଇସ୍ତଫାପତ୍ର ଦଳ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ପାଖକୁ ପଠାଇଥିବା କହିଥିଲେ। ଏ ସମ୍ପର୍କରେ ଉତ୍ତରପ୍ରଦେଶ କଂଗ୍ରେସ ସଭାପତି ଅଜୟ କୁମାର ଲାଲୁଙ୍କୁ ପ୍ରଶ୍ନ ହେବାରୁ, ତାଙ୍କୁ ଦଳବିରୋଧୀ କାର୍ଯ୍ୟ ଲାଗି ୬ ବର୍ଷ ପାଇଁ ଦଳରୁ ବହିଷ୍କାର କରାଯାଇଥିବା କହିଥିଲେ।

# ‘ଭାରତରେ ପଶି ମାରିଥିଲୁ’

## ପୁଲଓ୍ୱାମା ଆକ୍ରମଣ

- ପ୍ରଥମ ଥର ସତ ମାନିଲା ପାକିସ୍ତାନ
- ଆତଙ୍କବାଦୀ ଆକ୍ରମଣ ପଛରେ ଇସ୍‌ଲାମାବାଦ
- ଇମ୍ରାନ ସରକାରଙ୍କ ବଡ଼ ସଫଳତା: ମନ୍ତ୍ରୀ ଫଓ୍ୱାଦ ଚୌଧୁରୀ

ନୂଆଦିଲ୍ଲୀ,୨୯।୧୦

ଗତ ବର୍ଷ ପୁଲ୍‌ଓ୍ୱାମାରେ ଆତଙ୍କବାଦୀ ଆକ୍ରମଣ ପାକିସ୍ତାନ ଘଟାଇଥିଲା। ୪୮ ଯବାନଙ୍କ ଜୀବନ ଯାଇଥିବା ଏହି ଆକ୍ରମଣ ପାଇଁ ଭାରତ ମୂଳରୁ ପାକିସ୍ତାନକୁ ଦାୟୀ କରୁଥିବାବେଳେ ଇସ୍‌ଲାମାବାଦ ଏହାକୁ ଖଣ୍ଡନ କରିଆସୁଥିଲା। ହେଲେ ଆକ୍ରମଣ ପଛରେ ପଡ଼ୋଶୀ ଶତ୍ରୁ ନିଜ ସମ୍ପୃକ୍ତିକୁ ନେଇ ଏବେ ସତ ସ୍ୱୀକାର କରିଛି। ପାକିସ୍ତାନର କ୍ୟାବିନେଟ ମନ୍ତ୍ରୀ ଫଓ୍ୱାଦ ଚୌଧୁରୀ ଏହି ଘାତକ ନରସଂହାରକୁ ଇମ୍ରାନ ସରକାରଙ୍କ ଏକ ବଡ଼ ସଫଳତା ବୋଲି ଅଭିହିତ କରିଛନ୍ତି। ପାକିସ୍ତାନ ଆତଙ୍କବାଦୀଙ୍କ ଭୂସ୍ୱର୍ଗ ଆଖ୍ୟା ପାଇ ଚାରିଆଡୁ କୋଣଠେସା ହୋଇଯାଇଥିବାବେଳେ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ କ୍ୟାବିନେଟ ସହଯୋଗୀ ବାହାଦୁରି ମାରିବାକୁ ଯାଇ ନିଜ ଦେଶର ମୁଖା ଖୋଲିଦେଇଛନ୍ତି।






ଫଓ୍ୱାଦ ଚୌଧୁରୀ


ତାରିଖ ଥିଲା ୨୦୧୯ ଫେବୃୟାରୀ ୧୪। ଜମ୍ମୁ-କଶ୍ମୀରର ପୁଲ୍‌ଓ୍ୱାମା ଜିଲା ଅଓ୍ୱନ୍ତିପୋରା ଅଞ୍ଚଳ। ଶ୍ରୀନଗର-ଜମ୍ମୁ ରାଜପଥ ଦେଇ ୭୮ଟି ସିଆର୍‌ପିଏଫ୍ ଭ୍ୟାନ୍ ଯାଉଥିଲା। ସେଥିରେ ୨,୫୪୭ ଯବାନ ଜମ୍ମୁ ଶିବିରରୁ ଶ୍ରୀନଗର ଅଭିମୁଖେ ଯିବା ପାଇଁ ବସିଥିଲେ। ବସ୍‌ଗୁଡ଼ିକ ସୂର୍ଯ୍ୟାସ୍ତ ପୂର୍ବରୁ ରାଜଧାନୀ ଶ୍ରୀନଗରସ୍ଥିତ ଶିବିରରେ ପହଞ୍ଚିଥାଆନ୍ତା। ହେଲେ ସେଠାରୁ ୩୦ କି.ମି. ଦୂର ଲେଥ୍‌ପୋରାରେ ଅପରାହ୍ନ ୩ଟା ୧୫ରେ ସିଆର୍‌ପିଏଫ୍ ୫୪ତମ ବାଟାଲିୟନ୍‌ର ଏକ ବସ୍‌କୁ ହଠାତ୍ ଧକ୍କା ଦେଇଥିଲା ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀଙ୍କ ବିସ୍ଫୋରକ ବୋଝେଇ ଭ୍ୟାନ୍। ଆତ୍ମଘାତୀ ବିସ୍ଫୋରଣରେ ବସ୍ ଧ୍ୱଂସ ହୋଇଯାଇଥିବାବେଳେ ଅନ୍ୟ ଏକ ଭ୍ୟାନ୍ ଆଂଶିକ କ୍ଷତିଗ୍ରସ୍ତ ହୋଇଥିଲା। ଉକ୍ତ ବସ୍‌ରେ ଥିବା ୫୪ ଯବାନଙ୍କ ମଧ୍ୟରୁ ୪୮ ଜଣ ଶହୀଦ ଓ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହାର ପ୍ରତିଶୋଧ ନେବାକୁ ଯାଇ ୨୬ ତାରିଖରେ ଭାରତୀୟ ବାୟୁସେନା ପାକିସ୍ତାନର ବାଲାକୋଟରେ ଏୟାରଷ୍ଟ୍ରାଇକ୍ କରି ଶତାଧିକ ଆତଙ୍କବାଦୀଙ୍କୁ ନିପାତ କରିଥିଲା। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ନିକଟରେ ପୁଲଓ୍ୱାମା ମାମଲାରେ ଚାର୍ଜଶିଟ କରି ପାକିସ୍ତାନର କୁଖ୍ୟାତ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ)ର ସମ୍ପୃକ୍ତି ନେଇ ପ୍ରଘଟ କରିଥିଲା। ତେବେ ଇସ୍‌ଲାମାବାଦ ଏହାକୁ ମନ୍ଦ ଉଦ୍ଦେଶ୍ୟଜନିତ ବୋଲି ଖଣ୍ଡନ କରିଥିଲା।

ଏହି ପ୍ରସଙ୍ଗକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ଅଦ୍ୟାବଧି ଥମି ନ ଥିବାବେଳେ ବୁଧବାର ପାକିସ୍ତାନର କ୍ୟାବିନେଟ ମନ୍ତ୍ରୀ ଫଓ୍ୱାଦ ଖାନ ପାର୍ଲାମେଣ୍ଟରେ କହିଛନ୍ତି, ଆମେ ଭାରତ ଭିତରକୁ ପଶି ମାରିଥିଲୁ (ହମ୍‌ନେ ହିନ୍ଦୁସ୍ଥାନ କୋ ଘୁସ୍ କେ ମାରା)। ପୁଲଓ୍ୱାମା ଆକ୍ରମଣ ଇମ୍ରାନ୍‌ଙ୍କ ନେତୃତ୍ୱର ଏକ ବଡ଼ ସଫଳତା। ଆମେ ଓ ଆପଣମାନେ ଏହି ସଫଳତାର ଅଂଶୀଦାର। ଓ୍ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ନ ଛାଡ଼ିଲେ ଭାରତ ଆକ୍ରମଣ କରିବ ବୋଲି ଆତଙ୍କିତ ହୋଇ ପାକିସ୍ତାନ ସେନା ମୁଖ୍ୟ ଜେନେରାଲ କମାର ଜାଭେଦ ବାଜ୍‌ଓ୍ୱାଙ୍କ ଗୋଡ଼ ଥରୁଥିଲା ଓ ଦେହରୁ ଝାଳ ବହୁଥିଲା ବୋଲି ପିଏମ୍ଏଲ୍-ଏନ୍ ନେତା ସର୍ଦ୍ଦାର ଆୟାଜ ସାଦିକ୍ ପାର୍ଲାମେଣ୍ଟରେ କହିବା ପରେ ଫଓ୍ୱାଦ ଚୌଧୁରୀ ଏଭଳି ଅହଂକାରପୂର୍ଣ୍ଣ ଦାବି କରିଛନ୍ତି।

## ଭାରତର ଆକ୍ରମଣ ଭୟରେ ଅଭିନନ୍ଦନଙ୍କୁ ଛଡ଼ାଯାଇଥିଲା



ଅଭିନନ୍ଦନ ବର୍ଥମାନ



ସର୍ଦ୍ଦାର ଆୟାଜ ସାଦିକ୍

- ଡରରେ ପାକ୍ ସେନାଧକ୍ଷଙ୍କ ଗୋଡ଼ ଥରି ଉଠିଥିଲା
- ପାର୍ଲାମେଣ୍ଟରେ କହିଲେ ପିଏମ୍ଏଲ୍-ଏନ୍ ଏମ୍‌ପି

ଇସ୍‌ଲାମାବାଦ, ୨୯।୧୦

ଭାରତର ଆକ୍ରମଣ ଭୟରେ ପାକିସ୍ତାନ ଓ୍ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ଛାଡ଼ିବାକୁ ବାଧ୍ୟ ହୋଇଥିଲା ବୋଲି ପିଏମ୍ଏଲ୍-ଏନ୍ ଏମ୍‌ପି ସର୍ଦ୍ଦାର ଆୟାଜ ସାଦିକ୍ ପାର୍ଲାମେଣ୍ଟରେ କହିଛନ୍ତି। ଅଭିନନ୍ଦନଙ୍କୁ ତୁରନ୍ତ ନ ଛାଡ଼ିଲେ ରାତି ୧୦ଟାରେ ଭାରତ ଆକ୍ରମଣ କରିପାରେ ବୋଲି ପାକ୍ ବୈଦେଶିକ ମନ୍ତ୍ରୀ ଶାହ ମେହମୁଦ କୁରେଶି କହିବା ପରେ ସେନାମୁଖ୍ୟ ଜେନେରାଲ ବାଜ୍‌ଓ୍ୱା ଅସ୍ତବ୍ୟସ୍ତ ହୋଇପଡ଼ିବା ସହ ତାଙ୍କ ଗୋଡ଼ ଥରି ଉଠିଥିଲା ବୋଲି ସାଦିକ ପ୍ରକାଶ କରିଛନ୍ତି। ବାଲାକୋଟସ୍ଥିତ ଜେଇଏମ୍ ଆତଙ୍କବାଦୀ ଶିବିରରେ ଏୟାରଷ୍ଟ୍ରାଇକ୍ ପରେ ଦୁଇଦେଶ ମୁହାଁମୁହିଁ ସ୍ଥିତିକୁ ଆସିଥିଲେ। ସେହି ସମୟରେ ଅଭିନନ୍ଦନ ପାକିସ୍ତାନର ଏଫ୍-୧୬ ଲଢ଼ୁଆ ବିମାନକୁ ଖସାଇ ଦେଇଥିଲେ। ଏହା ପରେ ତାଙ୍କ ଜେଟ୍ ଦୁର୍ଘଟଣାର ଶିକାର ହେବା ପୂର୍ବରୁ ଅଭିନନ୍ଦନ ପାକ୍ ସୀମା ପଟେ ପାରାଚୁଟ୍‌ରେ ଖସିଥିଲେ। ପରେ ପାକିସ୍ତାନ ମାର୍ଚ୍ଚ ୧ ରାତିରେ ଅଭିନନ୍ଦନଙ୍କୁ ଛାଡ଼ି ଦେଇଥିଲା। ଭାରତର ପୂର୍ବତନ ବାୟୁସେନା ମୁଖ୍ୟ ବି.ଏସ୍ ଧନୋଆ ଗୁରୁବାର କହିଛନ୍ତି, ଅଭିନନ୍ଦନଙ୍କୁ ଛାଡ଼ି ନ ଥିଲେ ପାକିସ୍ତାନର ଫରଓ୍ୱାର୍ଡ ବ୍ରିଗେଡ୍‌ଗୁଡ଼ିକୁ ଧ୍ୱଂସ କରିବା ଲାଗି ସେନା ପ୍ରସ୍ତୁତ ଥିଲା।

## ସଂକ୍ଷେପରେ

### ମହାରାଷ୍ଟ୍ରରେ ନଭେମ୍ବର ୩୦ ଯାଏ ଲକ୍‌ଡାଉନ

ନୂଆଦିଲ୍ଲୀ,୨୯।୧୦: ମହାରାଷ୍ଟ୍ରରେ କରୋନା ସଂକ୍ରମଣ ମାମଲା ବଢ଼ିଚାଲିଥିବାରୁ ରାଜ୍ୟ ସରକାର ସେଠାରେ ଲାଗୁ ହୋଇଥିବା ଲକ୍‌ଡାଉନ ସମୟସୀମାକୁ ଆଉ ମାସେ ବଢ଼ାଇଛନ୍ତି। ଫଳରେ ସେଠାରେ ନଭେମ୍ବର ୩୦ ପର୍ଯ୍ୟନ୍ତ ଲକ୍‌ଡାଉନ୍ ବଳବତ୍ତର ରହିବ। ଦେଶବ୍ୟାପୀ ଦୈନିକ ସଂକ୍ରମଣ ହ୍ରାସ ପାଉଥିବାବେଳେ ମହାରାଷ୍ଟ୍ର ଏବେ ବି ସର୍ବାଧିକ ପ୍ରଭାବିତ ରାଜ୍ୟ। ସେଠାରେ ୧୬ ଲକ୍ଷରୁ ଅଧିକ ସଂକ୍ରମିତ ହୋଇଥିବାବେଳେ କରୋନା ଜନିତ ମୃତ୍ୟୁସଂଖ୍ୟା ୪୩,୫୫୪ ରହିଛି।

### ୭ ବିଏସ୍‌ପି ବିଧାୟକ ନିଲମ୍ବିତ

ନୂଆଦିଲ୍ଲୀ,୨୯।୧୦(ପି.ଟି.)

ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ୭ ବିଦ୍ରୋହୀ ବିଧାୟକ ଗୁରୁବାର ଦଳରୁ ନିଲମ୍ବିତ ହୋଇଛନ୍ତି। ରାଜ୍ୟ ସଭା ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ରାମଜୀ ଗୌତମଙ୍କ ନାମାଙ୍କନକୁ ସେମାନେ ବିରୋଧ କରୁଥିଲେ। ସେମାନେ ସମାଜବାଦୀ ପାର୍ଟି (ଏସ୍‌ପି)ରେ ଯୋଗଦେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଦଳ ସୁପ୍ରିମୋ ମାୟାବତୀ ସେମାନଙ୍କୁ ନିଲମ୍ବନ କରିଛନ୍ତି। ଆଗାମୀ ଦିନରେ ଏମ୍ଏଲ୍‌ସି ନିର୍ବାଚନରେ ଏସ୍‌ପି ପ୍ରାର୍ଥୀଙ୍କୁ ହରାଇବା ପାଇଁ ତାଙ୍କ ଦଳ ଭାଜପା କିମ୍ବା ଅନ୍ୟ କୌଣସି ଦଳର ପ୍ରାର୍ଥୀଙ୍କୁ ସମର୍ଥନ କରିବ ବୋଲି ମାୟାବତୀ କହିଛନ୍ତି। ବିଦ୍ରୋହୀ ବିଧାୟକମାନେ ଅନ୍ୟ ଦଳରେ ଯୋଗଦେବା କ୍ଷଣି ସେମାନଙ୍କ ବିରୋଧରେ ଦଳବଦଳ ନିରୋଧୀ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଅନ୍ୟ ଦଳରେ ଯୋଗଦେବାର କୌଣସି ଯୋଜନା ନାହିଁ ବୋଲି ବିଦ୍ରୋହୀ ବିଧାୟକମାନେ କହିଛନ୍ତି।

### ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ଆଶ୍ୱସ୍ତ

ନୂଆଦିଲ୍ଲୀ,୨୯।୧୦(ପି.ଟି.): ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ର ସିଂ ରାଓ୍ୱତଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗର ସିବିଆଇ ତଦନ୍ତ ଲାଗି ସେଠାର ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ଗୁରୁବାର ସୁପ୍ରିମକୋର୍ଟ ଏହା ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ତାଙ୍କ ବୟାନ ନ ଶୁଣି ସମସ୍ତଙ୍କୁ ଚକିତ କରି ଉତ୍ତରାଖଣ୍ଡ ହାଇକୋର୍ଟ ଏଭଳି ନିର୍ଦ୍ଦେଶ ଦେଇଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି। ୨୦୧୬ରେ ରାଓ୍ୱତ ଝାଡ଼ଖଣ୍ଡ ଭାଜପା ଶାଖାର ପ୍ରଭାରୀ ଥିବାବେଳେ ସେଠାରେ ଗୋସେବା ଆୟୋଗର ମୁଖ୍ୟ ଭାବେ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବା ପାଇଁ ଚାହୁଁଥିଲେ। ଏଥିପାଇଁ ସମର୍ଥନ ଯୋଗାଡ଼ କରିବାକୁ ସେ ତାଙ୍କର ଦୁଇଜଣ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିବା ଦୁଇଜଣ ଖବରଦାତା ଅଭିଯୋଗ ଆଣିଥିଲେ। ଜଷ୍ଟିସ୍ ଅଶୋକ ଭୂଷଣଙ୍କ ଅଧକ୍ଷତାରେ ସୁପ୍ରିମକୋର୍ଟ ଖଣ୍ଡପୀଠ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ବୟାନ ଶୁଣାଣି ନ କରି ହାଇକୋର୍ଟ ଏଭଳି କଠୋର ନିର୍ଦ୍ଦେଶ ଦେଇଛନ୍ତି।

## ସୁନୀଲ ଆମେରିକା ଉପରାଷ୍ଟ୍ରପତି ପ୍ରାର୍ଥୀ

### କମଳା ହାରିସ୍‌ଙ୍କ ପରେ ଦ୍ୱିତୀୟ ଭାରତୀୟ ବଂଶୋଦ୍ଭବ

ନ୍ୟୁୟର୍କ, ୨୯।୧୦

ଆମେରିକା ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ମଇଦାନକୁ ଓହ୍ଲାଇଛନ୍ତି ଆଉ ଜଣେ ଭାରତୀୟ ବଂଶୋଦ୍ଭବ। ସେ ହେଉଛନ୍ତି ସୁନୀଲ ଫ୍ରିମ୍ୟାନ୍। ପାର୍ଟି ଫର୍ ସୋସିଆଲିଜମ୍ ଆଣ୍ଡ୍ ଲିବରେଶନରୁ ସେ ଟିକେଟ ପାଇଛନ୍ତି। ସୁନୀଲଙ୍କ ମା’ ଫ୍ଲୋରା ନଭିତା ଭାରତ ଜନ୍ମିତ। ଦେଶ ବିଭାଜନ ବେଳେ ସେ ବାରାଣସୀରେ ଶିକ୍ଷକତା କରୁଥିଲେ। ଲକ୍ଷ୍ନୌ ଓ ନୂଆଦିଲ୍ଲୀରେ ସେ ଉଚ୍ଚଶିକ୍ଷା ଲାଭ କରିଥିଲେ। ଓ୍ୱାଶିଂଟନରେ ବଢ଼ିଥିବା ସୁନୀଲ ୧୦ ବର୍ଷ ତଳେ ଭାରତ ଆସିଥିଲେ। କମ୍ୟୁନିଷ୍ଟ ସଙ୍ଗଠନ ସହ ଥିଲେ ହେଁ କୌଣସି ହିଂସାରେ ସେ ବିଶ୍ୱାସ କରନ୍ତି ନାହିଁ ବୋଲି କହିଛନ୍ତି। ଆମେରିକାରେ ଅସମାନତା ବୃଦ୍ଧି ପାଉଥିବାବେଳେ ସମାଜବାଦ ପ୍ରତିଷ୍ଠାକରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ ମତ ଦେଇଛନ୍ତି। ପ୍ରକାଶଯେ, ଭାରତୀୟ ବଂଶୋଦ୍ଭବ ତଥା ଡେମୋକ୍ରାଟ୍ ପ୍ରାର୍ଥୀ କମଳା ହାରିସ୍ ଏହି ଦୌଡ଼ରେ ଅଛନ୍ତି।



ସୁନୀଲ ଫ୍ରିମ୍ୟାନ୍

## ଆଇସିୟୁରେ ମହିଳା ରୋଗୀଙ୍କୁ ବଳାତ୍କାର

### ଗୁରୁଗ୍ରାମରେ ଲଜ୍ଜା

ଗୁରୁଗ୍ରାମ, ୨୯।୧୦

ଦିଲ୍ଲୀ ନିକଟ ଗୁରୁଗ୍ରାମସ୍ଥିତ ଫୋର୍ଟିଜ୍ ହସ୍ପିଟାଲ ଆଇସିୟୁରେ ଜଣେ ମହିଳା ଟିବି ରୋଗୀ (୨୧)ଙ୍କୁ ବଳାତ୍କାର କରାଯାଇଛି। ଏନେଇ ପୀଡ଼ିତା ଜଣକ ନିଜ ବାପାଙ୍କୁ ଅବଗତ କରାଇବା ପରେ ଘଟଣା ପଦାକୁ ଆସିଛି। ଅକ୍ଟୋବର ୨୧ରେ ମହିଳା ହସ୍ପିଟାଲକୁ ଚିକିତ୍ସା ଲାଗି ଆସିବା ପରେ ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା। ବିକାଶ ନାମକ ଜଣେ ହସ୍ପିଟାଲ କର୍ମଚାରୀ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁକରି ହସ୍ପିଟାଲ ସିସିଟିଭି ପରୀକ୍ଷା ନିରୀକ୍ଷା କରୁଛି।

## ମୁଙ୍ଗେର ଜିଲାପାଳ, ଏସ୍‌ପି ବିଦା



ପୋଲିସ ସହ ସଂଘର୍ଷ ପରେ ଗୁରୁବାର ବିକ୍ଷୋଭକାରୀମାନେ ଆସବାବପତ୍ର ଜାଳିଦେଇଛନ୍ତି।

### ମୂର୍ତ୍ତି ବିସର୍ଜନ ବେଳେ ହିଂସାକାଣ୍ଡ

ପାଟନା, ୨୯।୧୦

ବିହାରର ମୁଙ୍ଗେରରେ ମା’ ଦୁର୍ଗାଙ୍କ ମୂର୍ତ୍ତି ବିସର୍ଜନ ବେଳେ ସୋମବାର ହିଂସାକାଣ୍ଡ ଘଟି ଢେଲା ଓ ଗୁଳିମାଡ଼ରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସୁରକ୍ଷାକର୍ମୀଙ୍କ ସମେତ ୧୪ ଜଣ ଆହତ ହୋଇଥିଲେ। ଏହି ଘଟଣାରେ ଗୁରୁବାର ନିର୍ବାଚନ ଆୟୋଗ ଜିଲାପାଳ ରାକେଶ୍ ମିନା ଓ ଏସ୍‌ପି ଲିପି ସିଂଙ୍କୁ ତୁରନ୍ତ ବରଖାସ୍ତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଘଟଣାର ତଦନ୍ତ ଲାଗି ମଗଧ ଡିଭିଜନାଲ କମିଶନର ଆସଙ୍ଗ୍‌ବା ଚୁବାଙ୍କୁ ନିର୍ବାଚନ ଆୟୋଗ ଦାୟିତ୍ୱ ଅର୍ପଣ କରିଛନ୍ତି। ଏହି ହିଂସାକାଣ୍ଡକୁ ନେଇ ବିକ୍ଷୋଭ ଜାରି ରହିଛି। ଗୁରୁବାର ବିକ୍ଷୋଭକାରୀମାନେ ଏସ୍‌ପି ଅଫିସ ଭଙ୍ଗାରୁଜା କରି ଏକ ପୋଲିସ ପୋଷ୍ଟ ପୋଡ଼ିଦେଇଛନ୍ତି। ଏସ୍‌ଡିଓ ଅଫିସକୁ ମଧ୍ୟ ବିକ୍ଷୋଭକାରୀ ଟାର୍ଗେଟ କରିଛନ୍ତି।

## ପୋଲିସକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

### ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଲୋକଙ୍କୁ ହଇରାଣ କରିବା ଘଟଣା

ନୂଆଦିଲ୍ଲୀ,୨୯।୧୦

ରାଜନୈତିକ ବ୍ୟବସ୍ଥାରେ ସୋସିଆଲ ମିଡିଆରେ ପ୍ରକାଶିତ ପୋଷ୍ଟକୁ ନେଇ ବିଭିନ୍ନ ରାଜ୍ୟରେ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସମନ କରିବା ଘଟଣା ବଢ଼ିଚାଲିଛି। ଏହାକୁ ନେଇ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ପୋଲିସକୁ ଭର୍ତ୍ସନା କରିବା ସହ ରାଜ୍ୟ ସରକାରମାନଙ୍କୁ କଡ଼ା ବାର୍ତ୍ତା ଦେଇଛନ୍ତି। ସୋସିଆଲ ମିଡିଆରେ ସରକାରଙ୍କୁ ସମାଲୋଚନା କରିବା ନେଇ ନାଗରିକଙ୍କୁ ଦେଶର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ଟଣାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଲକ୍‌ଡାଉନ ନିୟମାବଳୀ କାର୍ଯ୍ୟକାରୀ କରୁ ନ ଥିବା ପଶ୍ଚିମବଙ୍ଗ ସରକାରଙ୍କୁ ଦିଲ୍ଲୀର ଜଣେ ବାସିନ୍ଦା ସୋସିଆଲ ମିଡିଆରେ ସମାଲୋଚନା କରିଥିଲେ। ଏଥିପାଇଁ ପଶ୍ଚିମବଙ୍ଗ ପୋଲିସ ତାଙ୍କୁ ସମନ କରିଥିବାରୁ ସୁପ୍ରିମକୋର୍ଟ ଏଭଳି କଡ଼ା ଚେତାବନୀ ଦେଇଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୯(୧)ରେ ନାଗରିକଙ୍କୁ ସ୍ୱାଧୀନ ମତବ୍ୟକ୍ତ କରିବା ଅଧିକାର ମିଳିଛି। ଏହାର ପବିତ୍ରତାକୁ ଯେକୌଣସି ମୂଲ୍ୟ ଦେଇ ରକ୍ଷା କରିବାକୁ ହେବ ବୋଲି ଜଷ୍ଟିସ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ ଏବଂ ଇନ୍ଦିରା ବାନାର୍ଜୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ। ସୀମା ଅତିକ୍ରମ କରନାହିଁ, ଭାରତକୁ ସ୍ୱାଧୀନ ରାଷ୍ଟ୍ର ଭାବେ ରହିବାକୁ ଦିଅ ବୋଲି ସୁପ୍ରିମକୋର୍ଟ ସତର୍କ କରାଇଦେଇଛନ୍ତି। ସୂଚନାଯୋଗ୍ୟ କୋଲକାତାର ରାଜା ବଜାର ଅଞ୍ଚଳରେ ଲକ୍‌ଡାଉନ ନିୟମର ଉଲ୍ଲଂଘନ କରାଯାଇ ପ୍ରବଳ ଗହଳି ଲାଗି ରହିଥିବାରୁ ଦିଲ୍ଲୀର ରୋଶନି ବିଶ୍ୱାସ (୨୯) ଫେସ୍‌ବୁକ୍‌ରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ପୋଲିସ ତାଙ୍କ ବିରୋଧରେ ଏତଲା ଦାଏର କରିବା ସହ ସମନ ଜାରି କରିଥିଲା। ଜେରା ପାଇଁ ପୋଲିସ ନିକଟରେ ହାଜର ହେବା ଲାଗି କୋଲକାତା ହାଇକୋର୍ଟ ମଧ୍ୟ ରୋଶନିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ସେ ଆଇନଜୀବୀ ମହେଶ ଜେଠମାଲାନିଙ୍କ ଜରିଆରେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

## ନୌସେନାରେ ମହିଳା ଅଫିସରଙ୍କୁ ସ୍ଥାୟୀ କମିଶନ ପ୍ରସଙ୍ଗ

### କେନ୍ଦ୍ରକୁ ଡିସେମ୍ବର ୩୧ ଯାଏ ମହଲତ

ନୂଆଦିଲ୍ଲୀ,୨୯।୧୦(ପି.ଟି.)

ଭାରତୀୟ ନୌସେନାରେ ମହିଳା ଏସ୍ଏସ୍‌ସି ଅଫିସରମାନଙ୍କୁ ସ୍ଥାୟୀ କମିଶନ ପ୍ରଦାନ ପାଇଁ ସୁପ୍ରିମକୋର୍ଟ ଦେଇଥିବା ରାୟର କାର୍ଯ୍ୟକାରିତା ହୋଇ ନ ଥିବାରୁ ଅଦାଲତ ଗୁରୁବାର ଏହାର ସମୟସୀମାକୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପୁରୁଷ ଓ ମହିଳା ଅଫିସରମାନଙ୍କୁ ସମାନ ସୁଯୋଗ ମିଳିବା ଉଚିତ। ନୌସେନାରେ ମହିଳା ଅଫିସରମାନଙ୍କୁ ସ୍ଥାୟୀ କମିଶନ ପ୍ରଦାନ ପ୍ରକ୍ରିୟା ୩ ମାସ ମଧ୍ୟରେ ଶେଷ କରିବାକୁ ସର୍ବୋଚ୍ଚ ଅଦାଲତ ଗତ ମାର୍ଚ୍ଚରେ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। କରୋନା ମହାମାରୀ କାରଣରୁ ସମୟସୀମା ୬ ମାସ ବଢ଼ାଇବାକୁ ଗତ ଜୁନ୍‌ରେ କେନ୍ଦ୍ର ପକ୍ଷରୁ ଆବେଦନ କରାଯାଇଥିଲା। ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼, ଇନ୍ଦୁ ମାଲହୋତ୍ରା ଏବଂ ଇନ୍ଦିରା ବାନାର୍ଜୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ସମୟସୀମାକୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବଢ଼ାଇଛନ୍ତି।

## ଭାରତୀୟ ବଂଶୋଦ୍ଭବ ସିସେଲ୍ସ ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୯।୧୦

ଭାରତୀୟ ବଂଶୋଦ୍ଭବ ପୂଜକ ଓ୍ୱାଭେଲ ରାମକଲଓ୍ୱାନ ସିସେଲ୍ସର ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ସେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ଡାନି ଫଉର୍‌ଙ୍କୁ ପରାସ୍ତ କରିଛନ୍ତି। ରାମକଲଓ୍ୱାନଙ୍କ ଅଜା ବିହାର ଗୋପାଳଗଞ୍ଜରୁ ସିସେଲ୍ସ ଆସିଥିଲେ। ୧୯୬୧ ମାର୍ଚ୍ଚ ୧୫ରେ ଜନ୍ମିତ ରାମକଲଓ୍ୱାନଙ୍କ ବାପା ଜଣେ ଟିଣ କାରିଗର ଥିବାବେଳେ ମାଆ ପ୍ରଧାନ ଶିକ୍ଷୟିତ୍ରୀ। ମରିସସ୍‌ର ସେଣ୍ଟ ପାଉଲ୍ସ ଥିଓରିଟିକାଲ କଲେଜରେ ଧାର୍ମିକ ଶିକ୍ଷା ଶେଷ କରିବା ପରେ ୧୯୮୫ରେ ରାମକଲଓ୍ୱାନ ଜଣେ ପୂଜକ ଭାବେ କାର୍ଯ୍ୟ କରିଥିଲେ। ସେ ୧୯୯୩ରୁ ୨୦୧୧ ଏବଂ ୨୦୧୬ରୁ ୨୦୨୦ ବିରୋଧୀ ଦଳ ଏମ୍‌ପି ଥିଲେ। ଏଥିସହିତ ସେ ଦୁଇଥର ବିରୋଧୀ ଦଳ ନେତା ହୋଇଥିଲେ। ଭାରତକୁ ଆସମ୍ପଶନ ଦ୍ୱୀପ ହସ୍ତାନ୍ତର ପାଇଁ ହୋଇଥିବା ଚୁକ୍ତିନାମାକୁ ସେ ବିରୋଧ କରୁଥିଲେ। ସେଠାରେ ଏବେ ରାଜନୈତିକ ପାଣିପାଗ ବଦଳିଛି। ରାମକଲଓ୍ୱାନଙ୍କ ନେତୃତ୍ୱରେ ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ଲିନ୍‌ୟୋନ ଡେମୋକ୍ରାଟିକ୍ ସେସେଲ୍‌ଓ୍ୱା (ଏଲ୍‌ଡିଏସ୍) ଉକ୍ତ ଚୁକ୍ତିନାମା ମଞ୍ଜୁର କରିବାକୁ ମନା କରିଦେଇଛି।



ଓ୍ୱାଭେଲ ରାମକଲଓ୍ୱାନ

## ବାୟୁ ପ୍ରଦୂଷଣ ରୋକିବ ନୂଆ ଆଇନ

### ଉଲ୍ଲଂଘନ କଲେ ୧ କୋଟି ଜରିମାନା, ୫ ବର୍ଷ ଜେଲ

ନୂଆଦିଲ୍ଲୀ,୨୯।୧୦(ପି.ଟି.)

ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବାୟୁ ପ୍ରଦୂଷଣ ରୋକିବା ଲାଗି କେନ୍ଦ୍ର ସରକାର ଏକ ନୂଆ ଆଇନ ଆଣିଛନ୍ତି। ଆଇନରେ ପ୍ରଦୂଷଣକୁ ଏକ ଅପରାଧ ଭାବେ ନିଆଯାଇଛି। ଏହାର ଉଲ୍ଲଂଘନ କଲେ ୫ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଏବଂ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅନୁମୋଦନ ପରେ ବୁଧବାର ରାତିରେ ଉକ୍ତ ଅଧ୍ୟାଦେଶ ଜାରି କରାଯାଇଛି। ସୂଚନାଯୋଗ୍ୟ ନଡ଼ା ପୋଡ଼ିକୁ ନିଷିଦ୍ଧ କରିବା ଲାଗି କିଛିଦିନ ପୂର୍ବରୁ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ଚାଲିଥିବାବେଳେ ବାୟୁ ପ୍ରଦୂଷଣ ରୋକିବା ଲାଗି କେନ୍ଦ୍ର ସରକାର ନୂଆ ଆଇନ ଆଣିବେ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତକୁ ଜଣାଇଥିଲେ। ଅଧ୍ୟାଦେଶ ଅନୁଯାୟୀ ଏନ୍‌ସିଆର୍ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଦିଲ୍ଲୀ, ହରିୟାଣା, ପଞ୍ଜାବ, ଉତ୍ତରପ୍ରଦେଶ ଓ ରାଜସ୍ଥାନର କେତେକ ଅଞ୍ଚଳ ପାଇଁ ବାୟୁ ମାନ ପରିଚାଳନା କମିଶନ ଗଠନ କରାଯିବ। କମିଶନଙ୍କ ଦ୍ୱାରା ପ୍ରସ୍ତୁତ ନିୟମାବଳୀ ଓ ନିର୍ଦ୍ଦେଶ ଅନୁଯାୟୀ ଅଧ୍ୟାଦେଶ ପାଳନ କରୁ ନ ଥିବା ବ୍ୟକ୍ତିବିଶେଷ ଓ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପରିବେଶ ଓ ଜଙ୍ଗଲ ବିଭାଗ ମନ୍ତ୍ରୀଙ୍କ ନେତୃତ୍ୱରେ ପରିବହନ, ବାଣିଜ୍ୟ, ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଓ କ୍ୟାବିନେଟ ସଚିବଙ୍କୁ ନେଇ ଏକ କମିଟି ଗଠନ ହେବ। ଉକ୍ତ କମିଟି କମିଶନର ଅଧକ୍ଷଙ୍କୁ ଚୟନ କରିବ। ୧୮ ସଦସ୍ୟ ବିଶିଷ୍ଟ କମିଶନରେ ଜଣେ ପୂର୍ଣ୍ଣକାଳୀନ ଅଧକ୍ଷ,୧୦ ଜଣ ପ୍ରଶାସନିକ ଅଧିକାରୀ, ବିଶେଷଜ୍ଞ ଓ କାର୍ଯ୍ୟକର୍ତ୍ତା ରହିବେ।



## ଦେଓଘର ସତ୍‌ସଙ୍ଗ ଆଶ୍ରମକୁ ‘ରାଷ୍ଟ୍ରୀୟ ଜଳ ପୁରସ୍କାର’

ଦେଓଘର, ୨୯।୧୦

ଜଳ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଝାଡ଼ଖଣ୍ଡର ଦେଓଘର ସତ୍‌ସଙ୍ଗ ଆଶ୍ରମକୁ ‘ରାଷ୍ଟ୍ରୀୟ ଜଳ ପୁରସ୍କାର-୨୦୧୯’ ଦିଆଯିବ। ଭାରତ ସରକାରଙ୍କ ଜଳ ସମ୍ପଦ ମନ୍ତ୍ରଣାଳୟ ପକ୍ଷରୁ ଏହି ଚୟନ କରାଯାଇଛି। ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଓ୍ୱାପକୋସ ଲିମିଟେଡ୍‌ର ସଦସ୍ୟ ଦୀପେନ୍ଦ୍ର ଲାମ୍ବା ଧାର୍ମିକ ଅନୁଷ୍ଠାନ ଭାବେ ଆଶ୍ରମକୁ ଜଳ ସଂରକ୍ଷଣ ଲାଗି ପ୍ରଥମ ପୁରସ୍କାର ମିଳିବ ବୋଲି ସୂଚନା ଦେଇଛନ୍ତି। ‘ରାଷ୍ଟ୍ରୀୟ ଜଳ ପୁରସ୍କାର-୨୦୧୯’ ପାଇଁ ବିବେଚିତ ହୋଇଥିବା ନେଇ ଆଶ୍ରମର ଓ୍ୱେବସାଇଟ୍ ଇ-ମେଲ ପଠାଯାଇଥିବା ବ୍ରଜସୁନ୍ଦର ସାହୁ ସୂଚନା ଦେଇଛନ୍ତି। ଓ୍ୱାପକୋସ ପକ୍ଷରୁ ଦେଓଘର ସତ୍‌ସଙ୍ଗ ଆଶ୍ରମରୁ ଜଳ ସଂରକ୍ଷଣ ସମ୍ପର୍କିତ ୧୦ ସେକେଣ୍ଡର ଏକ ରେକର୍ଡିଂ ତଥ୍ୟ ଲୋଡ଼ାଯାଇଥିଲା। ଏହାକୁ ୨୦୨୦ ନଭେମ୍ବର ୨ ପୂର୍ବରୁ ଦାଖଲ କରାଯିବା ପାଇଁ କୁହାଯାଇଥିଲା ବୋଲି ସେ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪,୫୦,୩୦,୦୭୩ | ୧୧,୮୨,୪୬୭ | ୩,୨୮,୪୭,୮୪୧ |
| ଭାରତ | ୮୦,୭୦,୫୮୯ | ୧,୨୦,୮୯୯ | ୭୩,୪୮,୧୪୭ |
| ଓଡ଼ିଶା | ୨,୮୭,୦୯୯ | ୧୨୯୭(+୫୩) | ୨,୭୨,୦୩୮ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ସବୁଠି ଭିତିରି ଦ୍ୱନ୍ଦ୍ୱ


ମମତା କୁଣ୍ଡୁ


ସ୍ୱରୂପ ଦାସ


ମାନସ ମୋହନ ଦତ୍ତ

**ବାଲେଶ୍ୱର,୨୯।୧୦(ସ୍ୱ.ପ୍ର.)**

ଦୀର୍ଘଦିନର ବ୍ୟବଧାନ ପରେ କୋଭିଡ୍ କଟକଣାକୁ ପଛରେ ପକାଇ ରାଜ୍ୟରେ ଉପନିର୍ବାଚନ ରାଜନୀତି ଜୋର ଧରିଛି। ୨ ଲକ୍ଷ ୩୦ ହଜାର ୫୮୨ ଭୋଟର ବିଶିଷ୍ଟ ବାଲେଶ୍ୱର ଆସନ ଦଖଲ ସବୁ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିବା ଭଳି ମନେହେଉଛି। ରାଜ୍ୟର ମାଳମାଳ ନେତା ବାଲେଶ୍ୱରରେ ଡେରା ପକାଇ ରହିଛନ୍ତି। ବିଭିନ୍ନ ଭୋଟରଙ୍କ ସହ ଆଲୋଚନା ପରେ ସମସ୍ତେ ନୀରବ ରହିବା ସହ ଉପନିର୍ବାଚନରେ ଉପଯୁକ୍ତ ପ୍ରାର୍ଥୀ ଚୟନ ନେଇ ମତ ରଖିଛନ୍ତି। ଅନ୍ୟପଟେ ସେଠାରେ ଉପସ୍ଥିତି ନେତାମାନେ କୋଭିଡ୍ କଟକଣା କଥାକୁ ଏକପ୍ରକାର ଭୁଲି ନିଜ ପ୍ରାର୍ଥୀଙ୍କୁ ଜିତାଇବା ଲକ୍ଷ୍ୟ ରଖି କାର୍ଯ୍ୟ ଜାରି ରଖିଛନ୍ତି। ହେଲେ ସେଠାରେ ନିୟୋଜିତ ନେତାଙ୍କ ପ୍ରଚାର ଭୋଟରଙ୍କ ଉପରେ ସେତେଟା ପକାଇବ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି। ଏହାର କାରଣଭାବେ ସେମାନେ ସ୍ଥାନୀୟ ନେତାଙ୍କ ମତଭେଦକୁ ଇଙ୍ଗିତ କରିଛନ୍ତି।

ଏହି ଆସନର ୨୬ ପଞ୍ଚାୟତ ଏବଂ ୩୧ ମ୍ୟୁନିସିପାଲ ୱାର୍ଡ ପିଛା ଜଣେ ଲେଖା ନେତା ଏବଂ ସେମାନଙ୍କ ସହ ଏକାଧିକ କର୍ମୀଙ୍କୁ ନିୟୋଜିତ କରି ବିଜେଡି ଭୋଟ ଯୋଗାଡରେ ଲାଗିଛି। ମନ୍ତ୍ରୀ ପ୍ରତାପ ଜେନା, ସମୀର ଦାଶ, ନବ ଦାସ ଏବଂ ଜ୍ୟୋତି ପାଣିଗ୍ରାହୀଙ୍କ ସମେତ ବିଧାୟକ ପ୍ରଣବ ପ୍ରକାଶ ଦାସ, ଦେବୀ ମିଶ୍ର, ପ୍ରତାପ ଦେବ ପ୍ରମୁଖ ଦଳୀୟ ପ୍ରାର୍ଥୀ ସ୍ୱରୂପ ଦାସଙ୍କୁ ବିଜୟୀ କରିବା ପାଇଁ ବାଲେଶ୍ୱର ସହରର ବିଭିନ୍ନ ହୋଟେଲରେ ନିଜ ନିଜର କ୍ୟାମ୍ପ କରି ରଣନୀତି ଚଳାଇଛନ୍ତି। ମାତ୍ର ବାହାରୁ ଯାଇ ମ୍ୟୁନିସିପାଲ ଦାୟିତ୍ୱରେ ଥିବା ଜଣେ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ଏବଂ ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କ ମଧ୍ୟରେ ଚାଲିଥିବା ମତଭେଦ ସବୁ ଏପଟସେପଟ କରି ରଖିଛି। ଏପର୍ଯ୍ୟନ୍ତ ରବୀନ୍ଦ୍ର ଏବଂ ଜୀବନଙ୍କ ସହଯୋଗୀ ଦଳୀୟ ପ୍ରାର୍ଥୀଙ୍କୁ ଜିତେଇବାକୁ ଏକାଠି ହୋଇ ସହଯୋଗ କରୁନାହାନ୍ତି। ଫଳରେ ସ୍ଥାନୀୟ କର୍ମୀଙ୍କ ବିନା ସହଯୋଗରେ ତଳସ୍ତରରେ କାମ କରିବା କଷ୍ଟ ହେଉଥିବା ସେ କହିଛନ୍ତି। ହେଲେ ଏନେଇ ଜୀବନ ପ୍ରଦୀପ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ଆମ ମଧ୍ୟରେ ସେମିତି କିଛି ଦ୍ୱନ୍ଦ୍ୱ ନାହିଁ, ସମସ୍ତେ ଏକାଠି କାମ କରୁଛୁ। ଟିକେଟ ନ ପାଇଲେ କଷ୍ଟ ଲାଗିବା ଏକ ସ୍ୱାଭାବିକ କଥା। ହେଲେ ଦଳର ସଭାପତିଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଏକାଠି କାମ କରୁଛନ୍ତି ବୋଲି ସେ ମତ ରଖିଛନ୍ତି।

ଅନ୍ୟପଟେ ବିଜେଡି ପ୍ରାର୍ଥୀ ସ୍ୱରୂପଙ୍କ ଘର ରହିଥିବା ୱାର୍ଡ ନମ୍ବର ୫ରେ ବିଜେଡି ପଛରେ ପଡିଯାଇଥିବା ଦଳୀୟ ନେତାଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଉକ୍ତ ୱାର୍ଡରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ମାନସ ଦତ୍ତ ମଧ୍ୟ ଭଡାରେ ରହୁଛନ୍ତି। ସ୍ଥାନୀୟ ଜଣେ ଚା ଦୋକାନୀଙ୍କ କହିବା କଥା, ମଦନ ମୋହନଙ୍କର ସ୍ଥାନୀୟ ଅଞ୍ଚଳର ସବୁ ଲୋକଙ୍କ ସହ ସୁସମ୍ପର୍କ ଥିଲା, ଯାହା ତାଙ୍କ ପୁଅଙ୍କ କ୍ଷେତ୍ରରେ ଅନୁକମ୍ପା ଆକାରରେ କାମ କରିବ। ଅନ୍ୟପଟେ ଯୁକ୍ତ ୩ର ଦ୍ୱିତୀୟ ବର୍ଷରେ ପଢୁଥିବା ଛାତ୍ର ରାକେଶ ରୋଶନ ମହାପାତ୍ର କହିଛନ୍ତି, ବାଲେଶ୍ୱର ସହରରେ ଏଯାଏ କେନ୍ଦ୍ର ଓ ରାଜ୍ୟ ସରକାର ସାଧାରଣ ଗମନାଗମନର ସୁବିଧା ଠିକ୍‌ରେ କରିପାରିନାହାନ୍ତି। ଆହୁରି ଅନେକ ସମସ୍ୟା ରହିଛି ଯାହା ପ୍ରକାଶ ନ କରି ବରଂ ଭୋଟ ମାଧ୍ୟମରେ ଜଣାଇଲେ ଭଲ ହେବ। ସେପଟେ ରବୀନ୍ଦ୍ର ଜେନାଙ୍କୁ ଟିକେଟ ନ ମିଳିବା ନେଇ ଏଯାଏ ଚର୍ଚ୍ଚା ଥମିନାହିଁ। କେଉଁ କାରଣରୁ ତାଙ୍କ ଟିକେଟ କଟିଲା ସେନେଇ ତାଙ୍କ ସହଯୋଗୀ ଜାଣି ନ ପାରିବା ଯୋଗୁ ନିର୍ବାଚନରୁ ନିଜକୁ ଦୂରେଇ ରଖିଥିବା ଚର୍ଚ୍ଚା ହେଉଛି। ରବୀନ୍ଦ୍ରଙ୍କ ଜଣେ ସହଯୋଗୀଙ୍କ କହିବା କଥା, ଉପନିର୍ବାଚନ ୨ ମାସ ପୂର୍ବରୁ ଦଳର ଉପର ମହଲ ରବୀନ୍ଦ୍ର ଜେନାଙ୍କୁ ଟିକେଟ ନ ମିଳିବା କଥା ସ୍ପଷ୍ଟ କରିଥିଲା। ଏହାପରେ ପ୍ରୟାସ ଜାରି ରଖିଲେ ଟିକେଟ ମିଳିବ ବୋଲି ଦଳର ଜଣେ ପ୍ରଭାବୀ ନେତା କହିବାପରେ ସବୁକିଛି କରାଗଲା। ହେଲେ ଏହାପରେ ମଧ୍ୟ ଦଳ ଟିକେଟ ନ ମିଳିବା ରବୀନ୍ଦ୍ର ନା ଟିକେଟ ମିଳିବା ନେଇ ଆଶ୍ୱାସନା ଦେଇଥିବା ନେତାଙ୍କୁ ଚେକ୍ ଦିଆଗଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

ସେହିପରି ଭାଜପା ବିଧାୟକ ମଦନ ମୋହନ ଦତ୍ତଙ୍କ ବିୟୋଗ ପରେ ବାଲେଶ୍ୱର ଆସନ ହାତେଇବା ପାଇଁ ଦଳର ବହୁ ନେତା ଉପନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ମାନସଙ୍କୁ ଜିତାଇବାକୁ କିଛିଦିନ ତଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ସହ ବିଜେଡିକୁ ଟାର୍ଗେଟ କରିଥିଲେ। କିନ୍ତୁ ଏଠାରେ ବିଜେଡି ଭଳି ଭାଜପାରେ ମଧ୍ୟ ପ୍ରାର୍ଥିତ୍ୱକୁ ନେଇ ଦ୍ୱନ୍ଦ୍ୱ ରହିଥିବା ନିକଟରେ ଦଳ ଛାଡି ବିଜେଡିରେ ମିଶିଥିବା ଜଣେ କାର୍ଯ୍ୟକର୍ତ୍ତା କହିଛନ୍ତି। ତାଙ୍କ କହିବାନୁଯାୟୀ, ମାନସଙ୍କୁ ଭାଜପା ପ୍ରାର୍ଥିତ୍ୱ ସପକ୍ଷରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନ ଥିଲେ। ଷଡଙ୍ଗୀ ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କୁ ପ୍ରାର୍ଥୀ କରିବାକୁ ଚାହିଁଥିଲେ। ମାତ୍ର ଜାତୀୟସ୍ତରର ନେତାଙ୍କ ନିକଟରେ ଅନୁକମ୍ପା ଭୋଟ କଥା ଦର୍ଶାଇ ମାନସଙ୍କୁ ପ୍ରାର୍ଥୀ କରିବାରେ ଦଳର ଗୋଟିଏ ଗୋଷ୍ଠୀ ସଫଳ ହୋଇଛି। ଅନ୍ୟପଟେ ଜିଲା ସଭାପତି ଉମାକାନ୍ତ ନିଜ ପ୍ରାର୍ଥିତ୍ୱ କଥାକୁ ମିଥ୍ୟା ବୋଲି କହି ଏଡେଇ ଦେଇଛନ୍ତି। ସେହିପରି ଜଣେ ମଣ୍ଡଳ ସଭାପତି ନାମ ଗୋପନ ରଖିବାକୁ ସର୍ତ୍ତ ରଖି କହିଛନ୍ତି, ଗତ ସାଧାରଣ ନିର୍ବାଚନରେ ମଦନ ମୋହନ ଭାଜପାରୁ ଲଢୁଥିଲେ ମଧ୍ୟ ଏମ୍‌ପି ଭୋଟ ରବୀନ୍ଦ୍ରଙ୍କୁ ଦେବାକୁ ଭିତିରିଆ ପ୍ରୟାସ ଚଳାଇଥିଲେ। ସେହି କ୍ରମରେ ରବୀନ୍ଦ୍ର ମଧ୍ୟ ବିଧାୟକ ଭୋଟ ଭାଜପା ପ୍ରାର୍ଥୀଙ୍କୁ ଦେବାଲାଗି ନିଜ ସହଯୋଗୀଙ୍କ ଜରିଆରେ ପ୍ରୟାସ କରିଥିଲେ, ଯେଉଁଥିଲାଗି ବିଜେଡି ପ୍ରାର୍ଥିତ୍ୱକୁ ନେଇ ରବୀନ୍ଦ୍ର ଏବଂ ଜୀବନ ପ୍ରଦୀପଙ୍କ ସହଯୋଗୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ମଦନଙ୍କ ପୁଅ ସପକ୍ଷରେ ନ ଥିଲେ। ସେହିପରି ଭାଜପା ପ୍ରାର୍ଥୀଙ୍କ ପ୍ରଚାର କାର୍ଯ୍ୟରେ ଦଳର ରାଜ୍ୟ ସଭାପତି ସମୀର ମହାନ୍ତି, ଅପରାଜିତା ଷଡଙ୍ଗୀ, ବିଷ୍ଣୁ ସେଠୀ, ଲଳିତେନ୍ଦୁ ବିଦ୍ୟାଧର ମହାପତ୍ର ପ୍ରମୁଖ ସାମିଲ ଅଛନ୍ତି। ହେଲେ ପ୍ରତାପ ଏବଂ ଅପରାଜିତା ଏକାଠି ପ୍ରଚାର କରୁଥିବା ବେଳେ ଦଳର ପ୍ରାର୍ଥୀ ମାନସ ଦତ୍ତଙ୍କୁ ସେମାନଙ୍କ ସହ ଦେଖିବାକୁ ନ ମିଳିବା ଭିନ୍ନ ସଙ୍କେତ ଦେଉଥିବା ସେ କହିଛନ୍ତି। କିଛିଦିନ ତଳେ ଅପରାଜିତା ପ୍ରଚାରରେ ଆସିଥିବା ବେଳେ ପ୍ରାର୍ଥୀଙ୍କୁ ତାଙ୍କ ସହ ସାମିଲ କରା ନ ଯିବାରୁ ସେ ଅସନ୍ତୁଷ୍ଟ ହୋଇଥିବା ସେ କହିଛନ୍ତି।

କଂଗ୍ରେସ ଏହି ଉପନିର୍ବାଚନରେ ମମତା କୁଣ୍ଡୁଙ୍କୁ ପ୍ରାର୍ଥୀ କରିଛି। ହେଲେ ମମତାଙ୍କ ପ୍ରାର୍ଥିତ୍ୱ ବହୁ ଦଳୀୟ ନେତାଙ୍କୁ ଆଶ୍ଚର୍ଯ୍ୟ କରିଛି। ମମତା ୨୦୧୪ ନିର୍ବାଚନ ସମୟରେ ଆମ୍ ଆଦ୍‌ମୀ ପାର୍ଟିରୁ ଲୋକ ସଭା ପାଇଁ ଲଢି ୨୬୬୪ ଖଣ୍ଡ ଭୋଟ ପାଇଥିଲେ। ସେହି କ୍ରମରେ ବାଲେଶ୍ୱର ଆସନରୁ ମମତା ମାତ୍ର ୪୭୨ ଭୋଟ ପାଇଥିଲେ। ୨୦୧୯ରେ ସେ ବିଜେଡି ଟିକେଟ ପାଇଁ ମଧ୍ୟ ଆଶାୟୀ ଥିଲେ। ନିର୍ବାଚନ ବହୁ ପୂର୍ବରୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକ ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ହେଉଥିଲା। ମାତ୍ର ଜଣେ କଂଗ୍ରେସ ନେତାଙ୍କ କହିବା ଅନୁଯାୟୀ , ଗତ ସାଧାରଣ ନିର୍ବାଚନରେ ନିରଞ୍ଜନ ୨ଟି ଆସନ ଏବଂ ନବଜ୍ୟୋତି ବାଲେଶ୍ୱର ଲୋକ ସଭା ଆସନରୁ ମୋଟ ୧, ୭୯, ୪୦୩ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଥିଲେ। ଅନ୍ୟପଟେ ପ୍ରତାପ ଷଡଙ୍ଗୀଙ୍କୁ ୪ଲକ୍ଷ ୮୩ ହଜାର ୮୫୮ ଏବଂ ରବୀନ୍ଦ୍ର ଜେନାଙ୍କୁ ୪ଲକ୍ଷ ୭୦ ହଜାର ୯୦୨ ଖଣ୍ଡ ଭୋଟ ମିଳିଥିଲା। ଯଦି ଏଥର ନବଜ୍ୟୋତି ପ୍ରାର୍ଥୀ ହୋଇ ପରାସ୍ତ ହୋଇଥାନ୍ତେ ତେବେ ତାହା ପଟ୍ଟନାୟକ ପରିବାର ରାଜନୀତି ପାଇଁ କ୍ଷତିକର ହୋଇଥାନ୍ତା, ଯେଉଁଥିଲାଗି ନିରଞ୍ଜନ ଏଥିରେ ରାଜି ହେଲେ ନାହିଁ। ତେଣୁ ଏସବୁକୁ ଦୃଷ୍ଟିରେ ରଖି ନିରଞ୍ଜନ ପୁରୁଣା ନେତାଙ୍କୁ ଟିକେଟ ନ ଦେଇ ବାଲେଶ୍ୱର ଆସନ ନିଜ ହାତରେ ରଖିବାକୁ ମମତାଙ୍କୁ ପ୍ରାର୍ଥୀ କରିଛନ୍ତି। ନିର୍ବାଚନ ପରେ କଂଗ୍ରେସ କେତେ ଭୋଟ ପାଉଛି ଦେଖିବା ପରେ ମମତାଙ୍କ କଥା ଏଆଇସିସି ନିକଟରେ ଉଠାଯିବ ବୋଲି ଜଣାପଡିଛି

ଏପରପକ୍ଷରେ ଉପନିର୍ବାଚନକୁ ଆଉ ସପ୍ତାହକରୁ କମ୍ ସମୟ ଥିବାବେଳେ ସବୁ ଦଳର ମହିଳାଙ୍କ ଭୋଟ ହାତେଇବାକୁ ଜୋର୍‌ଦାର ପ୍ରୟାସ ଆରମ୍ଭ କରିଛନ୍ତି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ନିଜ ସପକ୍ଷରେ ନେବାକୁ ଭାଜପା ପ୍ରତ୍ୟେକ ଗୋଷ୍ଠୀ ପିଛା ୫ ହଜାର ଟଙ୍କା ଦେବାକୁ ଯୋଜନା କରିଥିବା ଭିତିରି ସୂତ୍ରରୁ ଜଣାପଡିଛି। ସେହିପରି ବିଜେଡି ମଧ୍ୟ ପ୍ରତ୍ୟେକ ମହିଳା ଗୋଷ୍ଠୀକୁ ୨ ହଜାର ଟଙ୍କା ଦେବା ପାଇଁ ଯୋଜନା ରଖିଛି ବୋଲି କୁହାଯାଉଛି। ସେପଟେ ବାଲେଶ୍ୱର ନିର୍ବାଚନମଣ୍ଡଳୀର ଜଣେ ସ୍ୱୟଂ ସହାୟିକା ସଦସ୍ୟା ସସ୍ମିତା ବେହେରା କହିଛନ୍ତି, ଯେଉଁ ଦଳ ଆମକୁ ଅଧିକ ଟଙ୍କା ଦେବ ତାଙ୍କୁ ଭୋଟ ଦେବୁ। କେଉଁ ଦଳ କେତେ ଦେଉଛି ଅପେକ୍ଷା କରିଛୁ। ଆଉ ଏକ ଗୋଷ୍ଠୀର ସଦସ୍ୟା ସୀମାରାଣୀ ନାୟକ କହିଛନ୍ତି, ସବୁଥର ପ୍ରତିଶ୍ରୁତି ଦେଇ ରାଜନୈତିକ ଦଳ କେବେ ଟଙ୍କା ଠିକ୍‌ରେ ଦିଅନ୍ତିନାହିଁ। ଆମମାନଙ୍କର ଅନେକ ଦାବି ରହିଛି, ଯିଏ ତାହା ପୂରଣ କରିବ ତାକୁ ଭୋଟ ଯିବ।






# ହବିଷିଆଳିଙ୍କୁ ଏଥର ପୁରୀ ମନା


**ପୁରୀ ଅଫିସ,୨୯।୧୦**

ମହାମାରୀ କରୋନା ବିପଦ ସମ୍ପୂର୍ଣ୍ଣ ଭାବେ ଟଳି ନାହିଁ। ପୂର୍ବାପେକ୍ଷା ଅଧିକ ସତର୍କ ହେବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ଏହାକୁ ଆମ ସମସ୍ତଙ୍କୁ ମାନିବାକୁ ପଡ଼ିବ। ନଚେତ କରୋନା ସ୍ଥିତି ପୁଣି ସାଂଘାତିକ ହୋଇପାରେ। ତେଣୁ କାର୍ତ୍ତିକ ବ୍ରତ ପାଳନ ପାଇଁ ହବିଷିଆଳିମାନେ ଏହିବର୍ଷ ଶ୍ରୀକ୍ଷେତ୍ର ଆସନ୍ତୁ ନାହିଁ। ନିଜ ଘରେ ରହି ବ୍ରତ ପାଳନ କରନ୍ତୁ। ପୁରୀ ଜିଲା ପ୍ରଶାସନ ପକ୍ଷରୁ ହବିଷିଆଳିମାନଙ୍କୁ ଏହି ଅନୁରୋଧ କରାଯାଇଛି। ପ୍ରଶାସନ ପକ୍ଷରୁ ଉପଜିଲାପାଳ ଭବତାରଣ ସାହୁ ହବିଷିଆଳିଙ୍କୁ ପୁରୀ ନ ଆସିବା ଲାଗି ନିବେଦନ କରିଛନ୍ତି। ବିଗତ କିଛିବର୍ଷ ଧରି ପୁରୀରେ ହବିଷିଆଳିଙ୍କ ଲାଗି ଯେଉଁ ଶିବିର ଆୟୋଜନ କରାଯାଇଥାଏ ଚଳିତବର୍ଷ ତାହା କରାଯାଉ ନାହିଁ। ତେଣୁ ଘରେ ରହି ମହାପ୍ରଭୁଙ୍କୁ ପ୍ରାର୍ଥନା କରିବା ଲାଗି ଉପଜିଲାପାଳ ସାହୁ ସେମାନଙ୍କୁ ଅନୁରୋଧ କରିଛନ୍ତି।

ପ୍ରତିବର୍ଷ କାର୍ତ୍ତିକ ମାସ ଆରମ୍ଭରୁ ଓଡ଼ିଶାର ବିଭିନ୍ନ ଜିଲାରୁ ପୁରୀକୁ ହଜାର ହଜାର ସଂଖ୍ୟାରେ ହବିଷିଆଳି ଆସିଥାନ୍ତି। ଏଠାକାର ମଠ, ମନ୍ଦିର, ଧର୍ମାନୁଷ୍ଠାନରେ ରହି କାର୍ତ୍ତିକ ବ୍ରତ ପାଳିଥାନ୍ତି। ପ୍ରାତଃରୁ ମାର୍କଣ୍ଡ, ଶ୍ୱେତଗଙ୍ଗା, ନରେନ୍ଦ୍ର ଏବଂ ଇନ୍ଦ୍ରଦ୍ୟୁମ୍ନ ଆଦି ପବିତ୍ର ପୁଷ୍କରିଣୀରେ ସ୍ନାନ କରି ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିଥାନ୍ତି। ଦର୍ଶନ ପରେ ସେମାନେ ରହୁଥିବା ମଠ, ଧର୍ମଶାଳା ଏବଂ ଆଶ୍ରୟସ୍ଥଳୀର ତୁଳସୀ ଚଉରା ମୂଳେ ପୂଜା କରିଥାନ୍ତି। ସେମାନେ ଦିନରେ ଗୋଟିଏ ଥର ମହାପ୍ରସାଦ ସେବନ ଅର୍ଥାତ୍ ହବିଷାନ୍ନ କରି ବ୍ରତ ପାଳିଥାନ୍ତି। ୨୦୧୬ରୁ ରାଜ୍ୟ ସରକାର ହବିଷିଆଳି ଯୋଜନାରେ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ହବିଷିଆଳିଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିଆସୁଛନ୍ତି। ୩/୪ଟି (ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ରେଲୱେ ଯାତ୍ରୀ ନିବାସ, ମୋଚିସାହି ନିକଟ ପୌରସଂସ୍ଥା କଲ୍ୟାଣ ମଣ୍ଡପ ଓ ଜଗନ୍ନାଥ ବଲ୍ଲଭ ମଠ ପରିସର) ସ୍ଥାନରେ ହବିଷିଆଳି ଶିବିର କରି ବ୍ରତଧାରୀଙ୍କ ମାଗଣାରେ ରହିବା, ମହାପ୍ରସାଦ ସେବନ ଏବଂ ମନ୍ଦିର ଦର୍ଶନ ବ୍ୟବସ୍ଥା କରିଥାନ୍ତି। ମାତ୍ର ଏବର୍ଷ କରୋନାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ହବିଷିଆଳି ଶିବିର କରାଯାଇ ନାହିଁ। ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ରହିଛି। ତେଣୁ ହବିଷିଆଳିଙ୍କୁ ଚଳିତବର୍ଷ ନ ଆସିବା ଲାଗି ପ୍ରଶାସନ ଅନୁରୋଧ କରିଛି।

## ଶ୍ରୀଲିଙ୍ଗରାଜଙ୍କ କାର୍ତ୍ତିକ ବ୍ରତ ପ୍ରସ୍ତୁତି

**ପୁରୁଣା ଭୁବନେଶ୍ୱର, ୨୯।୧୦(ଡି.ଏନ୍.ଏ.):** ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରାଇଦାମୋଦର ବେଶ ଏବଂ କାର୍ତ୍ତିକ ବ୍ରତ ପାଳନ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କୋଭିଡ-୧୯ ପାଇଁ ୭ମାସ ଧରି ଠାକୁରଙ୍କ ରୋଷ ତଥା ଆନନ୍ଦ ବଜାର ବନ୍ଦ ରହିଛି। ଫଳରେ ବ୍ରତଧାରୀଙ୍କ ପାଇଁ ମହାପ୍ରସାଦ ଉପଲବ୍ଧ ହେବା ମଧ୍ୟ ଆଶଙ୍କାରେ ରହିଛି। ନଭେମ୍ବର ୧ରୁ ପ୍ରତ୍ୟେକ ଦିନ ଠାକୁରଙ୍କ ରାଇଦାମୋଦର ବେଶ ଦୁଇ ଥର ଅନୁଷ୍ଠିତ ହେବ। ନୀତିନିର୍ଘଣ୍ଟ ଅନୁଯାୟୀ ସକାଳ ଓ ସନ୍ଧ୍ୟା ଧୂପରେ ଏହି ବେଶ ଲାଗି ହେବ।



# ଡ୍ରାଇଭରଙ୍କୁ ୨୮କୋଟିର ଜିଏସ୍‌ଟି ଠକେଇ ନୋଟିସ

**ରାଉରକେଲା ଅଫିସ,୨୯।୧୦**

ରାଉରକେଲା ସେକ୍ଟର-୨୦ ଅଞ୍ଚଳରେ ରହୁଥିବା ଡ୍ରାଇଭର ରାଜେନ୍ଦ୍ର ପଲାଇଙ୍କ ନାମରେ ୨୮କୋଟି ଟଙ୍କାର ଜିଏସ୍‌ଟି ଠକେଇ ନୋଟିସ ଜାରି ହୋଇଛି। ଓଡ଼ିଶା ଦ୍ରବ୍ୟ ଓ ସେବା କର(ଜିଏସ୍‌ଟି) ଆଇନ-୨୦୧୭ର ଦଫା ୭୪(୫) ଅନୁସାରେ ନକଲି ଇନ୍‌ଭଏସ୍‌ରେ ୨୩.୯୬କୋଟି ଟଙ୍କାର କରଯୁକ୍ତ ସାମଗ୍ରୀ ଗ୍ରହଣ କରିବା ଏବଂ ୪.୩୧କୋଟି ଟଙ୍କାର ସିଜିଏସ୍‌ଟି ଏବଂ ଏସ୍‌ଜିଏସ୍‌ଟି ଠକେଇ କରିବା ଅଭିଯୋଗରେ ଜିଏସ୍‌ଟି ବିଭାଗ ପକ୍ଷରୁ ନୋଟିସ ଜାରି ହୋଇଛି। କଟକ କେନ୍ଦ୍ରୀୟ ସିଟି ଏବଂ ଜିଏସ୍‌ଟି ଅଧିକାରୀଙ୍କ କହିବା ହେଲା ଜାନୁୟାରୀ ୨୦୧୮ରେ ରାଜେନ୍ଦ୍ର ଜାଲ୍ ଇନ୍‌ଭଏସ୍ ମାଧ୍ୟମରେ ଏହି କାରବାର କରିଛନ୍ତି। ତଦନ୍ତ ସମୟରେ ବେନାମୀ ସଂସ୍ଥାଠାରୁ ଉକ୍ତ କାରବାର ହୋଇଥିବା ଜଣାପଡ଼ିଛି। ଜାଲ୍ ଏବଂ ସାମଗ୍ରୀର ଠିକ୍ କାଗଜାଦି ବିନା ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ(ଆଇଟିସି) ହାସଲ କରାଯାଇଥିଲା। ଏଥିପାଇଁ ରାଜେନ୍ଦ୍ରଙ୍କୁ ସୁଧ ସହିତ ୪.୩୧କୋଟି ଟଙ୍କାର ଟିକସ ଦେବାକୁ ନୋଟିସ ଜାରି ହୋଇଛି। ଅପରପକ୍ଷରେ ଜିଏସ୍‌ଟିର ଏହି ନୋଟିସକୁ ରାଜେନ୍ଦ୍ର ଖଣ୍ଡନ କରିଛନ୍ତି। ସେ ପେସାରେ ଜଣେ ଡ୍ରାଇଭର। ଜାଲ୍ ଇନ୍‌ଭଏସ୍‌ରେ ଏଭଳି କୌଣସି କାରବାର କରି ନାହାନ୍ତି ବୋଲି ସେ କହିଛନ୍ତି। ଗତବର୍ଷ ଜିଏସ୍‌ଟିର କେତେଜଣ ଅଧିକାରୀ ତାଙ୍କ ଘରକୁ ଆସିଥିଲେ। ତଦନ୍ତ ପରେ ତାଙ୍କ ନାମରେ ଏଭଳି କିଛି ଠକେଇ ହୋଇଥିବା କହିଥିଲେ ବୋଲି ରାଜେନ୍ଦ୍ର କହିଛନ୍ତି।







## ଅଲିଭ୍ ରିଡ୍‌ଲେର ସଂରକ୍ଷଣ ଲାଗି ପ୍ରଶାସନିକ ପ୍ରସ୍ତୁତି

ଭୁବନେଶ୍ୱର,(ବ୍ୟୁରୋ): ଓଡ଼ିଶା ଉପକୂଳରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ପ୍ରଜନନ ସମୟରେ ସଂରକ୍ଷଣ ଓ ସୁରକ୍ଷା ନିମନ୍ତେ ବ୍ୟାପକ ପ୍ରଶାସନିକ ପ୍ରସ୍ତୁତି କରାଯାଇଛି। ଏନେଇ ଗୁରୁବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କ୍ଷମତାସମ୍ପନ୍ନ ବୈଠକରେ ସବିଶେଷ ଆଲୋଚନା କରାଯାଇଛି। ଅଲିଭ ରିଡ୍‌ଲେର ବଂଶ ବୃଦ୍ଧି, ସୁରକ୍ଷା ଏବଂ ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏଥର ମଧ୍ୟ ଏହି ଧାରା ବଜାୟ ରଖିବାକୁ ଶର୍ମା ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ବାସିନ୍ଦା ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକୁ ସକ୍ରିୟଭାବେ ସାମିଲକରି ଏହି କାର୍ଯ୍ୟକ୍ରମକୁ ଏକ ଜନ ଅଭିଯାନର ରୂପ ଦେବାକୁ ସେ ପରାମର୍ଶ ଦେଇଛନ୍ତି।


### ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...........................


ନିନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ‘ବାଲେଶ୍ୱର ବିକାଶ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ’

**ଉପନିର୍ବାଚନ**



**ଭର୍ଚୁଆଲ ରାଲିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ**

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ବାଲେଶ୍ୱରବାସୀଙ୍କର ମୋ ପ୍ରତି ସ୍ନେହ ଓ ଭଲପାଇବା ରହିଛି। ବାଲେଶ୍ୱର ଯାଇଥିଲେ ଆପଣମାନେ ବହୁ ସଂଖ୍ୟାରେ ଆସି ଥାଆନ୍ତେ। ମୋ ପାଇଁ କେହି ଜଣେ ବିବିପଦରେ ପଡ଼ୁ, ଏହା ମୁଁ ଚାହେଁ ନାହିଁ। କରୋନା ଦୂର ହେବା ପରେ ବାଲେଶ୍ୱର ଗସ୍ତ କରିବି। ଲୋକଙ୍କୁ ଭେଟିବି। ବିଜେପୁର ଭଳି ବାଲେଶ୍ୱର ବିକାଶ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ନିଜେ ବୁଝିବେ ଓ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବେ। ଗୁରୁବାର ଭର୍ଚୁଆଲ ରାଲିରେ ବାଲେଶ୍ୱର ନିର୍ବାଚନ ମଣ୍ଡଳୀର ଲୋକମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକଥା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ୧୯୯୯ ଅକ୍ଟୋବର ୨୯କୁ ଓଡ଼ିଶାବାସୀ କେବେ ବି ଭୁଲି ପାରିବେ ନାହିଁ। ୨୧ ବର୍ଷ ତଳେ ଆସିଥିବା ମହାବାତ୍ୟା ଓଡ଼ିଶା ଉପକୂଳକୁ ଛାରଖାର କରିଦେଇଥିଲା। ଓଡ଼ିଶାବାସୀଙ୍କର ଆତ୍ମବିଶ୍ୱାସ ଓ ପରିଶ୍ରମ ଯୋଗୁ ଓଡ଼ିଶାର ବିକାଶ ଆଗକୁ ବଢୁଛି। ଲୋକଙ୍କ ଜୀବନ ରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ୨୦୧୩ ଫାଇଲିନରେ ୧୦ ଲକ୍ଷ ଲୋକଙ୍କୁ ନିରାପଦ ସ୍ଥାନକୁ ନିଆଯାଇଥିଲା। ଓଡ଼ିଶାର ଏହି ସଫଳତାକୁ ଜାତିସଂଘ ପ୍ରଶଂସା କରିଥିଲା। ଓଡ଼ିଶା ହେଉଛି ଦେଶର ଏକମାତ୍ର ରାଜ୍ୟ ଯେକି ସବୁ ଲୋକଙ୍କୁ ମାଗଣାରେ କୋଭିଡ୍ ଚିକିତ୍ସା ଯୋଗାଇ ଦେଇପାରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କୋଭିଡ୍ ଯୋଦ୍ଧାଙ୍କ ନିଷ୍ଠା ଓ ଜନସାଧାରଣଙ୍କ ସହଯୋଗ ଯୋଗୁ ଏହା ସମ୍ଭବ ହୋଇଛି। ରାଜ୍ୟର କୋଭିଡ୍ ପରିଚାଳନାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ପ୍ରଶଂସା କରିଛି।

ବାଲେଶ୍ୱର ଉତ୍ତର ଓଡ଼ିଶାର ଏକ ମୁଖ୍ୟ ସହର। ଏଠାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ସହିତ ରାଜ୍ୟ ସରକାର ଏକ ନୂଆ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରିଛନ୍ତି। ଏହାକୁ ପରବର୍ତ୍ତୀ ପର୍ଯ୍ୟାୟକୁ ନେବାକୁ ଚାହୁଁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବାଲେଶ୍ୱର ଆସିଲେ ଫକୀରମୋହନ ସେନାପତିଙ୍କ କଥା ମନେ ପଡେ। ସେ ହେଉଛନ୍ତି ମୋର ପ୍ରିୟ ଲେଖକ। ତାଙ୍କର ରେବତୀ ଗଳ୍ପ ସବୁଠାରୁ ଭଲ ଲାଗେ। ସେହିପରି ଆଉ ଦୁଇଜଣଙ୍କ କଥା ମନେପଡେ। ସେମାନେ ହେଉଛନ୍ତି ବିଜୁବାବୁ ଓ ଏପିଜେ ଅବଦୁଲ କଲାମ। କଲାମ ଯେତେବେଳେ ବିଜୁବାବୁଙ୍କୁ ଭେଟୁଥିଲେ ବିଜୁବାବୁ ଗୋଟିଏ କଥା କହୁଥିଲେ, ଡକ୍ଟର କଲାମ ଆପଣ ଚାନ୍ଦିପୁରରେ ଏଭଳି କ୍ଷେପଣାସ୍ତ୍ର ତିଆରି କରନ୍ତୁ ଯାହାକି ଚାଇନାକୁ ମଧ୍ୟ ଡରାଇ ପାରିବ।

୧୯୯୩ରେ ବିଜୁବାବୁ ମୁଖ୍ୟମନ୍ତ୍ରୀ ଥିବା ବେଳେ ହିଁ ଚାନ୍ଦିପୁରରୁ ପ୍ରଥମ ପୃଥ୍ୱୀ କ୍ଷେପଣାସ୍ତ୍ର ପରୀକ୍ଷା କରାଯାଇଥିଲା। ଏହା ଏପିଜେ କଲାମ ଦ୍ୱୀପରେ ପଡିଥିଲା। ଏବେ ଯେତେବେଳେ ବାଲେଶ୍ୱରରୁ କ୍ଷେପଣାସ୍ତ୍ର ପରୀକ୍ଷା କରାଯାଉଛି ସେତେବେଳେ ଏହି ଦୁଇ ମହାନ୍ ଦେଶଭକ୍ତଙ୍କ କଥା ମନକୁ ଆସୁଛି ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଭୋଟଗ୍ରହଣ କେନ୍ଦ୍ରକୁ ସାବଧାନରେ ଯିବାକୁ ମୁଖ୍ୟମନ୍ତ୍ରୀ ବାଲେଶ୍ୱର ନିର୍ବାଚନ ମଣ୍ଡଳୀ ମତଦାତାଙ୍କୁ ଅନୁରୋଧ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଡିଏନ୍‌ଏ ରିପୋର୍ଟ:...

ପରେ କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ ସୀମାଞ୍ଚଳଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକଙ୍କୁ ପୋଲିସ ଖାଲି ମୌଖିକ ଭାବରେ ସୂଚନା ଦେଇଛି। ତେଣୁ ଲିଖିତ ରିପୋର୍ଟକୁ ପରିବାର ଲୋକେ ଅନାଇ ବସିଛନ୍ତି। ରିପୋର୍ଟ ଲିଖିତ ଆକାରରେ ପାଇବା ପରେ ସୀମାଞ୍ଚଳଙ୍କ ମୃତ ପ୍ରମାଣପତ୍ର ପାଇଁ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଆବେଦନ କରିବେ। ମୃତ ପ୍ରମାଣପତ୍ର ପାଇବା ପରେ ସୀମାଞ୍ଚଳଙ୍କର ଅନ୍ୟ କାଗଜପତ୍ର କାର୍ଯ୍ୟ କରାଯିବ ବୋଲି ପରିବାର ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ଘଟଣା ଦିନ ପେଟ୍ରୋଲ ପମ୍ପ ନିକଟରେ ମାଟିତଳେ ଥିବା ଏଲ୍‌ପିଜି ଟାଙ୍କିରେ ଗ୍ୟାସ୍ ଭର୍ତ୍ତି ସମୟରେ କୌଣସି କାରଣରୁ ଲିକ୍ ହୋଇ ବିସ୍ଫୋରଣ ହୋଇଥିଲା। ଏଥିରେ ୧୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିବାବେଳେ ୨ଜଣ ଗୁରୁତର ହୋଇଥିଲେ। ଗୁରୁତର ସଦାନନ୍ଦ ନାୟକଙ୍କ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିଲା।

### ନଡ଼ାରେ ହୋଇଥିଲା ପ୍ରତୀକାତ୍ମକ ସଂସ୍କାର

ପେଟ୍ରୋଲ ପମ୍ପ ବିସ୍ଫୋରଣ ପରଠାରୁ ସୀମାଞ୍ଚଳଙ୍କ କୌଣସି ପତ୍ତା ନ ମିଳିବାରୁ ତାଙ୍କ ମୃତ୍ୟୁ ଆଶଙ୍କାରେ ଗତ ୯ତାରିଖରେ ପରିବାର ଲୋକେ ଗ୍ରାମରେ ପ୍ରତୀକାତ୍ମକ ଅନ୍ତିମ ସଂସ୍କାର କରିଥିଲେ। ନଡ଼ା ବିଡ଼ାକୁ ନୂଆ ଲୁଗା ଘୋଡ଼ାଇ, ତାକୁ ମୃତଦେହ ବୋଲି ଭାବି କୋକେଇରେ ବାନ୍ଧି ପରିବାର ଲୋକ ଓ ଆତ୍ମୀୟସ୍ୱଜନଙ୍କ ଗହଣରେ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ଏପରି କି ପରିବାର ଲୋକେ ଶୁଦ୍ଧିକ୍ରିୟା ମଧ୍ୟ କରିଥିଲେ।

## ମରାମତି ହେବ...

ସେ ନେଇ ରାଜ୍ୟ ସରକାରମାନେ ପ୍ରସ୍ତାବ ଦେବେ। ଏହି ପର୍ଯ୍ୟାୟରେ ଡ୍ୟାମଗୁଡ଼ିକର ଉନ୍ନତୀକରଣ ସହ ଏହାର ଜଳଧାରଣ କ୍ଷମତାକୁ ମଧ୍ୟ ବୃଦ୍ଧି କରାଯିବ। ଏ ନେଇ ଅଧିକାରୀମାନଙ୍କର ତାଲିମ ପ୍ରଦାନ କାର୍ଯ୍ୟ ଜାରିରହିଛି। ଏହାଛଡ଼ା ଡ୍ୟାମ୍‌ଗୁଡ଼ିକରେ ଜଳ ପର୍ଯ୍ୟଟନର ବିକାଶ ପାଇଁ ପ୍ରକଳ୍ପର ୪ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ପ୍ରଧାନମନ୍ତ୍ରୀ ଅନୁମୋଦନ କରିଛନ୍ତି। ଡ୍ୟାମ୍ ନିର୍ମାଣରେ ଚାଇନା ଓ ଆମେରିକା ପରେ ଭାରତ ହେଉଛି ବିଶ୍ୱର ତୃତୀୟ ବୃହତ୍ ଦେଶ। ଦେଶରେ ୫,୩୩୪ ଡ୍ୟାମ୍ ରହିଛି। ୪୧୧ ଡ୍ୟାମ୍ ନିର୍ମାଣ କାର୍ଯ୍ୟ ଚାଲିଛି। ଦେଶରେ ଥିବା ୮୦ ପ୍ରତିଶତ ଡ୍ୟାମ୍ ୨୫ ବର୍ଷରୁ ଊର୍ଦ୍ଧ୍ୱ। କେତେକ ଡ୍ୟାମ୍ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ରହିଛି। ଓଡ଼ିଶାର ହୀରାକୁଦ, ଅପରକୋଲାବ, ମାଛକୁଣ୍ଡ ଭଳି କେତେକ ପୁରୁଣା ଡ୍ୟାମ୍‌ର ମରାମତି ଓ ଏହାର ଜଳ ଧାରଣ କ୍ଷମତା ବୃଦ୍ଧି କରିବାକୁ ରାଜ୍ୟସରକାର ଯୋଜନା କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଡ୍ୟାମ୍ ମରାମତି ଯୋଜନାରେ ରାଜ୍ୟ ସରକାର ପ୍ରସ୍ତାବ ଦେବେ ବୋଲି ଜଳ ସମ୍ପଦ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ଚର୍ଚ୍ଚରେ ଆତଙ୍କବାଦୀ...

ସକାଳେ ଘଟିଛି ଏକ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ। ନୋର୍ଟେ ଡେମ୍ ଚର୍ଚ୍ଚରେ ଶ୍ରଦ୍ଧାଳୁମାନେ ପ୍ରାର୍ଥନା ପାଇଁ ରୁଣ୍ଡ ହେଉଥିବାବେଳେ ହଠାତ୍ ଜଣେ ଆତଙ୍କବାଦୀ ଧସେଇ ପଶିଥିଲେ। ସେ ଅବିଚାରିତ ଭାବେ ଯାହାକୁ ପାଇଲେ ଛୁରାମାଡ଼ କରିଚାଲିଥିଲେ। ଛୁରାମାଡ଼ରେ ଚର୍ଚ୍ଚର ୱାର୍ଡେନ ଓ ଅନ୍ୟ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ପରେ ସେ ଆଉ ଜଣେ ମହିଳାଙ୍କ ମୁଣ୍ଡକାଟ କରି ହତ୍ୟା କରିଛନ୍ତି। ଆତଙ୍କବାଦୀଙ୍କ ଆକ୍ରମଣରେ ଅନେକ ଲୋକ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସୁରକ୍ଷା ବଳର ଜବାବୀ କାର୍ଯ୍ୟାନୁଷ୍ଠାନ ବେଳେ ଆକ୍ରମଣକାରୀ ମଧ୍ୟ ଆହତ ହୋଇଛନ୍ତି। ଆତଙ୍କବାଦୀଙ୍କ ଆକ୍ରମଣ ପଛର ଉଦ୍ଦେଶ୍ୟ ଜଣାପଡ଼ିନାହିଁ। ପୋଲିସ ତାଙ୍କୁ ଚିକିତ୍ସା କରାଇବା ପରେ ଜେରା କରୁଛି। ଏହି ଆକ୍ରମଣରେ ଅନ୍ୟ କେହି ସାମିଲ ନ ଥିବା ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ ସୂଚନା ଦେଇଛି। ବର୍ତ୍ତମାନ ସୁଦ୍ଧା କୌଣସି ଆତଙ୍କବାଦୀ ସଙ୍ଗଠନ ଏଥିପାଇଁ ନିଜକୁ ଦାୟୀ କରିନାହିଁ। ସ୍ୱୟଂଚାଳିତ ଅସ୍ତ୍ରଧାରୀ ପୋଲିସ ଚର୍ଚ୍ଚ ଓ ଏହାର ଆଖପାଖ ଅଞ୍ଚଳକୁ ଘେରାଉ କରିଛି। ଘଟଣା ପରେ ପାର୍ଲାମେଣ୍ଟର ନିମ୍ନ ସଦନରେ କରୋନା ଭାଇରସ୍‌କୁ ନେଇ ନୂଆ କଟକଣା ସମ୍ପର୍କରେ ହେବାକୁ ଥିବା ବିତର୍କକୁ ସ୍ଥଗିତ ରଖାଯାଇଥିଲା। ସେଠାରେ ମୃତକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଜିନ୍ କାଷ୍ଟେକ୍ସ କହିଛନ୍ତି, ଫ୍ରାନ୍ସ ପ୍ରତି ବିପଦ ବଢ଼ିଯାଇଛି। ଏଥିପାଇଁ ସବୁ ସ୍ତରରେ ସତର୍କତା ଜରୁରୀ ହୋଇପଡ଼ିଛି। ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ଏକ ଜରୁରୀ ବୈଠକ ପରେ ଆକ୍ରମଣସ୍ଥଳ ପରିଦର୍ଶନ କରିଛନ୍ତି।

ପ୍ରକାଶଯୋଗ୍ୟ, ଅକ୍ଟୋବର ୧୬ରେ ଶାର୍ଲି ଏବ୍‌ଦୋ ପତ୍ରିକାରେ ପ୍ରକାଶିତ ପ୍ରୋଫେଟ୍ ମହମ୍ମଦଙ୍କ ଏକ କାର୍ଟୁନକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ସାମୁଏଲ ପେଟି(୪୭) ନାମକ ଜଣେ ଶିକ୍ଷକ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଅଭିବ୍ୟକ୍ତିର ସ୍ୱାଧୀନତା ସମ୍ପର୍କରେ ବୁଝାଇବାକୁ ଯାଇ ଉକ୍ତ କାର୍ଟୁନ ଦେଖାଇଥିଲେ। ଏହାକୁ ନେଇ ୧୮ ବର୍ଷୀୟ ଇସ୍‌ଲିକ୍ ଶରଣାର୍ଥୀ ଅବ୍‌ଦୁଲ୍ଲା ଅଂରୋଜ ତାଙ୍କ ମୁଣ୍ଡ କାଟି ଦେଇଥିଲେ। ଏହାର ଦୁଇ ସପ୍ତାହ ନ ପୂରୁଣୁ ଉକ୍ତ ପତ୍ରିକାର ପ୍ରଚ୍ଛଦ ପୃଷ୍ଠାରେ ତୁର୍କୀ ରାଷ୍ଟ୍ରପତି ଏର୍ଡୋଗାନଙ୍କୁ କଟାକ୍ଷ କରାଯାଇଥିଲା। ଏହାକୁ ନେଇ ଫ୍ରାନ୍ସ ସହିତ ମୁସଲିମ ରାଷ୍ଟ୍ରଗୁଡ଼ିକ ମୁହାଁମୁହିଁ ହୋଇଛନ୍ତି। ଏଭଳି ସମୟରେ ଆତଙ୍କବାଦୀ ଆକ୍ରମଣ ପଛର କାରଣ ଜାଣିବା ପାଇଁ ସୁରକ୍ଷା ସଂସ୍ଥାଗୁଡ଼ିକ ତତ୍ପର ହୋଇଉଠିଛନ୍ତି। ନିସ୍ ସହରରେ ଏହା ପ୍ରଥମ ଆକ୍ରମଣ ନୁହେଁ। ପୂର୍ବରୁ ୨୦୧୬ ଜୁଲାଇ ୧୪ ରାତିରେ ବାସ୍ତିଲ ଡେ’ ପାଳନ ବେଳେ ଜଣେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀ ଟ୍ରକ୍‌ରେ ଚପାଇ ୮୬ ଜଣଙ୍କୁ ହତ୍ୟା କରିଥିଲେ। ଏହି ଅତର୍କିତ ଆକ୍ରମଣରେ ୪୫୮ ଜଣ ଆହତ ହୋଇଥିଲେ। ଶେଷରେ ୩୧ ବର୍ଷୀୟ ଆତଙ୍କବାଦୀ ଟ୍ୟୁନିସିଆ ବଂଶୋଦ୍ଭବ ମହମ୍ମଦ ଲାହ୍ୱେଜ୍ ବୁହ୍‌ଲେଲ୍ ସୁରକ୍ଷା ବଳର ଜବାବୀ କାର୍ଯ୍ୟାନୁଷ୍ଠାନରେ ଟଳି ପଡ଼ିଥିଲେ। ସଂଯୋଗବଶତଃ ସେହିଦିନ ମଧ୍ୟ ଗୁରୁବାର ଥିଲା।

## କେଶୁଭାଇ ପଟେଲଙ୍କ...

ହୋଇଥିଲେ। ଏଥିସହ ୧୯୯୮ ମାର୍ଚ୍ଚରୁ ୨୦୦୧ ଅକ୍ଟୋବର ପର୍ଯ୍ୟନ୍ତ ମଧ୍ୟ ସେ ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଅସୁସ୍ଥତା କାରଣରୁ ସେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ପରେ ୨୦୧୨ରେ ସେ ଭାଜପା ଛାଡ଼ି ଗୁଜରାଟ ପରିବର୍ତ୍ତନ ପାର୍ଟି ଗଠନ କରିଥିଲେ। ଏହି ଦଳ ପରେ ଭାଜପାରେ ମିଶିଯାଇଥିଲା। ୧୯୭୭ରେ ରାଜକୋଟ ଆସନରୁ ଲୋକ ସଭା ଓ ୨୦୦୨ରେ ରାଜ୍ୟ ସଭାକୁ ସେ ନିର୍ବାଚିତ ହୋଇଥିଲେ। ୬ ଥର ଗୁଜରାଟ ବିଧାନସଭାକୁ ନିର୍ବାଚିତ ହୋଇଥିବା କେଶୁଭାଇ ୧୯୨୮ ମସିହା ଜୁଲାଇ ୨୪ରେ ଜୁନାଗଡ଼ଠାରେ ଜନ୍ମଗ୍ରହଣ କରିଥିଲେ। ସ୍ତ୍ରୀ ଲୀଲା ପଟେଲ ୨୦୦୬ରେ ଓ ଆମେରିକାରେ ରହୁଥିବା ବଡ଼ପୁଅ ପ୍ରବୀଣ ପଟେଲ ୨୦୧୭ରେ ପ୍ରାଣ ହରାଇଥିବାବେଳେ ଏବେ ୪ ପୁଅ ଓ ଜଣେ ଝିଅ ଅଛନ୍ତି। ଜନସଂଘ ଓ ଆର୍‌ଏସ୍‌ଏସ୍ ସହ ଜଡ଼ିତ ଥିବା ଏହି ନେତା ଭାଜପାର ସାଙ୍ଗଠନିକ ଶକ୍ତିବୃଦ୍ଧି କ୍ଷେତ୍ରରେ ବେଶ୍ ସହାୟକ ହୋଇଥିଲେ। ୧୯୯୦ରେ ସେ ଗୁଜରାଟର ଉପମୁଖ୍ୟମନ୍ତ୍ରୀ ହୋଇଥିଲେ।

## ଗୃହ କମିଟିରେ...

ଟୁଇଟର୍‌ର ପ୍ରତିନିଧିମାନଙ୍କୁ ଚେତାବନୀ ଦେଇଥିଲେ। ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ବିଲ୍, ୨୦୧୯ ଉପରେ ଗଠିତ ଯୁଗ୍ମ କମିଟି ଆଗରେ ଟୁଇଟର୍‌ର ଭାରତ ପାଇଁ ଥିବା ସାଧାରଣ ନୀତି ଓ ଯୋଗାଯୋଗ ଟିମ୍‌ର ସଦସ୍ୟ ଶଗୁଫ୍‌ତା କମ୍‌ରାନ, ଆୟୁଷି କପୁର, ପଲ୍ଲଭି ୱାଲିଆ ଏବଂ ମନଭିନ୍ଦର ବାଲି ହାଜର ହୋଇଥିଲେ। ଉପରୋକ୍ତ ପ୍ରସଙ୍ଗରେ ଭାରତୀୟଙ୍କ ସମ୍ବେଦନଶୀଳତା ନେଇ କମ୍ପାନୀ ସଚେତନ ଅଛି ବୋଲି ସୂଚନା ପ୍ରଯୁକ୍ତି ସଚିବଙ୍କୁ ଲେଖିଥିବା ପତ୍ର ଉପରେ କମିଟି ସେମାନଙ୍କୁ ପ୍ରଶ୍ନ କରିଥିଲା। ଏହା କେବଳ ସମ୍ବେଦନଶୀଳତା ନୁହେଁ, ଭାରତର ଆଞ୍ଚଳିକ ସଂହତି ଓ ସାର୍ବଭୌମତ୍ୱର ପ୍ରସଙ୍ଗ ବୋଲି କମିଟି ସଦସ୍ୟମାନେ କହିଥିଲେ। ମାନଚିତ୍ରର ଭୁଲ୍ ଚିତ୍ରଣ ପାଇଁ ଦେଶଦ୍ରୋହ ମାମଲା ଚାଲିପାରିବ ଓ ଏଥିପାଇଁ ୭ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ଭାରତରେ ବ୍ୟବସାୟ କରୁଥିବା ଯେକୌଣସି କମ୍ପାନୀକୁ ଦେଶର ଆଇନ ମାନିବାକୁ ହେବ ବୋଲି ଲେଖି କହିଥିଲେ। ପୂର୍ବରୁ ଟୁଇଟର୍ ଜମ୍ମୁ-କଶ୍ମୀରକୁ ଚାଇନାର ଅଂଶ ଭାବେ ଚିତ୍ରଣ କରିଥିଲା ବୋଲି ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ କହିଥିଲେ। ଶେଷରେ ଟୁଇଟର ଟିମ୍ କମିଟି ଆଗରେ କ୍ଷମା ମାଗିଥିଲା। ଭୁଲ୍ ସୁଧାରିବା ପାଇଁ କମ୍ପାନୀ କ’ଣ ପଦକ୍ଷେପ ନେଉଛି ଲିଖିତ ଭାବେ ଜଣାଇବା ପାଇଁ କମିଟି କହିଥିଲା।

## ୨ ବିରଳ କଇଁଛ ଉଦ୍ଧାର

ବାଲିଅନ୍ତା,୨୯।୧୦(ଡି.ଏନ୍.ଏ.)

ବାଲିଅନ୍ତା ଥାନା ପରିସରରେ ନିର୍ମାଣାଧୀନ ନୂତନ ଗୃହରୁ ଗୁରୁବାର ୨ଟି ବିରଳ କଇଁଛ ଉଦ୍ଧାର ହୋଇଛି। ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନେ ଏହି ୨ କଇଁଛ ବୁଲୁଥିବାର ନେବା ପାଇଁ ଚାହିଁଥିଲେ। ତେବେ ଥାନାଧିକାରୀ ପ୍ରଦୀପ କୁମାର ରାଉତ ଏହା ଜାଣି ବାରଣ କରିଥିଲେ। ଏହାସହ ଏହି କଇଁଛକୁ ସୁରକ୍ଷିତ ସ୍ଥାନରେ ଛାଡ଼ିବା ପାଇଁ ଏସ୍‌ଆଇ ଏସ୍.କେ.ଦାସଙ୍କୁ କହିଥିଲେ। ଏସ୍‌ଆଇ ଦାସ କଇଁଛ ୨ଟିକୁ ଭୁବନପୁର ଗ୍ରାମସ୍ଥିତ କୁଆଖାଇ ନଦୀରେ ଛାଡ଼ି ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ସକାଳୁ ସକାଳୁ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଓ ପୂର୍ବ ଶତ୍ରୁତା ସମ୍ପର୍କିତ ଚିନ୍ତା କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବାରେ କୌଣସି ଅସୁବିଧା ହେବ ନାହିଁ। କାମ ହାସଲ କ୍ଷେତ୍ରରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିବେ। ସାଧାରଣ କଥାରେ ଭ୍ରାତୃ ସମ୍ପର୍କ, ବନ୍ଧୁପ୍ରୀତି, ଅର୍ଥପ୍ରାପ୍ତି, ଯାତ୍ରା ଓ ଆଲୋଚନା ବାଧାପ୍ରାପ୍ତ ହେବ।

**ବୃଷ** — ଅନ୍ୟମାନଙ୍କୁ ମନେଇ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ କଥା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ନିକଟ ଅତୀତରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଭଲ ଲାଭ ପାଇବେ।

**ମିଥୁନ** — କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ପଡିପାରେ। ଭ୍ରମଣ ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢା, ଯାତ୍ରା ପାଇଁ ଦିନଟି ବହୁତ ଭଲ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହେବେ।

**କର୍କଟ** — ସାଧାରଣ କଥାରୁ କଳହ କିମ୍ବା ମନାନ୍ତର ଘଟିବାର ଆଶଙ୍କା ଉତ୍ପନ୍ନ ହୋଇପାରେ। ଟିକିଏ ଟିକିଏ କଥାରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଯାହା କି ପାରିବାରିକ ସମସ୍ୟାକୁ ବଢାଇଦେବ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇବେ।

**ସିଂହ** — ପୂର୍ବର କଳହକୁ କେନ୍ଦ୍ରକରି ନିଜର ଆତ୍ମୀୟ ଓ ପାଖ ପଡୋଶୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। ବିଳମ୍ବରେ କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ମନସ୍ତାପ କରିପାରନ୍ତି। ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷରିତ କରିପାରନ୍ତି।

**କନ୍ୟା** — କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ସାମାଜିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। ପରିବାରରେ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଆପଣଙ୍କୁ ଦୌଡିବାକୁ ପଡିପାରେ।

**ତୁଳା** — ମନ ଚାହୁଁ ନ ଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ କରିବାକୁ ବାଧ୍ୟ ହୋଇପାରନ୍ତି। ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ଅତ୍ୟଧିକ ପରିଶ୍ରମଜନିତ ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ସାହିତ୍ୟ ଚର୍ଚ୍ଚା, ଲେଖାପଢ଼ା, ନିର୍ମାଣ, ଗବେଷଣାରୁ ପ୍ରଶଂସିତ ହେବେ।

**ବିଛା** — ମିତ୍ରବନ୍ଧୁମାନଙ୍କ ଦ୍ୱାରା ଅର୍ଥ ଓ ସମ୍ମାନ ଲାଭ କରିବେ। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସକାଳୁ ସକାଳୁ ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସୀ ହୋଇଯିବ।

**ଧନୁ** — ଆଜିର ପ୍ରତ୍ୟୁଷ ଯାତ୍ରାରେ ବନ୍ଧୁମିଳନ ସଙ୍ଗକୁ ମୂଲ୍ୟବାନ ଦ୍ରବ୍ୟ ପ୍ରାପ୍ତିର ସମ୍ଭାବନା ରହିଛି। ଅଫିସରେ କିମ୍ବା ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କୁ ମିଶିବାର ସୁଯୋଗ ଲାଭ କରିବେ। ଅତିରିକ୍ତ ଭ୍ରମଣ ହେତୁ କ୍ଳାନ୍ତି ଅନୁଭବ କରିପାରନ୍ତି, ଯାହା କି ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ଭାବପ୍ରବଣତାର ବଶବର୍ତ୍ତୀ ହୋଇ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲାଭଳି କାମ କରିବା ଠିକ୍ ହେବ ନାହିଁ।

**ମକର** — ଆଜିର କର୍ମକ୍ଷେତ୍ରରେ କୌଣସି ଅପରିଚିତ ବ୍ୟକ୍ତି ଦ୍ୱାରା କାମ ହାସଲ କରିବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଯୁକ୍ତିତର୍କ କାରଣରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। କଳା ସାହିତ୍ୟ, କ୍ରୀଡା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିବେ ଓ ବନ୍ଧୁ ମିଳନରୁ ଖୁସୀ ହୋଇପାରନ୍ତି।

**କୁମ୍ଭ** — ମାନସିକ ଅସ୍ଥିରତା ବୃଦ୍ଧି ପାଇବା ପଛରେ ପରିବାରରେ ଅଶାନ୍ତ ବାତାବରଣ ମୁଖ୍ୟ କାରଣ ହୋଇପାରେ। ପାଖ ପଡୋଶୀଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନଙ୍କ ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆକସ୍ମିକ ଭାବେ ବସ୍ତ୍ରଭୂଷଣ,ଅର୍ଥ ଓ ସମ୍ମାନ ଲାଭ କରିପାରନ୍ତି।

**ମୀନ** — ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଲାଭ କରି ସହଜ ଓ ସୁବିଧାରେ କାମ ହାସଲ କରିବେ। ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବା କ୍ଷେତ୍ରରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ ମାନ୍ଦା ହେବ ନାହିଁ।

ଆଜି ଆଶ୍ୱିନ ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା, ଶ୍ରୀଗଜଲକ୍ଷ୍ମୀପୂଜା, ଇନ୍ଦ୍ରଐରାବତପୂଜା, ପୂର୍ଣ୍ଣିମାବିହିତ ଚନ୍ଦ୍ରୋପବାସ, ଅକ୍ଟୋବର ୩୦ ତାରିଖ, ଶୁକ୍ରବାର, ବିଶ୍ୱ ମିତବ୍ୟୟିତା ଦିବସ, ମହାପୁରୁଷ ମହମ୍ମଦ ଜୟନ୍ତୀ ବା ମିଲଦ-ଉନ୍-ନବି,ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ଦିବା ଘ.୦୨.୫୭ମି. ପରେ ଅଶ୍ୱିନୀ/ମେଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୫.୫୦ମି ଗତେ ଘ.୦୬.୩୫ମି.ମଧ୍ୟେ, ଘ.୦୭.୨୧ମି. ଗତେ ଘ.୦୯.୩୭ମି. ମଧ୍ୟେ, ଘ.୧୧.୫୨ମି.ଗତେ ଘ.୦୨.୫୩ମି.ମଧ୍ୟେ, ଘ.୦୩.୩୯ମି. ଗତେ ଘ.୦୫.୦୯ମି. ମଧ୍ୟେ, ସନ୍ଧ୍ୟା ଘ. ୦୬.୦୦ମି. ଗତେ ଘ ୦୯.୨୩ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦.୦୪ମି. ଗତେ ଘ.୧୧.୩୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**HIRE**

Required 30Nos of Hyva(10 wheels) for mines project at Joda & Barbil having long term basis. Trip wise billing per month estimate bill 4.5L -5L Call - 9439856856, 9776001000. D-18734




**SALE**

Buy two 1BHK combined flats on Cuttack Bhubaneswar National Highway, Telengapentha. Contact : 9090196181 D-70005

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348232008, 9776974912 D-69189

**Plot sale near AIIMS Hospital Bhubaneswar with 30’ Road. 9439206202** D-69190

Only 5nos. of premium duplex 7BHK left near KIIT Jagannath Mandir. 9937095445 D-69567

**ଭୁବନେଶ୍ୱର ଖୋର୍ଦ୍ଧା NH side ପିତାପଲ୍ଲୀ ଛକ ନିକଟରେ Electricity boundary ରାସ୍ତାଥାଇ ପ୍ଲଟ ମିଳୁଅଛି। Direct owner- 9090963952** D-69192




2BHK (both attached toilet), kitchen, drawingroom at Cuttack Road, for bachelor/ family. Contact-9937672073 D-69635

**Godown space available near Puri bypass area 18000/-, open space 15000/-. 9938125254** D-18598

2320sqft. Go-down for Rent, Talasahi, Shikarpur, Cuttack @20/-per sqft (Three month advance) Contact Saroj- 8895331410, 9437552432 D-18753

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Herbal full body massage by smart / expert therapist. Contact: 8338067247. D-69798

Monalisa massage club : All types body massage with hiprofile smart lady rooms service available 9708545108. D-18733

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69800

Swarna Spa gives Durga Puja offer @899 all type massages Ashok Nagar, 9556978408 D-70001

Get refreshment body massage by expert therapist contact for 7205084157. D-69799

Newly open full body massage SPA in Bhubaneswar. Contact: 7205058838. D-70003

Rejuvenate and Ayurvedic full body massage by smart therapist. 9348123330. D-70004

Refreshing your mind & body with best therapy at Lotus Spa. 8018234866 D-69571




Agarbati, Paper plate, Silper ମେସିନ ଘରେ ବସାଇ ରୋଜଗାର କରନ୍ତୁ! 7077645763 D-18684

**AFFIDAVIT**

By an affidavit before the Notary Public, Sambalpur, I, Riten Kand, R/o- Thelkopara, Modipara, Dist.-Sambalpur declare that my actual name is Riten Kand but in the Service Passbook my name has been wrongly mentioned as Riten Gand. Henceforth I shall be known as Riten Kand for all purposes. D-69817

By virtue of an affidavit before the Executive Magistrate, Sambalpur on dt. 29.10.2020, I Sri Indramani Behera, S/o- Hrushikesh Behera, At/Po- Badasada, PS- Khamar, Dist.- Angul, Odisha have changed my name as Indra Kumar Behera. Henceforth I shall be known as Indra Kumar Behera for all purposes. D-69818

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ମୁଁ ନିଲାକାନ୍ତି ସରାଫ @ ସାହୁ (୪୦ବର୍ଷ), ପିତା- ସ୍ୱର୍ଗତ ସଚିନ୍ଦ୍ର ସରାଫ, ସ୍ୱାମୀ- କ୍ଷୀରୋଦ ସାହୁ, ନିବାସୀ- କତରବଗା, ପୋ- ରେଙ୍ଗାଲି, ଜିଲ୍ଲା- ସମ୍ବଲପୁର ବର୍ତ୍ତମାନ ନିବାସୀ- ଝାରଘାଟି କଲୋନୀ, ନୂଆରମ୍ଭେଲା, ରେଙ୍ଗାଲି, ଥାନା- ରେଙ୍ଗାଲି, ଜିଲ୍ଲା- ସମ୍ବଲପୁର ଏତଦ୍ୱାରା ଘୋଷଣା କରୁଅଛି ଯେ, ସରକାରୀ କାଗଜପତ୍ର ଏବଂ ସାର୍ଟିଫିକେଟ ଅନୁସାରେ ମୋର ସଂଜ୍ଞା ‘‘ସରାଫ’’ ଅଟେ। ବିବାହ ପରେ ମୋର ସ୍ୱାମୀଙ୍କ ନାମାନୁଯାୟୀ ମୋର ସଂଜ୍ଞା ‘‘ସାହୁ’’ ହୋଇଅଛି। ନିଲାକାନ୍ତି ସରାଫ ଏବଂ ନିଲାକାନ୍ତି ସାହୁ ଏକ ଏବଂ ଅଭିନ୍ନ ବ୍ୟକ୍ତି ଅଟନ୍ତି। ସ୍ୱା/- ନିଲାକାନ୍ତି ସାହୁ @ ସରାଫ ଧ-୧୮୭୫୦

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## ଦାଦାବଟି ପାଇଁ ମିନିବ୍ୟାଙ୍କରେ ଭଙ୍ଗାରୁଜା

କଟକ ସଦର,(ଡି.ଏନ.ଏ.): କଟକ ସଦର ଥାନା ଅଧୀନ ବ୍ରାହ୍ମଣଝରିଲୋସ୍ଥିତ ଶ୍ରୀଜଗନ୍ନାଥ କୃଷକ ସେବା ସମବାୟ ସମିତିର ମିନିବ୍ୟାଙ୍କରେ ଗୁରୁବାର ଦାଦାବଟିକୁ ନେଇ ଗଣ୍ଡଗୋଳ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ୫ ଜଣ ଯୁବକ ବ୍ୟାଙ୍କକୁ ଆସି ବଟି ମାଗିଥିଲେ। ଏଥିରେ କ୍ୟାଶିୟର ରାଜି ନ ହେବାରୁ ସମ୍ପୃକ୍ତ ଯୁବକମାନେ ଗାଳିଗୁଲଜ କରିବା ସହ ରିଭଲଭର ଦେଖାଇଥିଲେ। ଏପରି କି କ୍ୟାସ କାଉଣ୍ଟର କାଚ ଭାଙ୍ଗି ଦେଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଲୋକମାନେ ରୁଣ୍ଡ ହୋଇଯିବାରୁ ଯୁବକମାନେ ଖସି ପଳାଇଥିଲେ। ପରେ ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ପ୍ରଣୟ କୁମାର ଦାଶ ଏ ନେଇ କଟକ ସଦର ଥାନାରେ ଅଭିଯୋଗ କରିଥିଲେ।

**ସଂକ୍ଷେପରେ**

## ପଥର ଗାଡ଼ି ଜବତ: ୩ ଗିରଫ

ଡେଲାଙ୍ଗ, ୨୯।୧୦(ଡି.ଏନ୍.ଏ.): ଡେଲାଙ୍ଗ ପୋଲିସ ବୁଧବାର ଚୋରା ପଥର ଚାଲାଣ ଅଭିଯୋଗରେ ୩ଜଣ ଗାଡ଼ି ଡ୍ରାଇଭରଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ସେମାନେ ହେଲେ ସଡାଙ୍ଗୋଇ ଗୋରଡ଼ାପିଢି ଗ୍ରାମର ସଞ୍ଜୟ ପରିଡ଼ା, ନିମାପଡା ରେଞ୍ଜ ଶାସନର ଦିବାକର ସାହୁ ଓ ସୁଜନପୁର ଗ୍ରାମର ପ୍ରଭାକର ବେହେରା। ପୋଲିସ ସେମାନଙ୍କଠାରୁ ୩ଟି ଗାଡ଼ିକୁ ମଧ ଜବତ କରିଛି। ଏ ନେଇ ନଂ.୧୭୭/୧୭୮/୧୭୯/୨୦୨୦ ମାମାଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଖୋର୍ଦ୍ଧା- ପଛନାୟିକିଆ ରାସ୍ତାରେ ବାରମ୍ବାର ପଥର ଓ ମୋରମ ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ବୁଧବାର ମଧ ଏହି ରାସ୍ତା ଦେଇ ୩ ଗାଡ଼ିରେ ପଥର ଓ ମୋରମ ଲୋଡ କରାଯାଇ ଚୋରା ଚାଲଣ ହେଉଥିବା ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉରେ ୨ଟି ଟ୍ରାକ୍ଟର ଓ ଗୋଟିଏ ଟ୍ରକକୁ ଜବତ କରିବା ସହ ୩ଜଣ ଡ୍ରାଇଭରଙ୍କୁ ଧରିଥିଲେ।

# ବଣଭୋଜି ସହ ଏଥର ଗ୍ଲାମ୍ପିଂର ମଜା

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

### ପର୍ଯ୍ୟଟନ ଋତୁ ପାଇଁ ସ୍ୱତନ୍ତ୍ର ବ୍ଲୁପ୍ରିଣ୍ଟ



ଶୀତ ଆଗମନ ସହ ଆରମ୍ଭ ହୋଇଛି ପର୍ଯ୍ୟଟନର ଋତୁ। ଏଭଳି ସମୟରେ କୋଭିଡ୍ କଟକଣା ମଧ୍ୟରେ ପର୍ଯ୍ୟଟନ ସ୍ଥଳୀଗୁଡିକରେ ପର୍ଯ୍ୟଟକଙ୍କ ଗହଳି ଚହଳି ମଧ ଦେଖିବାକୁ ମିଳୁଛି। ପୁରୀ, ଗୋପାଳପୁର, ଚାନ୍ଦବଲି, ଚନ୍ଦ୍ରଭାଗା ଆଦି ସମୁଦ୍ରକୂଳର ମଜାନେବା ସହ ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡିର ପ୍ରାକୃତିକ ଶୋଭାକୁ ଉପଭୋଗ କରିବାକୁ ପର୍ଯ୍ୟଟକଙ୍କ ଆକର୍ଷଣ ବଢ଼ିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ କରୋନା ପାଇଁ ଲୋକେ ରାଜ୍ୟ ଓ ଦେଶ ବାହାରକୁ ଯିବାକୁ ଭୟ କରୁଥିବାରୁ ଓଡ଼ିଶାରେ ରହି କିଭଳି ଏଥର ଶୀତକୁ ଉପଭୋଗ କରିପାରିବେ ସେଥିପାଇଁ କେତେକ ପଦକ୍ଷେପ ହାତକୁ ନିଆଯାଇଛି। ପ୍ରାକୃତିକ ସୌନ୍ଦର୍ଯ୍ୟର ମଜାନେବା ଓ ସାଙ୍ଗସାଥୀଙ୍କ ମେଳରେ ମଉଜମସ୍ତି କରିବା ଲାଗି ଚଳିତବର୍ଷ ପ୍ରଥମଥର ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ବଣଭୋଜି ପ୍ୟାକେଜ୍‌ର ବ୍ୟବସ୍ଥା କରାଯାଇଛି। ଘରୋଇ ପର୍ଯ୍ୟଟକଙ୍କ ପାଇଁ ଏଭଳି ବ୍ୟବସ୍ଥା କରିଛି ଓଟିଡିସି। ପ୍ରାରମ୍ଭିକ ପର୍ଯ୍ୟାୟରେ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା, ଡେରାସ, ଗୋଡ଼ିବାରି ଏବଂ ଭିତରକନିକା ଜାତୀୟ ଉଦ୍ୟାନର ଡାଙ୍ଗମାଳ ଓ ସାତକୋଶିଆର ବଡ଼ମୂଳ ପାଇଁ ବଣଭୋଜି ପ୍ୟାକେଜର ସୁବିଧା ଉପଲବ୍ଧ ହୋଇଛି।

ଚନ୍ଦକା, ଡେରାସ ଓ ଗୋଡ଼ିବାରି ପ୍ୟାକେଜ୍‌ରେ ପର୍ଯ୍ୟଟକମାନେ କୋଭିଡ୍ ଗାଇଡ୍‌ଲାଇନକୁ ପାଳନ କରି ଚନ୍ଦକା ଜଙ୍ଗଲରେ ଓପନ୍ ଜିପ୍ ସଫାରୀ, ସାଇକେଲିଂ ଓ ଟ୍ରେକିଂ ଆଦିର ଅନୁଭୂତି ନେଇପାରିବେ। ଏହି ପ୍ୟାକେଜ୍‌ରେ ପର୍ଯ୍ୟଟକଙ୍କୁ ସକାଳ ଜଳଖିଆଠାରୁ ଆରମ୍ଭ କରି ମଧ୍ୟାହ୍ନଭୋଜନ, ଚା' କଫି ଆଦି ମିଳିବ। ଗୋଟିଏ ଥରରେ ଅତିବେଶିରେ ୬ଜଣ ଏଥିରେ ବୁକିଂ କରିପାରିବେ। ସେହିଭଳି ଡାଙ୍ଗମାଳ ବଣଭୋଜି ପ୍ୟାକେଜରେ ପର୍ଯ୍ୟଟକ ଓଟିଡିସି ପକ୍ଷରୁ କରାଯାଇଥିବା ଅତିଥିନିବାସରେ ଖାଇବା ସହ ଜଙ୍ଗଲ ଟ୍ରେକିଂ ଓ ବୋଟିଂର ମଜା ପାଇପାରିବେ। ସାତକୋଶିଆ ବଡ଼ମୂଳଠାରେ ଜଣେ ପର୍ଯ୍ୟଟକଙ୍କୁ ଖାଦ୍ୟପେୟ ସହ ଯାତାୟାତ ସୁବିଧା, ସାଇକେଲିଂ, ଟ୍ରେକିଂ, ବୋଟିଂ, କେନୋପି ୱାକ୍ ଆଦିର ଅନୁଭୂତି ମିଳିପାରିବ।

ଅନ୍ୟପକ୍ଷରେ କୋଣାର୍କ ପରେ ଏବେ ରାଜ୍ୟର ଆଉ ୫ ସ୍ଥାନରେ ଇକୋ ରିଟ୍ରିଟ୍ କରିବାକୁ ସ୍ଥିର ହୋଇଛି। ଭିତରକନିକା, ରାମଚଣ୍ଡୀ, ସାତକୋଶିଆ, ଦାରିଙ୍ଗବାଡ଼ି, ହୀରାକୁଦରେ ଇକୋ ରିଟ୍ରିଟ୍ କରାଯିବା ନେଇ ପର୍ଯ୍ୟଟନ ସଚିବ ବିଶାଲ୍ ଦେବ ସୂଚନା ଦେଇଛନ୍ତି। ସାତକୋଶିଆର ବଡ଼ମୂଳ ଏବଂ ଭିତରକନିକାର ନଳିତାପାଟିଆଠାରେ ଇକୋ ରିଟ୍ରିଟ୍ କରାଯିବ। ଡିସେମ୍ବର ୧ରୁ ୨୦୨୧ ଫେବୃୟାରୀ ୨୮ ମଧ୍ୟରେ ଏହିସବୁ ସ୍ଥାନରେ ମେଗା ଇଭେଣ୍ଟ ଆୟୋଜିତ ହେବ। ପର୍ଯ୍ୟଟକଙ୍କ ରହଣି ପାଇଁ ଗ୍ଲାମ୍ପିଂ (ଅତ୍ୟାଧୁନିକ ତଥା ଆମୋଦଦାୟକ ରହଣି) ସହ ବିଭିନ୍ନ ଆକ୍ଟିଭିଟିରେ ଆୟୋଜନ କରାଯିବ। ଏହାସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମ୍ୟୁଜିକାଲ୍ ନାଇଟ୍ ପ୍ରମୁଖ ଆକର୍ଷଣ ସାଜିବ। ଏହାଦ୍ୱାରା ଚଳିତ ପର୍ଯ୍ୟଟନ ଋତୁରେ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିହେବ ଏବଂ ନଇଁ ପଡ଼ିଥିବା ପର୍ଯ୍ୟଟନ ଶିଳ୍ପକୁ ଉପରକୁ ଉଠାଇ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଏହାବାଦ୍ 'ଓଡ଼ିଶା ବାଇ ରୋଡ୍' କ୍ୟାମ୍ପେନ୍ ଅଧୀନରେ ଓଡ଼ିଶାର ଗ୍ରାମାଞ୍ଚଳ ପର୍ଯ୍ୟଟନର ପ୍ରଚାର ପ୍ରସାରକୁ ଲକ୍ଷ୍ୟ ରହିଛି। ପର୍ଯ୍ୟଟକମାନେ ସମୁଦ୍ରରେ ସ୍ନାନ କରିବା ସମୟରେ ସେମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ଏହାସହ ରାଜ୍ୟର ସମସ୍ତ ୩୫୦ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କୁ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେବା ସହ ପର୍ଯ୍ୟଟକମାନେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେଲେ ସ୍ଥାନୀୟ ପୋଲିସ ତୁରନ୍ତ ସହାୟତା କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି।

## କୂଅରୁ ମା' ପୁଅଙ୍କ ମୃତଦେହ ଉଦ୍ଧାର ଘଟଣା: ସ୍ୱାମୀ ଗିରଫ

ନିରାକାରପୁର,୨୯।୧୦(ଡି.ଏନ୍.ଏ.)

ଜଙ୍କିଆ ଥାନା ଅଧୀନ ଗୋଡିପଡ଼ା ପଞ୍ଚାୟତ ଟାଙ୍ଗୀ ସାହିର ଏକ କୂଅରୁ ମା' ପୁଅଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମୃତା ହେଲେ ବର୍ଷା ଶ୍ରୀଚନ୍ଦନ ଓ ତାଙ୍କ ୬ବର୍ଷର ପୁଅ। ଏହି ଘଟଣାରେ ଗୁରୁବାର ପୋଲିସ ବର୍ଷାଙ୍କ ସ୍ୱାମୀ ମନୋଜ କୁମାର ଶ୍ରୀଚନ୍ଦନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ମଙ୍ଗଳବାର କୌଣସି କାରଣକୁ ନେଇ ମନୋଜ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ବୁଧବାର ଅପରାହ୍ନରେ ଜଣେ ମହିଳା ନିକଟସ୍ଥ କୂଅକୁ ପାଣି ପାଇଁ ଯାଇଥିଲେ। ଏହି ସମୟରେ କୂଅରେ ଛୋଟ ପିଲା ଓ ମହିଳାଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଖୋର୍ଦ୍ଧା ଓ ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲେ। ଜଙ୍କିଆ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସୁରେଶ ଶ୍ରୀଚନ୍ଦନଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୨୦/୨୦)ରୁଜୁକରି ମନୋଜଙ୍କୁ ଗିରଫ କରିଥିଲା।

# ଅନ୍‌ଲାଇନରେ ହେବ ବୋଟ୍ ବୁକିଂ

ପୁରୀ ଅଫିସ,୨୯।୧୦

- ଚିଲିକାରେ ପର୍ଯ୍ୟଟକ ଡଙ୍ଗା ଚଳାଚଳ ପାଇଁ ଗାଇଡ୍‌ଲାଇନ
- ଲାଇଫ୍ ଜ୍ୟାକେଟ ବାଧ୍ୟତାମୂଳକ
- ଚାଲିପାରିବନି ବିନା ପଞ୍ଜୀକୃତ ବୋଟ୍
- ନକଲି ମୋତି ବିକିଲେ କଡ଼ା କାର୍ଯ୍ୟାନୁଷ୍ଠାନ

ଆସିଲାଣି ପର୍ଯ୍ୟଟନ ଋତୁ। ଚିଲିକାକୁ ଦେଶ, ବିଦେଶର ପର୍ଯ୍ୟଟକଙ୍କ ଆଗମନ ବଢ଼ିବ। ପର୍ଯ୍ୟଟକମାନେ ଯେପରି କୌଣସି ହଇରାଣ ନ ହୁଅନ୍ତି ତାହା ଉପରେ ପୁରୀ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛି। ବିଭିନ୍ନ ସମୟରେ ସାତପଡ଼ାରେ ବୋଟ୍ ବୁକିଂକୁ ନେଇ ହେଉ କିମ୍ବା ଅନ୍ୟ କୌଣସି କାରଣ ପାଇଁ ପର୍ଯ୍ୟଟକଙ୍କୁ ଶୋଷଣ ଏପରି କି ମାଡ଼ ମରାଯିବାର ନଜିର ରହିଛି। ଏହାକୁ ନଜରରେ ରଖି ଗୁରୁବାର ପୁରୀ ସର୍କିଟ ହାଉସ୍‌ରେ ଚିଲିକା ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବଲୱନ୍ତ ସିଂ ଅଧ୍ୟକ୍ଷତା କରିଥିବାବେଳେ ବିଭିନ୍ନ ବୋଟ ସଂଘର ମାଲିକ ଯୋଗଦେଇଥିଲେ।

ବୈଠକରେ ପର୍ଯ୍ୟଟକଙ୍କ ସୁବିଧାକୁ ପ୍ରାଥମିକତା ଦିଆଯାଇ ସ୍ୱତନ୍ତ୍ର ଗାଇଡ୍‌ଲାଇନ ଜାରି କରାଯାଇଛି। ପ୍ରତ୍ୟେକ ଡଙ୍ଗା ପଞ୍ଜୀକରଣ, ନବୀକରଣ ଓ ଯାଞ୍ଚ କରାଯିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ଡଙ୍ଗାରେ ଲାଇଫ୍ ଜ୍ୟାକେଟ ରହିବା ବାଧ୍ୟତାମୂଳକ। ଯଦି କୌଣସି ପର୍ଯ୍ୟଟକ ଲାଇଫ୍ ଜ୍ୟାକେଟ ପିନ୍ଧିବାକୁ ମନା କରିବେ ତାଙ୍କୁ ବୋଟକୁ ଚଢ଼ାଯିବ ନାହିଁ। ଡଙ୍ଗା ବୁକିଂ ଭଡ଼ାକୁ ନେଇ ପର୍ଯ୍ୟଟକଙ୍କୁ କାହା ସହ ଯୁକ୍ତିତର୍କ କରିବାକୁ ପଡ଼ିବ ନାହିଁ। ଅନ୍‌ଲାଇନ ମାଧ୍ୟମରେ ପର୍ଯ୍ୟଟକମାନେ ବୋଟ୍ ବୁକିଂ ଓ ଦେୟ ପଇଠ କରିବେ। ଏଥିପାଇଁ ଖୁବ୍‌ଶୀଘ୍ର ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏକ ମୋବାଇଲ ଆପ୍ ପ୍ରଚଳନ କରିବେ। ସମ୍ପୃକ୍ତ ଡଙ୍ଗା ମାଲିକ ଏବଂ ଅଂଶୀଦାରଙ୍କ ମତାମତ ନିଆଯାଇ ମୋବାଇଲ ଆପ୍ ବିକଶିତ କରାଯିବ। ଏହାଦ୍ୱାରା ସବୁ ସଂଘକୁ ସମାନ ବୁକିଂ ସୁବିଧା ମିଳିବ। ଡଙ୍ଗାରେ ଚିଲିକାର ବିଭିନ୍ନ ସ୍ଥାନକୁ ବୁଲିବା ଲାଗି ଧାର୍ଯ୍ୟ ଦର ତାଲିକା ପ୍ରଦର୍ଶନ କରାଯିବ। ନକଲି ମୋତି କାରବାର କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକସ୍ଥଳେ ପ୍ରଶାସନ ନିଜଆଡୁ ମାମଲା ରୁଜୁ କରିବ। ଏଥିସହ ବୋଟ ଚଳାଇବା ଲାଗି ଯେଉଁମାନେ ଲାଇସେନ୍ସ ପାଇଛନ୍ତି ସେମାନଙ୍କୁ ସୁଯୋଗ ଦିଆଯିବ। ବିନା ଲାଇସେନ୍ସଧାରୀ ବୋଟ୍ ନେଇ ଚିଲିକା ଭିତରକୁ ଯାଇପାରିବେ ନାହିଁ। ଚିଲିକା ଭିତରକୁ ପର୍ଯ୍ୟଟକ କିମ୍ବା ବୋଟ୍ କର୍ମଚାରୀ ପ୍ଲାଷ୍ଟିକ ସାମଗ୍ରୀ ପକାଇ ପାରିବେ ନାହିଁ। ପ୍ରତି ବୋଟ୍‌ରେ ଡଷ୍ଟବିନ ରହିବ। ପର୍ଯ୍ୟଟକଙ୍କୁ ଉତ୍ତମ ସେବା ଯୋଗାଇଦେଲେ ପର୍ଯ୍ୟଟନ ଶିଳ୍ପର ବିକାଶ ଘଟିବ ବୋଲି ଜିଲାପାଳ ସିଂ କହିଛନ୍ତି। ବୈଠକରେ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ଶଶାଙ୍କ ଶେଖର ରଥ, ଜିଲା ଜରୁରିକାଳୀନ ଅଧିକାରୀ ଇତିଶ୍ରୀ ନାୟକ, ସଦର ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

# ଚୌଦ୍ୱାର ରୂପଯାତ୍ରା ଉତ୍ସବ ବାତିଲ


ଚୌଦ୍ୱାର, ୨୯।୧୦(ଡି.ଏନ୍.ଏ.)

ଚଳିତବର୍ଷ କରୋନା କଟକଣା ଯୋଗୁ ଚୌଦ୍ୱାରର ପ୍ରସିଦ୍ଧ ରୂପଯାତ୍ରା ଉତ୍ସବକୁ କମିଶନରେଟ୍ ପୋଲିସ ପକ୍ଷରୁ ବାତିଲ କରାଯାଇଛି। ଏ ନେଇ ଚୌଦ୍ୱାର ଥାନାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଚୌଦ୍ୱାର ଥାନା ଆଇଆଇସି ବିରଞ୍ଚି ନାରାୟଣ ପତିଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଡିସିପି ପ୍ରତୀକ ସିଂ, ଜୋନ୍-୧ ଏସିପି ଅମରେନ୍ଦ୍ର ପଣ୍ଡା, ଯାତ୍ରା କମିଟି ସଭାପତି ସୁବୋଧ ନାୟକ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ। ଚୌଦ୍ୱାର ସହରାଞ୍ଚଳର ୪୦ଟି ମଣ୍ଡପରେ ୪ଫୁଟ୍‌ର ମୂର୍ତ୍ତି ନିର୍ମାଣ କରାଯିବ। ମଣ୍ଡପ ନିକଟ, ରାସ୍ତା ଓ ଯାତ୍ରା ପଡ଼ିଆରେ ଗହଳିକୁ ନିଷେଧ କରାଯାଇଛି। ପରମ୍ପରା ଦୃଷ୍ଟିରୁ ଆସନ୍ତା ୨ ଓ ୩ ତାରିଖରେ ଭସାଣି ଅନୁଷ୍ଠିତ ହେବ। ଭସାଣି ବେଳେ ପ୍ରତି ମେଢରେ ୭ଜଣ କର୍ମକର୍ତ୍ତା ରହିବେ। ମେଢଗୁଡ଼ିକୁ ବିସର୍ଜନ ପାଇଁ ଛୋଟ ଗାଡ଼ିରେ ନିଆଯିବ ଓ ଭସାଣିବେଳେ କେବଳ ଘଣ୍ଟ ବଜା ଯିବ ବୋଲି ବୈଠକରେ ସ୍ଥିର ହୋଇଛି। ମୂର୍ତ୍ତିଗୁଡ଼ିକ ପୌରପାଳିକା ପକ୍ଷରୁ ଖୋଳା ଯାଇଥିବା ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯିବ। ମେଳା ପଡ଼ିଆରେ ଦୋକାନ ବଜାର, ଦୋଳି ନ ପଡିବା ସାଙ୍ଗକୁ ଜନସମାଗମକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଛି। ପୂଜାଦିନ ଠାରୁ ବିସର୍ଜନ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ।

## ୨ ଅଟୋ ମୁହାଁମୁହିଁ : ୩ ଗୁରୁତର

ଖୁଣ୍ଟୁଣୀ,୨୯।୧୦ (ଡ଼ି.ଏନ.ଏ.)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଘଣ୍ଟିଖାଲ-ନିଧିପୁର ଛକରେ ଗୁରୁବାର ସନ୍ଧ୍ୟାରେ ୨ଟି ଅଟୋ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୩ ଜଣ ଗୁରୁତର ହୋଇଛନ୍ତି। ଖୁଣ୍ଟୁଣୀ ଥାନା ଓ ଘଣ୍ଟିଖାଲ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା ଲାଗି ସେମାନଙ୍କୁ କଟକ ଓ ଆଠଗଡ଼ ଡାକ୍ତରଖାନା ପଠାଇଥିଲେ। ଗୁରୁତରମାନଙ୍କ ପରିଚୟ ମିଳିପାରି ନ ଥିବାବେଳେ ସେମାନେ ସ୍ଥାନୀୟ ଘଣ୍ଟିଖାଲ ଓ କଖଡ଼ି ଗ୍ରାମର ବୋଲି ଘଣ୍ଟିଖାଲ ଫାଣ୍ଡି ଅଧିକାରୀ ହରିହର ବେହେରା କହିଛନ୍ତି।



ଗୁରୁବାର ଭୁବନେଶ୍ୱର ଆକାଶରେ ଚନ୍ଦ୍ର ଓ ମଙ୍ଗଳ (ନାଲି ବୃତ୍ତ ଚିହ୍ନିତ) ନିକଟତର ହୋଇଥିବାର ବିରଳ ଦୃଶ୍ୟ। (ଫଟୋ- ବିକାଶ)

## ଶାବଳ ମାଡ଼ରେ ମହିଳାଙ୍କ ମୃତ୍ୟୁ ଘଟଣା: ୨ ଗିରଫ

ନିରାକାରପୁର, ୨୯।୧୦ (ଡି.ଏନ୍.ଏ.): ଜଙ୍କିଆ ଥାନା ଅଧୀନ ଟାଙ୍କୋଳ ଗ୍ରାମରେ ଶାବଳ ମାଡ଼ରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ମୃତା ହେଲେ ସର୍ବେଶ୍ୱର ପେଣ୍ଠୋଇଙ୍କ ସ୍ତ୍ରୀ ସରୋଜିନୀ ପେଣ୍ଠୋଇ। ଏହି ଘଟଣାରେ ପୋଲିସ ଗୁରୁବାର ମୃତାଙ୍କ ଦେଢ଼ଶୁର ତାରକେଶ୍ୱର ପେଣ୍ଠୋଇ ଓ ତାଙ୍କ ସ୍ତ୍ରୀ ସଞ୍ଜୁବାଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସର୍ବେଶ୍ୱର ବାହାରେ ଚାକିରି କରୁଥିବା ବେଳେ ସରୋଜିନୀ ୩ଝିଅ, ପୁଅକୁ ନେଇ ଶାଶୁଘରେ ରୁହନ୍ତି। ବୁଧବାର ଚୁଲି ଖୋଳିବାକୁ ନେଇ ସରୋଜିନୀ ଓ ସଞ୍ଜୁବାଳାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ତାରକେଶ୍ୱର ଓ ତାଙ୍କ ସ୍ତ୍ରୀ ଶାବଳରେ ପିଟି ସରୋଜିନୀଙ୍କୁ ହତ୍ୟା କରିଥିଲେ। ଏନେଇ ସର୍ବେଶ୍ୱରଙ୍କ ବାପା ନରସିଂହଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରିଛି।


**ଭିଜିଲାନ୍ସ ସଚେତନତା ସପ୍ତାହ**

**27 ଅକ୍ଟୋବର ଠାରୁ 2 ନଭେମ୍ବର 2020**

**ସତର୍କ ଭାରତ, ସମୃଦ୍ଧ ଭାରତ**

▸▸ ଉପଭୋକ୍ତାମାନଙ୍କୁ ନିବେଦନ ◂◂

⇨ ଦୟାକରି ବୈଧ ଦେୟଠାରୁ କୌଣସି ଅତିରିକ୍ତ ଦେୟ ଦିଅନ୍ତୁ ନାହିଁ।

⇨ ଯେଉଁ ଅର୍ଥରାଶି ପୈଠ କରୁଛନ୍ତି ସେଥି ଲାଗି ରସିଦ୍/ଟିକେଟ୍ ହାସଲ କରିବାକୁ ଭୁଲନ୍ତୁ ନାହିଁ।

⇨ ଯଦି ଆପଣଙ୍କୁ କୌଣସି ରେଳବାଇ କର୍ମଚାରୀ ଲାଞ୍ଚ ମାଗୁଛନ୍ତି ବା କିଛି କାମ କରିଦେବାକୁ କହି ଅର୍ଥ ଦାବି କରୁଛନ୍ତି ତେବେ ଆପଣଙ୍କ ଅଭିଯୋଗ **ବରିଷ୍ଠ ଉପ ମହାପ୍ରବନ୍ଧକ (SDGM) ତଥା ମୁଖ୍ୟ ସତର୍କତା ଅଧିକାରୀ, ପୂର୍ବ ତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017, ଫୋନ୍ ନଂ.0674-2300230, ଫ୍ୟାକ୍ସ ନଂ.0674-2301328**ରେ ଯୋଗାଯୋଗ କରନ୍ତୁ କିମ୍ବା **sdgm@ecor.railnet.gov.in**/ୱେବସାଇଟ୍ **http://www.eastcoastrail.indianrailways.gov.in** ରେ ଇ-ମେଲ୍ କରନ୍ତୁ।

⇨ ଦୟାକରି ଅଭିଯୋଗରେ ସ୍ୱାକ୍ଷର କରିବା ସହ ସଠିକ୍ ଠିକଣା ପ୍ରଦାନ କରନ୍ତୁ। ଏ ସମ୍ପର୍କିତ ଅଭିଯୋଗଗୁଡ଼ିକର ପୁଙ୍ଖାନୁପୁଙ୍ଖ ପର୍ଯ୍ୟାଲୋଚନା କରାଯାଇ ସେସବୁ ଦିଗରେ ତତ୍କ୍ଷଣାତ ଉପଯୁକ୍ତ ପଦକ୍ଷେପ ନିଆଯାଏ। ଯଦି ଆପଣ ଆପଣଙ୍କ ନାମ ଓ ଠିକଣା ଗୁପ୍ତ ରଖିବାକୁ ଚାହୁଁଛନ୍ତି ତେବେ ସେ ବିଷୟରେ ଅଭିଯୋଗପତ୍ରରେ ଉଲ୍ଲେଖ କରନ୍ତୁ ଏବଂ ସଂପୃକ୍ତ ଅଭିଯୋଗପତ୍ରକୁ ଏକ ଜଉମୁଦଦିଆ ଲଫାପାରେ ସୁରକ୍ଷିତ ଭାବେ, **ଦି ସେକ୍ରେଟାରୀ, ସେଣ୍ଟ୍ରାଲ୍ ଭିଜିଲାନ୍ସ କମିଶନ, ସତର୍କତା ଭବନ, ବ୍ଲକ 'ଏ', ଜିପିଓ କମ୍ପ୍ଲେକ୍ସ, ଆଇଏନ୍ଏ, ନୂଆଦିଲ୍ଲୀ-110023** ଠିକଣାରେ ପ୍ରେରଣ କରନ୍ତୁ। ଲଫାପା ଉପରେ **''କମ୍ପ୍ଲେଣ୍ଟ ଅଣ୍ଡର ଦି ପବ୍ଲିକ୍ ଇଣ୍ଟରେଷ୍ଟ ଡ଼ିସ୍‌କ୍ଲୋଜର''** ସ୍ପଷ୍ଟ ଭାବେ ଲେଖିବାକୁ ଭୁଲନ୍ତୁ ନାହିଁ।

⇨ ଯଦି ରେଳବାଇରେ କୌଣସି ପ୍ରକାର ଭ୍ରଷ୍ଟାଚାର ବିଷୟରେ ଅଭିଯୋଗ ଥାଏ, ତେବେ ଆପଣ ଭିଜିଲାନ୍ସ ହେଲ୍ପଲାଇନ୍ ନଂ.**8455885031**କୁ କଲ୍ କରି ସୂଚନା ଦେଇପାରିବେ।

**ପୂର୍ବ ତଟ ରେଳପଥ**

PR-309/L/20-21

www.eastcoastrail.indianrailways.gov.in

ଭିଜିଲାନ୍ସ ହେଲ୍ପଲାଇନ୍ ନଂ.8455885031



DSPL - 92

## ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ ବାର୍ତ୍ତା

**ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**



ଆନନ୍ଦର ବିଷୟ ଏହି କି ଆମ ଦେଶର ଅନ୍ୟାନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ମଧ ଅକ୍ଟୋବର ୩୦ ତାରିଖକୁ ବିଶ୍ୱ ମିତବ୍ୟୟିତା ଦିବସ ରୂପେ ଆମେ ପାଳନ କରୁଛୁ। ଏହି ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି।

ବର୍ତ୍ତମାନ ସମୟରେ ପ୍ରତ୍ୟେକ ବ୍ୟକ୍ତି ମିତବ୍ୟୟୀ ହୋଇ ସଞ୍ଚୟକୁ ଏକ ଅଭ୍ୟାସରେ ପରିଣତ କରିବା ଆବଶ୍ୟକ। ନିୟମିତ ସଞ୍ଚୟ ବ୍ୟକ୍ତିର ଭବିଷ୍ୟତ ପାଇଁ ଆର୍ଥିକ ନିରାପତ୍ତା ପ୍ରଦାନ ସହ ଯେକୌଣସି ଜରୁରୀ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବାରେ ମଧ ସାହାଯ୍ୟ କରିଥାଏ। ସ୍ୱଳ୍ପ ସଞ୍ଚୟ ଯୋଜନାଗୁଡିକ ସମାଜର ପ୍ରତ୍ୟେକ ବର୍ଗଙ୍କ ପାଇଁ ବେଶ୍ ସରଳ ଏବଂ ସୁରକ୍ଷିତ ବୋଲି ପ୍ରମାଣିତ। ଏହି ଜମା ଯୋଜନାରେ ପୁଞ୍ଜି ନିବେଶ ପୂର୍ବକ ଜନସାଧାରଣ ନିଜର ଭବିଷ୍ୟତ ଆର୍ଥିକସ୍ଥିତି ସୁଦୃଢ଼ କରିବାର ସୁଯୋଗ ନିଅନ୍ତୁ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ସ୍ୱଳ୍ପ ସଞ୍ଚୟକୁ ଅଧିକ ଲୋକପ୍ରିୟ କରାଇବା ଦିଗରେ ବିଶେଷ ସହାୟକ ହୋଇପାରିଛି। ଡ଼ାକଘର ଏବଂ ବ୍ୟାଙ୍କମାନଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥନୈତିକ ସେବା, ସମାଜର ପ୍ରତ୍ୟେକ ବ୍ୟକ୍ତି ପାଖରେ ପହଞ୍ଚିବା ସରକାରଙ୍କର ମୂଳ ଲକ୍ଷ୍ୟ।

ମିତବ୍ୟୟିତା ଆଚରଣ ପୂର୍ବକ ଆର୍ଥିକ ସ୍ୱାବଲମ୍ବନତା ହାସଲ କରିବା ଆଜିର ଦିନରେ ଆମ ସମସ୍ତଙ୍କର ସଂକଳ୍ପ ହେଉ।

ଆମ ସମସ୍ତଙ୍କର ମିଳିତ ସହଯୋଗ ନିଷ୍ଠାପର ଓ ଅବିରତ ଉଦ୍ୟମ ଦ୍ୱାରା ବିଶ୍ୱ ମିତବ୍ୟୟିତା ଦିବସ ପାଳନର ଉଦ୍ଦେଶ୍ୟ ସାଧିତ ହେବ ବୋଲି ମୁଁ ଆଶା କରୁଛି।

(ଗଣେଶୀ ଲାଲ)

**ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**



ପ୍ରତିବର୍ଷ ପରି ଚଳିତ ବର୍ଷ ଅକ୍ଟୋବର ୩୦ ତାରିଖରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହେଉଥିବା ଆମ ସମସ୍ତଙ୍କ ପାଇଁ ଆନନ୍ଦର କଥା।

ଆର୍ଥିକ ପ୍ରଗତି ପାଇଁ ମିତବ୍ୟୟିତା ସର୍ବାଦୌ ଆବଶ୍ୟକ। ଉପଲବ୍ଧ ସମ୍ବଳର ମିତବ୍ୟୟିତାର ସହିତ ବିନିଯୋଗ ତଥା ସୁଚିନ୍ତିତ ଉପାୟରେ ବ୍ୟୟ ମାଧ୍ୟମରେ ସଞ୍ଚୟ ବୃଦ୍ଧି କରିବା ସହଜ ସାପେକ୍ଷ ହୋଇଥାଏ। ସଞ୍ଚୟ ଆମର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସହିତ ଦେଶର ପ୍ରଗତିରେ ମଧ ସକ୍ରିୟ ଯୋଗଦାନ କରିଥାଏ। ମିତବ୍ୟୟିତା ଓ ସଞ୍ଚୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ। ଅନାବଶ୍ୟକ ବ୍ୟୟରୁ ନିବୃତ୍ତ ରହି ନିଜର କ୍ଷମତା ଅନୁଯାୟୀ ସଞ୍ଚୟ କରିବା ଦ୍ୱାରା ଉଭୟ ଦେଶ ଓ ଦେଶବାସୀଙ୍କର ଅର୍ଥନୈତିକ ଅଭିବୃଦ୍ଧି ସାଧିତ ହୋଇଥାଏ। ସଞ୍ଚୟ ବ୍ୟକ୍ତିର ଭବିଷ୍ୟତର ଆବଶ୍ୟକତା ପୂରଣ କରିବା ସହିତ ଯେ କୌଣସି ଅଭାବନୀୟ ପରିସ୍ଥିତିରେ ଆବଶ୍ୟକୀୟ ସମ୍ବଳ ଯୋଗାଇଥାଏ।

ସରକାରଙ୍କର ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ବ୍ୟକ୍ତିବିଶେଷଙ୍କୁ ଆର୍ଥିକ ସ୍ୱଚ୍ଛଳତା ଏବଂ ସୁରକ୍ଷା ପ୍ରଦାନ କରିବାରେ ସହାୟକ ହୋଇଥାଏ। ଆର୍ଥିକ ଅନ୍ତର୍ଭୁକ୍ତିକରଣ ମାଧ୍ୟମରେ ରାଜ୍ୟର ଜନସାଧାରଣ ଡାକଘର ଓ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଆର୍ଥିକ ସେବାଗୁଡ଼ିକର ସଦୁପଯୋଗ କରି ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେବାପାଇଁ ମୁଁ ସମସ୍ତଙ୍କୁ ଆହ୍ୱାନ କରୁଛି। କେବଳ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରେ ହିଁ, ରାଜ୍ୟବାସୀ ନିଜର କଷ୍ଟଲବ୍ଧ ଅର୍ଥ ସଞ୍ଚୟ କରିବାକୁ ମୋର ଅନୁରୋଧ।

ରାଜ୍ୟ ସରକାରଙ୍କ ତରଫରୁ ସ୍ୱଳ୍ପ ସଞ୍ଚୟ ଜମାକାରୀମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରୋତ୍ସାହନ ଯୋଜନା ପ୍ରଚଳନ କରାଯାଇଛି। ଏହି ଯୋଜନାରେ ଅଂଶଗ୍ରହଣ କରିବା ସହିତ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନାରେ ଅର୍ଥ ବିନିଯୋଗ କରି ନିଜର ତଥା ରାଜ୍ୟର ଆର୍ଥିକ ବିକାଶରେ ଭାଗିଦାର ହେବା ପାଇଁ ମୁଁ ରାଜ୍ୟବାସୀଙ୍କୁ ବିନମ୍ର ନିବେଦନ କରିବା ସହିତ ମିତବ୍ୟୟିତାକୁ ଏକ ଅଭ୍ୟାସରେ ପରିଣତ କରିବା ପାଇଁ ଅନୁରୋଧ କରୁଛି।

ବିଶ୍ୱ ମିତବ୍ୟୟିତା ଦିବସ ଅବସରରେ ରାଜ୍ୟବାସୀଙ୍କ ଆର୍ଥିକ ସମୃଦ୍ଧି କାମନା କରିବା ସହିତ ଏହି ଦିବସର ଅପାର ସଫଳତା କାମନା କରୁଛି।

(ନବୀନ ପଟ୍ଟନାୟକ)

**ମାନ୍ୟବର ଅର୍ଥମନ୍ତ୍ରୀଙ୍କ ବାର୍ତ୍ତା**



ଅକ୍ଟୋବର ୩୦ ତାରିଖରେ ଆମ ଦେଶର ସବୁ ରାଜ୍ୟରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହେଉଅଛି। ଏହି ଉପଲକ୍ଷେ ଓଡିଶାବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ପୂରାତନ କାଳରୁ ମନୁଷ୍ୟ ଜୀବନରେ ସଞ୍ଚୟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି। ବର୍ତ୍ତମାନ ମଧ ନିଜର ଉପାର୍ଜିତ ଧନରୁ କିଛି ଅର୍ଥ ଭବିଷ୍ୟତର ଆବଶ୍ୟକତା ପାଇଁ ସଞ୍ଚୟ କରି ରଖିବା ଆମ ସମସ୍ତଙ୍କ ପାଇଁ ଏକାନ୍ତ ଆବଶ୍ୟକ ତଥା ଗୁରୁତ୍ୱପୂର୍ଣ୍ଣ। ମାତ୍ର ଦୈନନ୍ଦିନ ଜୀବନରେ ମିତବ୍ୟୟୀ ହେଲେ ହିଁ ସଞ୍ଚୟ କରିବା ସହଜସାଧ ହୋଇଥାଏ।

ଆର୍ଥିକ ବିକାଶ କ୍ଷେତ୍ରରେ ସ୍ୱଳ୍ପ ସଞ୍ଚୟର ଭୂମିକା ଅନନ୍ୟ। ବ୍ୟକ୍ତିର ଆର୍ଥିକ ସ୍ୱଚ୍ଛଳତା ଏବଂ ସୁରକ୍ଷିତ ଭବିଷ୍ୟତ ପାଇଁ ସ୍ୱଳ୍ପ ସଞ୍ଚୟ ଯୋଜନା ଏକ ସରଳ ଏବଂ ପ୍ରକୃଷ୍ଟ ମାଧ୍ୟମ। ଏହାର ଆକର୍ଷଣୀୟ ସୁଧହାର ଏବଂ ବିଭିନ୍ନ ସୁରକ୍ଷିତ ଜମା ଯୋଜନା ପ୍ରତ୍ୟେକଙ୍କୁ ଆକୃଷ୍ଟ କରିଥାଏ। ରାଜ୍ୟର ସମସ୍ତ ଡାକଘର ଓ ରାଷ୍ଟ୍ରାୟତ ବ୍ୟାଙ୍କମାନଙ୍କରେ ଏହି ସ୍ୱଳ୍ପ ସଞ୍ଚୟ ଯୋଜନାଗୁଡିକ ଉପଲବ୍ଧ। ତେଣୁ ଦୈନନ୍ଦିନ ଖର୍ଚ୍ଚରେ ମିତବ୍ୟୟିତା ଅବଲମ୍ବନ କରି ସଞ୍ଚୟକୁ ଅଭ୍ୟାସରେ ପରିଣତ କରିବା ଆଜିର ସଂକଳ୍ପ ହେଉ। ଏହି ଅଭ୍ୟାସ ବ୍ୟକ୍ତିର ଭବିଷ୍ୟତ ଜୀବନକୁ ସୁଗମ ତଥା ସୁଖମୟ କରିବାରେ ବିଶେଷ ସହାୟକ ହୋଇଥାଏ। ରାଜ୍ୟର ସମସ୍ତ ଜନସାଧାରଣଙ୍କ ପାଖରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନ ମାଧ୍ୟମରେ ଡ଼ାକଘର ଓ ବ୍ୟାଙ୍କମାନଙ୍କ ଦ୍ୱାରା ପ୍ରଦତ୍ତ ଆର୍ଥିକ ସେବାଗୁଡ଼ିକୁ ପହଞ୍ଚାଇବା ସରକାରଙ୍କର ଏକ ପ୍ରମୁଖ ଆଭିମୁଖ୍ୟ।

ସ୍ୱଳ୍ପ ସଞ୍ଚୟ ଯୋଜନାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ପ୍ରଚଳନ କରିଛନ୍ତି। ଏଥିରେ ବର୍ଷକୁ ୨୪୨୮ ଗୋଟି ଆକର୍ଷଣୀୟ ନଗଦ ପୁରସ୍କାରର ବ୍ୟବସ୍ଥା କରାଯାଇଅଛି। ପ୍ରଥମ ପୁରସ୍କାରର ମୂଲ୍ୟ ୫ଲକ୍ଷ ଟଙ୍କା ରହିଥିବାବେଳେ, ସର୍ବନିମ୍ନ ପୁରସ୍କାରର ମୂଲ୍ୟ ୨୦୦୦ ଟଙ୍କା ରହିଅଛି।

ଏଣୁ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ଅନୁରୋଧ, ସେମାନେ ସ୍ୱଳ୍ପ ସଞ୍ଚୟ ଯୋଜନାରେ ସକ୍ରିୟ ଅଂଶ ଗ୍ରହଣ କରି ନିଜର ଆର୍ଥିକ ସ୍ଥିତିକୁ ସୁରକ୍ଷିତ କରିବା ସଂଗେ ସଂଗେ ରାଜ୍ୟ ଓ ଦେଶର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ।

ଏହି ଅବସରରେ ମୁଁ ବିଶ୍ୱ ମିତବ୍ୟୟିତା ଦିବସର ସର୍ବସଫଳତା କାମନା କରୁଅଛି।

(ନିରଞ୍ଜନ ପୂଜାରୀ)

OIPR-05001/13/0004/2021

ନୂତନ ବର୍ଷର ଜନ୍ମ ସହିତ ଆମ ଭିତରେ ମଧ୍ୟ ଜନ୍ମ ନେଉ ଏକ ନୂତନ ଚେତନା। ଅତୀତକୁ ପଛରେ ଛାଡ଼ିଦେଇ ଚାଲ ଆମେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ଧାବମାନ ହେବା। **–ଶ୍ରୀମା**

# କୃଷି ଭିତ୍ତିଭୂମି ନିର୍ମାଣ କର

ଖାଦ୍ୟସାମଗ୍ରୀର ଆକାଶଛୁଆଁ ଦର ସାଧାରଣଲୋକଙ୍କୁ ହତାଶ କରିଚାଲିଛି। ଅଧିକାଂଶ ପରିବା ଦର ଏମିତି ବୃଦ୍ଧି ପାଇଛି ଯେ ତାହାକୁ ଗରିବ ଲୋକେ କିଣିବା ଅସମ୍ଭବ ହୋଇଯାଇଛି। ପିଆଜ ଓ ଆଳୁ ରୋଷେଇ ଘରେ କମ୍ ଦେଖିବାକୁ ମିଳୁଛି। କେବଳ ଉଚ୍ଚ-ମଧ୍ୟବିତ୍ତ ଏବଂ ଅତି ଧନୀ ଲୋକମାନେ ଏସବୁକୁ କିଣିପାରୁଛନ୍ତି। ଆମ ଓଡ଼ିଆ ସଂସ୍କୃତିରେ ଆଉ କିଛିଦିନ ପରେ ପଡ଼ିବ ଧର୍ମମାସ କାର୍ତ୍ତିକ। ଏହି ମାସରେ ରାଜ୍ୟରେ ପରିବା ଚାହିଦା ବଢ଼ିବ ଓ ଏହି କାରଣରୁ ପୁଣି ଦର ବୃଦ୍ଧି ଆରମ୍ଭ ହୋଇଯିବ। ଆମ ରାଜ୍ୟରେ ପିଆଜ ଓ ଆଳୁ ଏଭଳି ପରିବା ଯାହାର ଦର ବୃଦ୍ଧି ଆରମ୍ଭ ହେବା ମାତ୍ରେ ତାହା କିଛିଦିନ ମଧ୍ୟରେ ଅଣାୟତ୍ତ ହୋଇଯାଏ। ଅନ୍ୟସବୁ ପରିବା ଯାହା ସ୍ଥାନୀୟ ଅଞ୍ଚଳରେ ଉତ୍ପାଦନ ହୋଇଥାଏ ତାହା ଅଧିକ କିମ୍ବା ଯାହାଥିଲା ସେୟା ରହେ। ତେବେ ଏସବୁ ପରିବାର ଦରବୃଦ୍ଧି ହେବା ଲାଗି ସମୟ ଲାଗେ। ପ୍ରାକୃତିକ ବିପର୍ଯ୍ୟୟ ଯେହେତୁ ଓଡ଼ିଶାର ସାଥୀ ସେଥିପାଇଁ ଉତ୍ପାଦନରେ ବାଧା ଆସେ। ଶୀଘ୍ର ନଷ୍ଟ ହୋଇଯାଉଥିବା ପରିବାର ଚାହିଦା ମେଣ୍ଟାଇବା ପାଇଁ ଅନ୍ୟ ରାଜ୍ୟରୁ ଆମଦାନୀ କରିବା ଦ୍ୱାରା ଏହାର ମୂଲ୍ୟବୃଦ୍ଧି ହୋଇଥାଏ। ବାତ୍ୟା ଓ ବନ୍ୟାଭଳି ପ୍ରାକୃତିକ ବିପର୍ଯ୍ୟୟରେ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ। ଜାତୀୟ ରାଜପଥର ଅନେକ ଅଂଶ ଧୋଇଯିବା ଦ୍ୱାରା ଅନ୍ୟ ରାଜ୍ୟ ସହ ଯୋଗାଯୋଗ ସମ୍ଭବ ହୋଇପାରେନାହିଁ। ପ୍ରାକୃତିକ ବିପର୍ଯ୍ୟୟର ସାମାନ୍ୟ ପ୍ରଭାବରେ ପରିବହନ ବ୍ୟବସ୍ଥା ବି ବିଗିଡ଼ିଯାଏ। ତଥାପି ଏହି ସମସ୍ୟାର ଦୀର୍ଘମିଆଦୀ ସମାଧାନ ଲାଗି ଏପର୍ଯ୍ୟନ୍ତ କିଛି କରାଯାଇନାହିଁ। ଏଥିପାଇଁ ସ୍ୱଳ୍ପମିଆଦୀ ପଦକ୍ଷେପ ନିଆଯାଇଛି। ଦର କମ୍ କରିବା ଲାଗି ଗୁପ୍ତରେ ଠୁଳ କରିଥିବା ବ୍ୟକ୍ତି ଉପରେ ଚଢ଼ାଉ କରାଯାଇ ଗଚ୍ଛିତ ସାମଗ୍ରୀକୁ ଜବତ କରିବା, ସର୍ବଭାରତୀୟ ସ୍ତରରେ ରପ୍ତାନି ବନ୍ଦ କରିବା କିମ୍ବା ମୂଲ୍ୟ କମ୍ କରିବା ଲାଗି ଆମଦାନୀକୁ ପ୍ରୋତ୍ସାହିତ କରିବା ଭଳି ପଦକ୍ଷେପ ନିଆଯାଉଛି। ତେବେ ଏହି ସବୁ ପଦକ୍ଷେପ ସାମଗ୍ରୀ ଯୋଗାଇ ଦେବାରେ ସକ୍ଷମ ହେଉନାହିଁ। ସେମାନେ କେବଳ ଏକ ସାମୟିକ ସହାୟତା ପାଇଁ ଯୋଗାଇଦିଅନ୍ତି। ଆଉ ମଧ୍ୟ ଏହି ସବୁ ପଦକ୍ଷେପଗୁଡ଼ିକ ଗ୍ରାହକଙ୍କ ସପକ୍ଷରେ ଏବଂ ଉତ୍ପାଦକଙ୍କ ବିରୋଧରେ ରହିଆସିଛି।

## ଆଜିର ଅର୍ଥନୀତି

ଏହା କୃଷକଙ୍କୁ ସେମାନଙ୍କ କୃଷି ଉତ୍ପାଦନ ବୃଦ୍ଧିକରିବାକୁ ବାରଣ କରେ, ଯାହାଦ୍ୱାରା ମୂଲ୍ୟ ଅସ୍ଥିରତା କମ୍ କରିବା ବଦଳରେ ତାହାକୁ ଜାରି ରଖୁଛି। ଏଥର ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାର ଏହି ସମସ୍ୟା ଉପରେ ସମାନ ପ୍ରକାରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହାର ଫଳାଫଳ ନିଶ୍ଚିତଭାବେ ସାମୟିକ ରହିବ। ସରକାର ଏହାକୁ କୌଣସି ପ୍ରକାରେ ଅଣଦେଖା ନ କରି ଏହି ପୀଡ଼ାଦାୟକ ସଙ୍କଟ ପାଇଁ ଏକ ଦୀର୍ଘମିଆଦୀ ସମାଧାନର ନୂଆ ବାଟ କରିବାକୁ କ'ଣ ଚିନ୍ତା କରପାରିବେନାହିଁ?

ସରକାର ରାଜ୍ୟ ସ୍ତରରେ ଏକ ପ୍ରଭାବୀ କୃଷି ଭିତ୍ତିଭୂମି ସୃଷ୍ଟି କରିବାରେ ବିଫଳ ହୋଇଛନ୍ତି। ଏହାଯୋଗୁ ମୂଲ୍ୟବୃଦ୍ଧି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନାହିଁ। ତେବେ କୃଷି ଭିତ୍ତିଭୂମି ଗଠନ କରିବା ଲାଗି ବିକଳ୍ପ ଭାବେ ଘରୋଇ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ସରକାରଙ୍କର ଏକ ଉତ୍ତମ ନିର୍ଣ୍ଣୟ ହୋଇପାରେ। ବଳକା ଧାନର ରାଜ୍ୟ ଭାବେ ଓଡ଼ିଶା ଜଣାଶୁଣା। ତେବେ ଧାନ ଗଚ୍ଛିତ କରି ରଖିବା ପାଇଁ ଏହା ପାଖରେ ଅଧିକ ଭଣ୍ଡାରଘର ବା ପଣ୍ୟାଗାର ନାହିଁ। ଏଠାରେ କୃଷକମାନେ ସେମାନଙ୍କ ଇଚ୍ଛାରେ ଧାନ ଚାଷ କରନ୍ତି ନାହିଁ, ବରଂ ବାଧ୍ୟବାଧକତାରେ ହିଁ କରିଥାନ୍ତି। ଧାନ ବଦଳରେ ସେମାନଙ୍କୁ ସହଯୋଗ ଦେବାର ଅନ୍ୟ ବିକଳ୍ପ ଫସଲ ନ ଥିବା ଯୋଗୁ ସେମାନେ ଏହା କରନ୍ତି। ଓଡ଼ିଶାରେ ମୋଟ ବଳକା ଧାନର ପରିମାଣ ପାଖାପାଖି ୩୫ ଲକ୍ଷ ମେଟ୍ରିକ ଟନ୍। କିନ୍ତୁ ଏହାର ଭଣ୍ଡାରଘରଗୁଡ଼ିକରେ ୧୫ ଲକ୍ଷ ମେଟ୍ରିକଟନରୁ ଅଧିକ ରଖାଯିବାର ବ୍ୟବସ୍ଥା ନାହିଁ। ଏଥି ମଧ୍ୟରୁ ୧୩ ଲକ୍ଷ ମେଟ୍ରିକ ଟନ୍ ସରକାରୀ ଭଣ୍ଡାରଘରେ ରହୁଥିବାବେଳେ ୨ ଲକ୍ଷମେଟ୍ରିକ ଟନ୍ ଘରୋଇ ମାଲିକାନାରେ ରହିଥିବା ଭଣ୍ଡାର ଘରେ ରଖାଯାଉଛି। କହିବାକୁ ଗଲେ ଧାନକୁ ରାଜ୍ୟରେ ଏଣେତେଣେ ରଖାଯାଉଛି। ରାଜ୍ୟରେ ଭଣ୍ଡାର କ୍ଷମତା ଅଧିକ ବଢ଼ାଇବାର ଜରୁରୀ ଆବଶ୍ୟକତା ରହିଛି। ଏହାଦ୍ୱାରା କୃଷକମାନେ ଅଧିକ ଧାନ ଚାଷ କରିବା ପାଇଁ ଆଗ୍ରହୀ ହେବେ। କଳାହାଣ୍ଡି ଜିଲାରେ ଚାଷୀମାନେ ପିଆଜ ଉତ୍ପାଦ କରି ତାହାକୁ କେଜି ପିଛା ୫ ଟଙ୍କାରେ ବିକ୍ରି କାରିବାକୁ ବାଧ୍ୟ ହେଲେ, କିନ୍ତୁ ଏବେ ସେମାନେ ଏହାକୁ ୮୦ ଟଙ୍କାରେ କିଣୁଛନ୍ତି। ଜିଲାରେ କୌଣସି ଭଣ୍ଡାରଘର ନ ଥିବାରୁ ସେମାନେ ଏଭଳି ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁ ବାଧ୍ୟ ହେଲେ। ଗତ ବର୍ଷ ଜିଲାରେ ପାଖାପାଖି ୨,୫୦୦ ହେକ୍ଟର ଜମିରେ ପିଆଜ ଚାଷ କରାଯାଇ ପ୍ରାୟ ୩୮,୦୦୦ ଟନ୍ ଅମଳ କରାଯାଇଥିଲା। ଧର୍ମଗଡ଼, ଗୋଲମୁଣ୍ଡା, ଜୟପାଟଣା, କୋକସରା, ମାଦିଗୁଡ଼ା ଆଦି ପଞ୍ଚାୟତ ସମେତ କେସିଙ୍ଗା ଓ ମଦନପୁର ରାମପୁର ବ୍ଲକ୍‌ର ଅନେକ ପଞ୍ଚାୟତରେ ପିଆଜ ଅମଳ ହୋଇଥିଲା। ତେବେ ଜିଲାରେ ଭଣ୍ଡାରଘରର ସୁବିଧା ନ ଥିବାରୁ ପିଆଜ ଚାଷୀମାନେ ଅଭାବୀ ବିକ୍ରି କରିବାକୁ ବାଧ୍ୟ ହୋଇଥିଲେ। କ୍ଷତି ଭୟରେ ଏ ବର୍ଷ ବହୁ ପୁରୁଣା ପିଆଜ ଚାଷୀ ଏଥିରୁ ମୁହଁ ଫେରାଇ ନେଉଛନ୍ତି। କୃଷି ଉତ୍ପାଦିତ ସମାଗ୍ରୀର ସଂରକ୍ଷଣ ଦିଗରେ ଭଣ୍ଡାର ପ୍ରତିଷ୍ଠା ପାଇଁ ଘରୋଇ ନିବେଶକୁ ପ୍ରୋତ୍ସାହିତ କରିବା ପଦକ୍ଷେପ ନିଶ୍ଚିତ ଭାବେ ଏହି ଚାଷୀମାନଙ୍କୁ ଉତ୍ସାହିତ କରିବ। ଏପରିକି ବଲାଙ୍ଗୀର, ବୌଦ୍ଧ ଓ କନ୍ଧମାଳ ଜିଲାରେ ପିଆଜ ମଧ୍ୟ ଉତ୍ପାଦନ ହୁଏ ଓ ସେଠାରେ ଏହା ବହୁ ଚାଷୀଙ୍କୁ ଉତ୍ସାହିତ କରିବ। ସ୍ଥାନୀୟ ଅଞ୍ଚଳରେ ଭଣ୍ଡାର ସୁବିଧା ତଥା କୃଷକମାନଙ୍କ ଉତ୍ପାଦିତ ସାମଗ୍ରୀ ପାଇଁ ବଜାର ବ୍ୟବସ୍ଥା ସୃଷ୍ଟି କରାଗଲେ ସେମାନେ ଲମ୍ବା ସମୟ ଧରି ଏହି ଚାଷ କରିବା ପାଇଁ ଉତ୍ସାହିତ ହେବେ। 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ'ରାଜ୍ୟରେ କୃଷି ଭିତ୍ତିଭୂମି ବଢ଼ାଇବା ଲାଗି କର୍ପୋରେଟ ହାଉସ୍‌ଗୁଡ଼ିକୁ ଆମନ୍ତ୍ରଣ କରିବା ଉଚିତ। ଏହା କୃଷିଜାତ ଉତ୍ପାଦର ମୂଲ୍ୟ ଅସ୍ଥିରତାକୁ ଶାନ୍ତ କରିବା ସହ ଅନ୍ୟ ରାଜ୍ୟ ଉପରେ ଆମର ନିର୍ଭରଶୀଳତାକୁ କମାଇପାରିବ।

## ୨୫ ବର୍ଷ ତଳର ଧରିତ୍ରୀ

**୩୦ ଅକ୍ଟୋବର ୧୯୯୫**

- ଆଜରବୈଜାନ ପ୍ରଜାତନ୍ତ୍ରର ରାଜଧାନୀ ବାକୁରେ ଏକ ଭୂତଳ ମେଟ୍ରୋ ଟ୍ରେନ୍‌ରେ ଅଗ୍ନିକାଣ୍ଡ ଘଟି ୩୭୫ ଜଣ ଯାତ୍ରୀ ମୃତ।
- ଥାଇଲାଣ୍ଡରେ ବୌଦ୍ଧ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ଗୋଟିଏ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହେବା ଫଳରେ ୩୨ ଜଣ ଲୋକ ପ୍ରାଣ ହରାଇଛନ୍ତି।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| C | A | E | 4 | | | 2 | | | | 6 | | | 3 | | |
| 5 | | 9 | | | 7 | | | | | A | | | 2 | C | |
| | B | | | | | 7 | | | | | | | | 0 | |
| | 0 | | | 2 | E | 4 | | | | | D | 8 | | | |
| | 8 | | | C | D | 5 | | B | | | | | | | |
| | | | 3 | | | 1 | 6 | E | 9 | | | 5 | B | 8 | |
| | 2 | B | | | 4 | | 0 | | | | | 3 | | | |
| | | 3 | 8 | D | | | 4 | | | 5 | 2 | 1 | | | |
| E | | | A | 6 | | | | | | | 7 | | 4 | 2 | |
| | 1 | | | | | | | | | D | 6 | 9 | | | |
| | 5 | A | | | | 9 | | | | 4 | E | | 8 | 3 | |
| | | | E | | | | | | | | | D | | 4 | |
| | | | 9 | | | | | 7 | | | 5 | | | | |
| 4 | | | | | | | 2 | | 7 | 9 | 3 | B | | A | |
| 7 | | 6 | 0 | | A | | | | D | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 5 | 8 | A | 3 | 2 | 9 | 4 | 6 | D | 1 | B | 0 | 7 | E |
| D | 2 | 3 | 4 | C | B | A | 5 | E | 7 | 0 | 6 | 1 | 9 | 8 |
| 4 | 9 | 0 | 8 | 6 | 1 | 3 | D | 7 | 2 | E | A | C | 5 | B |
| 6 | E | B | 5 | 0 | 7 | 1 | 2 | C | 9 | 3 | 8 | 4 | D | A |
| 1 | A | 7 | D | 9 | E | 8 | B | 0 | 4 | C | 5 | 2 | 6 | 3 |
| B | D | 2 | 7 | 8 | 4 | 6 | C | 3 | 0 | 5 | 1 | A | E | 9 |
| 7 | 3 | A | 9 | E | D | B | 1 | 2 | 8 | 4 | C | 5 | 0 | 6 |
| 0 | 1 | C | 6 | 5 | A | E | 7 | 8 | 3 | 9 | D | B | 2 | 4 |
| 8 | 4 | E | 3 | 1 | 0 | 5 | 9 | A | 6 | B | 2 | D | C | 7 |
| 9 | 6 | 5 | 2 | B | C | D | 0 | 4 | E | A | 7 | 3 | 8 | 1 |
| 5 | B | 4 | C | A | 6 | 2 | 8 | 9 | 1 | D | E | 7 | 3 | 0 |
| 3 | 8 | 1 | 0 | D | 9 | C | 6 | 5 | A | 7 | 4 | E | B | 2 |
| A | 7 | 9 | B | 2 | 3 | 4 | E | D | C | 6 | 0 | 8 | 1 | 5 |
| 2 | 0 | D | E | 4 | 5 | 7 | 3 | 1 | B | 8 | 9 | 6 | A | C |
| E | C | 6 | 1 | 7 | 8 | 0 | A | B | 5 | 2 | 3 | 9 | 4 | D |

ଗତକାଲିର ଉତ୍ତର

# ସୀମା ସଂଘର୍ଷ



ଇଂ. ମାୟାଧର ସ୍ୱାଇଁ

ଭାରତ ଓ ଚାଇନା ହେଉଛି ପୃଥିବୀର ଦୁଇଟି ପ୍ରାଚୀନ ସଭ୍ୟତା। ଏହି ଦୁଇଦେଶରେ ଅନେକ ଜ୍ଞାନବିଜ୍ଞାନ ବିକାଶିତ ହୋଇ ସମଗ୍ର ପୃଥିବୀକୁ ପ୍ରସାରିତ ହୋଇଛି। ମାତ୍ର ଦୁଇ ଦେଶର ସଂସ୍କୃତି, ଆଚାର ବ୍ୟବହାର ପୃଥକ୍। ଅବଶ୍ୟ ପୂର୍ବରୁ ଚାଇନା ଆମର ପଡ଼ୋଶୀ ନ ଥିଲା। ମାତ୍ର ଏହା ୧୯୫୦ ମସିହାରେ ତିବ୍ବତ ଅଧିକାର କରିନେବା ପରେ ଆମର ପଡ଼ୋଶୀ ହୋଇଗଲା। ଦୁଇ ଦେଶ ମଧ୍ୟରେ ଉତ୍ତୁଙ୍ଗ ହିମାଳୟ ପ୍ରାକୃତିକ ରକ୍ଷକ ଭାବେ ରହିଛି। କିନ୍ତୁ ଆଧୁନିକ ଯୁଗରେ ଏହା ସୁରକ୍ଷା ପାଇଁ ଯଥେଷ୍ଟ ନୁହେଁ।

ଭାରତ ଓ ଚାଇନା ମଧ୍ୟରେ ଦୀର୍ଘ ୩୪୮୮ କି.ମି. ଦୈର୍ଘ୍ୟର ସୀମା ଅଛି। କିନ୍ତୁ ଏହି ସୀମା ଅନେକ କ୍ଷେତ୍ରରେ ସ୍ପଷ୍ଟ କିମ୍ବା ସୁନିର୍ଦ୍ଦିଷ୍ଟ ହୋଇ ନ ଥିବାରୁ ଦୁଇଦେଶ ମଧ୍ୟରେ ଅନେକ ବିବାଦ ଦେଖାଦେଇଛି। ୧୯୬୨ ମସିହାରେ ଏହି କାରଣରୁ ଚାଇନା ଆମ ଦେଶକୁ ଆକ୍ରମଣ କରି ଆମର ୩୭୦୦୦ ବର୍ଗ କି.ମି. ଅଞ୍ଚଳର ଅକ୍‌ସାଇ ଚାଇନାକୁ ଅଧିକାର କରି ନେଇଛି। ଏହା ବ୍ୟତୀତ ସୀମାରେ ପହରା ଦେଉଥିବା ଦୁଇ ଦେଶର ସୈନିକଙ୍କ ମଧ୍ୟରେ ମଝିରେ ମଝିରେ ସଂଘର୍ଷ ହେଉଛି। ଏହି ବର୍ଷ ଜୁନ୍ ୧୫ ତାରିଖରେ ଲଦାଖର ଗଲ୍‌ୱାନା ଉପତ୍ୟକାଠାରେ ଉଭୟ ଦେଶର ସୈନିକଙ୍କ ମଧ୍ୟରେ ସଂଘର୍ଷ ହୋଇ ଭାରତର ୨୦ଜଣ ଓ ଚାଇନାର ୪୧ ଜଣ ସୈନ୍ୟ ମୃତ୍ୟୁବରଣ କରିଥିଲେ। ଏହାପରେ ଆପୋଷ ଆଲୋଚନା ହୋଇ ପରିସ୍ଥିତି ଶାନ୍ତ ହୋଇଥିବାବେଳେ ଅଗଷ୍ଟ ୨୯ ତାରିଖ ରାତିରେ ପୁଣି ଏକ ସଂଘର୍ଷ ହୋଇଥିଲା। ଫଳରେ ଦୁଇ ଦେଶର ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଛି। ଭାରତ ସ୍ୱାଧୀନତା ଲାଭ କରିବା ପୂର୍ବରୁ ଇଂରେଜମାନେ ତିବ୍ବତ ସହ ଆମ ଦେଶର ସୀମାକୁ ସ୍ଥିର କରିଥିଲେ। ଚାଇନାର ତିବ୍ବତ ଅଧିକାର ପରେ ଏହା ସେହି ସୀମାକୁ ସ୍ୱୀକାର ନ କରି ଭାରତର କେତେକ ଅଞ୍ଚଳକୁ ଦାବି କରିଛି ଏବଂ ଅକ୍‌ସାଇ ଚାଇନା ସମେତ କେତେକ ଅଞ୍ଚଳକୁ ଅଧିକାର କରିନେଇଛି। ବର୍ତ୍ତମାନ ଯେଉଁ ସୀମାକୁ ଉଭୟ ଦେଶ ଜଗି ରହିଛନ୍ତି ତାହା ହେଉଛି ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)। ସରକାରୀ ଭାବେ କୌଣସି ଦେଶ ଏହାକୁ ନିଜ ମାନଚିତ୍ର କିମ୍ବା ଅନ୍ୟତ୍ର ସ୍ୱୀକାର କରୁ ନ ଥିଲେ ସୁଦ୍ଧା ବାସ୍ତବରେ ଏହା ହିଁ ରହିଛି ବର୍ତ୍ତମାନର ସୀମା।


ଭାରତର ଚାରିଟି ରାଜ୍ୟ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ସିକିମ୍ ଓ ଅରୁଣାଚଳ ପ୍ରଦେଶ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖର ସୀମା ଚାଇନା ସହ ଲାଗିକରି ରହିଛି। ଏହିସବୁ ଅଞ୍ଚଳ ହେଉଛି ହିମାଳୟ ପାର୍ବତ୍ୟାଞ୍ଚଳ ଅନ୍ତର୍ଗତ। ସୁଦର୍ଘ ଭାରତ-ଚାଇନା ସୀମା ପଶ୍ଚିମରେ ଲଦାଖଠାରୁ ପୂର୍ବରେ ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ବ୍ୟାପିଛି। ଏହାକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇପାରେ। ଏହା ହେଉଛି ପୂର୍ବ କ୍ଷେତ୍ର, ମଧ୍ୟ କ୍ଷେତ୍ର ଓ ପଶ୍ଚିମ କ୍ଷେତ୍ର। ପୂର୍ବ କ୍ଷେତ୍ରର ସୀମା ଅରୁଣାଚଳ ପ୍ରଦେଶ ଓ ସିକିମ୍ ସହ ସଂଲଗ୍ନ। ଅରୁଣାଚଳ ପ୍ରଦେଶ ସହ ସୀମା ହେଉଛି ୧୧୨୬ କି.ମି. ଓ ସିକିମ୍ ସହ ଏହା ହେଉଛି ୨୨୦ କି.ମି.। ସମଗ୍ର ଅରୁଣାଚଳ ପ୍ରଦେଶକୁ ଚାଇନା ନିଜର ବୋଲି ଦାବି କରୁଛି। ୧୯୧୪ ମସିହାରେ ସିମ୍‌ଲାଠାରେ ଏକ ବୈଠକରେ ଭାରତର ଉତ୍ତର-ପୂର୍ବାଞ୍ଚଳ ଓ ତିବ୍ବତ ମଧ୍ୟରେ ସୀମାରେଖା ନିର୍ଦ୍ଧାରଣ କରାଯାଇଥିଲା। ଏହି ବୈଠକରେ ବ୍ରିଟେନ୍‌ର ହେନ୍‌ରି ମାକ୍‌ମାହୋନ୍ ମୁଖ୍ୟ ମଧ୍ୟସ୍ଥ ଥିଲେ ଏବଂ ଫଳରେ ଏହି ସୀମା ରେଖାକୁ ତାଙ୍କ ନାମାନୁସାରେ 'ମାକ୍‌ମାହୋନ୍ ରେଖା' କୁହାଯାଏ। ଚାଇନା ଏହି ବୈଠକରେ ଯୋଗଦେଇଥିଲେ ସୁଦ୍ଧା ରାଜିନାମାରେ ସ୍ୱାକ୍ଷର କରି ନ ଥିଲା। ତିବ୍ବତ ଏଥିରେ ସ୍ୱାକ୍ଷର କରିଥିଲା। ଚାଇନା ବର୍ତ୍ତମାନ ଏହି ସୀମାରେଖାକୁ ସ୍ୱୀକାର କରୁନାହିଁ। ବାସ୍ତବରେ ଅରୁଣାଚଳ ପ୍ରଦେଶ କେବେ ଚାଇନା ଅଧୀନରେ ନ ଥିଲା। କେବଳ ୧୯୧୦-୧୨ ମସିହାରେ ଚାଇନା ଅରୁଣାଚଳ ପ୍ରଦେଶ ଭିତରକୁ ପଶି ଆସି ସେଠାରେ କେତେକ ଖୁଣ୍ଟି ପୋତିଥିଲା। କେବଳ ଦୁଇ ବର୍ଷ ପର୍ଯ୍ୟନ୍ତ ଏହା ଅରୁଣାଚଳ ପ୍ରଦେଶର କିଛି ଅଂଶକୁ ନିଜ ଅଧୀନରେ ରଖିଥିଲା ଏବଂ ଏହାପରେ ଏହା ଏହି ଅଞ୍ଚଳରୁ ଚାଲି ଯାଇଥିଲା। କିନ୍ତୁ ଯେତେବେଳେ ଭାରତ-ଚାଇନା ସୀମା ବିବାଦ ଆଲୋଚନା ହେଉଛି, ଚାଇନା ସେହି ସମୟର ମାନଚିତ୍ରକୁ ଦେଖାଇ ଅରୁଣାଚଳ ପ୍ରଦେଶକୁ ନିଜର ବୋଲି ଦାବି କରୁଛି।

ପୂର୍ବକ୍ଷେତ୍ର ପରେ ଭାରତ ଓ ଚାଇନା ମଧ୍ୟମରେ ଭୁଟାନ ଏବଂ ନେପାଳ ଥିବାରୁ ଭାରତର ସୀମା ସିଧାସଳଖ ଚାଇନା ସହ ସଂଲଗ୍ନ ହୋଇନାହିଁ। ଏହାପରେ ମଧ୍ୟକ୍ଷେତ୍ରରେ ଚାଇନା ସହ ଉତ୍ତରାଖଣ୍ଡର ୩୪୫ କି.ମି. ଓ ହିମାଚଳ ପ୍ରଦେଶର ୨୦୦ କି.ମି. ସୀମା ଅଛି। ଏହି କ୍ଷେତ୍ରଟି ଅପେକ୍ଷାକୃତ ବିବାଦହୀନ। ପଶ୍ଚିମ କ୍ଷେତ୍ରରେ ଲଦାଖ ସହ ଚାଇନାର ୧୫୯୭ କି.ମି. ସୀମା ଅଛି। ୧୯୬୨ ମସିହା ଯୁଦ୍ଧରେ ଚାଇନା ଏହାକୁ ଅଧିକାର କରି ନେଇଥିଲା। ସମୁଦ୍ର ପତ୍ତନରୁ ଚଉଦ ହଜାର ଫୁଟ୍‌ରୁ ଅଧିକ ଉଚ୍ଚରେ ଥିବା ଏହି ଅଞ୍ଚଳ ବର୍ଷସାରା ବରଫାବୃତ ରହିଥାଏ ଏବଂ ଏହି ଅଞ୍ଚଳରେ ପ୍ରାୟ ଜନବସତି ନାହିଁ। ପୂର୍ବରୁ ଏହି ଅଞ୍ଚଳରେ ସୀମା ସୁରକ୍ଷାବଳ ପ୍ରାୟ ରହୁ ନ ଥିଲେ। ଏପରି କି ଚାଇନା ୧୯୫୦ ମସିହାରେ ଏହାର ସିନଜାନ୍ ପ୍ରଦେଶରୁ ପଶ୍ଚିମ ତିବ୍ବତକୁ ଏକ ରାସ୍ତା ନିର୍ମାଣ କଲା, ଯାହାର ୧୮୦ କି.ମି. ଦୈର୍ଘ୍ୟ ଅକ୍‌ସାଇ ଚାଇନା ମଧ୍ୟ ଦେଇ ଯାଇଥିଲା ଏବଂ ଭାରତ ୧୯୫୭ ମସିହା ପର୍ଯ୍ୟନ୍ତ ଏହା ଜାଣି ପାରି ନ ଥିଲା। ୧୮୬୫ ମସିହାରେ ସର୍ଭେ ଅଫ୍ ଇଣ୍ଡିଆର ଅଧିକାରୀ ଉଇଲିୟମ୍ ଜନସନ୍ ଅକ୍‌ସାଇ ଚାଇନାକୁ କଶ୍ମୀର ରାଜ୍ୟର ଅଂଶ ଭାବେ ଦର୍ଶାଇ ଯେଉଁ ସୀମା ନିର୍ଦ୍ଧାରଣ କରିଥିଲେ, ତାହା 'ଜନସନ୍ ରେଖା' ଭାବେ ଜଣା। କଶ୍ମୀର ମହାରାଜା ଏହି ଅଞ୍ଚଳରେ ସହିଦୁଲ୍ଲାଠାରେ ଏକ ଦୁର୍ଗ ନିର୍ମାଣ କରି ସୈନ୍ୟ ମୁତୟନ କରିଥିଲେ। ଚାଇନା ଜନସନ୍ ରେଖାକୁ ନ ମାନିବାରୁ ବ୍ରିଟିଶ ସରକାର ୧୮୯୭ ମସିହାରେ ଏଥିରେ କେତେକ ସଂଶୋଧନ କଲେ। ଚାଇନାରେ ଅବସ୍ଥାପିତ ବ୍ରିଟିଶ୍ ରାଜଦୂତ ସାର୍ କ୍ଲଡ୍ ମାକ୍‌ଡୋନାଲ୍ଡଙ୍କ ଦ୍ୱାରା ପ୍ରସ୍ତୁତ ମାନଚିତ୍ରରେ ଅକ୍‌ସାଇ ଚାଇନାକୁ ଚାଇନାର ଅଂଶ ଭାବେ ଦର୍ଶାଯାଇଥିଲା। ଏହାକୁ 'ମ୍ୟାକାର୍ଟନୀ-ମାକ୍‌ଡୋନାଲ୍ଡ ରେଖା' କୁହାଗଲା। ସ୍ୱାଧୀନତା ପରେ ଭାରତ ଏହି ରେଖାକୁ ସ୍ୱୀକାର ନ କରି ଜନସନ୍ ରେଖା ଅନୁଯାୟୀ ଅକ୍‌ସାଇ ଚାଇନାକୁ ନିଜର କହୁଛି, କିନ୍ତୁ ଚାଇନା ମ୍ୟାକାର୍ଟନୀ-ମାକ୍‌ଡୋନାଲ୍ଡ ରେଖା ଅନୁସାରେ ଏହାକୁ ନିଜର ଦାବି କରୁଛି। ଏହି ଅଞ୍ଚଳରେ ଥିବା ଗଲ୍‌ୱାନା ଉପତ୍ୟକା ଓ ପୋଙ୍ଗ୍‌ୟାଙ୍ଗ୍ ହ୍ରଦ ନିକଟରେ ଏବେ ଦୁଇ ଦେଶ ମଧ୍ୟରେ ସଂଘର୍ଷ ଲାଗୁଛି।

ଏହିପରି ଭାବେ ଭାରତ-ଚାଇନା ସୀମା ସୁସ୍ପଷ୍ଟ ଓ ସୁନିର୍ଦ୍ଦିଷ୍ଟ ନାହିଁ। ଯାହା ଅଛି ତାହା ହେଉଛି ପ୍ରକୃତ ନିୟନ୍ତ୍ରଣ ରେଖା ଏବଂ କୌଣସି ଦେଶ ଏହାକୁ ସରକାରୀ ଭାବେ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନୁହେଁ। ଉଭୟ ଦେଶ ପାଇଁ ଗ୍ରହଣୀୟ ହେବା ଭଳି ଏକ ସୀମା ନିର୍ଦ୍ଧାରଣ ହୋଇପାରିଲେ ପୃଥିବୀର ଦୁଇ ସର୍ବବୃହତ୍ ଜନବହୁଳ ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ର ମଧ୍ୟରେ ସୌହାର୍ଦ୍ଦ୍ୟ ସ୍ଥାପିତ ହୋଇପାରିବ।

୭୦, ଲକ୍ଷ୍ମୀବିହାର, ଫେଜ୍-୧, ଭୁବନେଶ୍ୱର,
ମୋ-୯୪୩୮୬୯୩୭୨୪

# ସାଇବର ଅପରାଧର କାୟା ବିସ୍ତାର



ନଗେନ୍ଦ୍ର ନାଥ ପଟ୍ଟନାୟକ

ପ୍ରଯୁକ୍ତିଗତ ଜ୍ଞାନକୌଶଳ ତଥା ବୈଷୟିକ କ୍ଷେତ୍ରରେ ଏତେ ଭୌତିକ ବିକାଶ ଘଟିଛି ଯେ ଆଜିକାଲିର ଦୁନିଆକୁ ଆମେ କମ୍ପ୍ୟୁଟର ଯୁଗ ବୋଲି ଅଭିହିତ କରୁଛେ। ତେବେ ଆଉ ପାଦେ ଆଗେଇ ଯାଇ ପୁଣି ଦୁଇଟି ଶବ୍ଦ ଯୋଡ଼ିଦେଇ ଆମେ ଦୃଢ଼ତାର ସହ କହିପାରିବା ଯେ, ମୋବାଇଲ ବିଶେଷତଃ ଇଣ୍ଟରନେଟ ହେଉଛି ଏବକା ଯୁଗରେ ଏକମାତ୍ର ଭର୍ଚ୍ୟୁଆଲ ଦୁନିଆ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଆମ ହାତମୁଠାରେ ଥିବା ଗୋଟିଏ ମୋବାଇଲରେ ଏତେ ଅଧିକ ପ୍ରୋଗ୍ରାମ ଖଞ୍ଜା ହୋଇଥାଏ ଯେ ଆମେ ଚଲାବୁଲା କରୁଥିବାବେଳେ ମଧ୍ୟ ସବୁକିଛି କାର୍ଯ୍ୟ ନିର୍ବିଘ୍ନରେ ନିଷ୍ପାଦନ କରିପାରିବା। ଆତ୍ମୀୟସ୍ୱଜନ, ବନ୍ଧୁପରିଜନ, ଜ୍ଞାତିକୁଟୁମ୍ବଙ୍କ ସହିତ ବାର୍ତ୍ତାଳାପଠୁ ଆରମ୍ଭକରି ଘରର ଏସି (ଶୀତତାପ ନିୟନ୍ତ୍ରିତ) ଯନ୍ତ୍ର ଅଥବା କ୍ୟାମେରା ପର୍ଯ୍ୟନ୍ତ ସବୁକିଛି ଆମେ ମୋବାଇଲରୁ ହିଁ ଅପରେଟ କରିପାରିବା। କେବଳ ସେତିକି ନୁହେଁ, ଏଇ ମାମୁଲି ଯନ୍ତ୍ରଟି ଦ୍ୱାରା ଆମେ ନିଜ ବ୍ୟାଙ୍କ ଜରିଆରେ ଦେଣନେଣ କାର୍ଯ୍ୟକୁ ଅନାୟାସରେ ସମ୍ପନ୍ନ କରିବାରେ ସକ୍ଷମ ହୋଇପାରିବା। ତେବେ ଏକଥା ବି ସତ୍ୟ ଯେ ଆବଶ୍ୟକତାଠୁ ଯଥେଷ୍ଟ ଅଧିକ ସୁବିଧା ହାତେଇବା ଓ ଖୁବ୍ ସୁବିଧାଭୋଗୀ ହେବାର ପ୍ରବଣତା ଆମକୁ ବଡ଼ ଅକଳରେ ପକାଇଦେଇଛି। ଯେତେବେଳେ ଆମେ ମୋବାଇଲରୁ ନିଜର ଆକାଉଣ୍ଟ ବା ଜମା ଅର୍ଥରାଶିର ସବିଶେଷ ତଥ୍ୟ କେହି ଜଣେ ଚୋରାଇ ନେଇଯାଏ ଅଥବା ଆମର ଏଟିଏମ୍‌କୁ କ୍ଲୋନିଂ କରି ପାସୱାର୍ଡ ବଦଳାଇ ଆମର ଟଙ୍କା-ପଇସାତକ ବାହାର କରି ଚମ୍ପଟ-ଛୁ ମାରେ ଆମେ ତାକୁ ସାଇବର ଠକ ବା ଅପରାଧୀ ବୋଲି ଆଖ୍ୟା ଦେଉଥାଉ। ଏତଦ୍‌ବ୍ୟତୀତ ଆମ ମୋବାଇଲକୁ ଆସୁଥିବା ବେନାମୀ ତଥା ଅବାଞ୍ଛିତ କଲ୍ ସବୁ ଉପାର୍ଜିତ ଜମା ଟଙ୍କା-ପଇସାକୁ ଉଡ଼ାଇ ନେଇଯାଏ ବ୍ୟାଙ୍କ ଖାତାରୁ। ଏ ପ୍ରକାର ଚାଞ୍ଚଲ୍ୟକର ତଥ୍ୟକୁ ସାଇବର ଅପରାଧ ଉପରେ ଗବେଷଣା କରୁଥିବା ବିଶେଷଜ୍ଞମାନେ ଖୁଲାସା କରିବାରେ ସଫଳ ହୋଇଥିବା ଦାବି କରନ୍ତି। ତେଣୁ ଆଜିକାଲି ମୋବାଇଲ ଜରିଆରେ ବ୍ୟାଙ୍କ କାରବାର ଏବଂ ଏଟିଏମ୍‌ରୁ ପଇସା ଉଠାଇଲା ସମୟରେ ବେଶ୍ ସତର୍କତା ଅବଲମ୍ବନ କରିବା ନିହାତି ଜରୁରୀ। ଆମେ ସୋସିଆଲ ମିଡିଆକୁ( ସାମାଜିକ ଗଣମାଧ୍ୟମ) ମାତ୍ରାଧିକ ଦୁରୁପଯୋଗ କରୁଥିବାରୁ ପରିସ୍ଥିତି ଏବେ ଆମ ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି। ଏଣୁ ମୋବାଇଲ ବିଶେଷକରି ଇଣ୍ଟରନେଟ ଉପଯୋଗ କରିବାବେଳେ ଆମକୁ ଖୁବ୍ ସଜାଗ ଓ ସାବଧାନତାର ସହିତ କରିବାକୁ ପଡ଼ିବ।

ନିକଟରେ ଖାସ୍‌କରି ରାଜଧାନୀ ଦିଲ୍ଲୀରେ ଶହେରୁ ଅଧିକ ଲୋକ ସାଇବର ଅପରାଧ ବିଭାଗରେ ଅତି ସାଂଘାତିକ ଅଭିଯୋଗ କରୁଛନ୍ତି ଯେ ସେମାନଙ୍କ ମୋବାଇଲରେ ଅଲଗା ଅଲଗା ବ୍ୟାଙ୍କ ଆଡୁ ଆଲର୍ଟ ବା ସାବଧାନ ରହିବାକୁ ଫୋନ କଲ ଆସୁଛି। ଆଉ ଥୋକାଏ ନିଜ ବ୍ୟାଙ୍କ କାରବାରକୁ ନେଇ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗୁଗଲରେ ବ୍ୟାଙ୍କ କଷ୍ଟମର କେୟାର ନମ୍ବର ଖୋଜାଖୋଜି ପ୍ରକ୍ରିୟାରେ ସେମାନେ ଯୋଉ ନମ୍ବର ସେଠୁ ପାଉଛନ୍ତି ତାହା ହେଉଛି ସାଇବର ଠକଙ୍କର। ସାଧାରଣତଃ ସାଇବର କ୍ରାଇମରେ ସଂଲିପ୍ତ ସାଇବର ଚୋରଙ୍କ ସେହି କଷ୍ଟମର କେୟାର ନମ୍ବରରୁ ଉତ୍ତର ଆସିଥାଏ ଆମେ ଅମୁକ ବ୍ୟାଙ୍କରୁ କହିଛୁ ଆକାଉଣ୍ଟକୁ ଡିଲିଟ କରିଦେବାକୁ ବୋଲି। ପ୍ରକୃତରେ ସାଇବର ସଂକ୍ରାନ୍ତ ଠିକ୍ ବିବରଣୀ ବା ବିବୃତିକୁ ଯାଞ୍ଚ କରିବା ବାହାନାରେ ଆଇ ପି ଲଗ୍ ଜାଣି ତଦ୍ଦ୍ୱାରା ଖୋଦ ବ୍ୟାଙ୍କ ଜମାଖାତା ଅପରେଟ କରି ମନଇଚ୍ଛା ଯେତିକି ପଇସା ଚାହେଁ ସେତିକି ସେଥିରୁ ବାହାର କରିନିଏ। ସାଇବର କ୍ରାଇମ ବିଶେଷଜ୍ଞଙ୍କ କହିବା କଥା ହେଲା ଏଭଳି ଅପରାଧୀ ପୃଥକ ପୃଥକ ବ୍ୟାଙ୍କ ନାମରେ ଖୁବ୍ ଚତୁରତାର ସହ ଫୋନ ନମ୍ବରକୁ ହାତେଇ ନେଇଥାଏ ଏବଂ ଲୋକଙ୍କୁ ନିଜ ସହିତ ଯୋଡ଼ିକରି ଆଲର୍ଟ ବା ସାବଧାନ ରହିବା କଥା କହି ବିଶ୍ୱାସ ଜନ୍ମାଏ ଯେ ସେ ବ୍ୟାଙ୍କକୁ ଏକଥା ବହୁ ଆଗରୁ ଜଣାଇଦେଇଛି। ଏକ ସଂଗିନ ଅଭିଯୋଗ ଅନୁସାରେ ଯେଉଁ କୁଖ୍ୟାତ ଦଳକୁ ଦିଲ୍ଲୀ ପୋଲିସ କାବୁ କରିନେଇଛନ୍ତି ସେଥିରୁ ଯେଉଁ ଛ' ଜଣ ଏବେ ଗିରଫ ହୋଇସାରିଲେଣି ସେମାନେ ସମସ୍ତେ ହରିୟାଣା ଜିଲାର ବାସିନ୍ଦା। ଖାଲି ସେତିକି ନୁହେଁ ଏମାନଙ୍କ ଜାଲ ଝାଡ଼ଖଣ୍ଡ ରାଜ୍ୟର ଏକ ଇଲାକା ଜାମତାଡ଼ା ପର୍ଯ୍ୟନ୍ତ ପରିବ୍ୟାପ୍ତ। ଯେତେବେଳେ ସାଇବର ବିଶେଷଜ୍ଞ ଏହି ଛଅ ଲୋକଙ୍କର ମୋବାଇଲ ଆପ୍‌କୁ ନିରୀକ୍ଷଣ କରିବାକୁ ଲାଗିଲେ ଜାଣିବାକୁ ପାଇଲେ ଯେ ସମସ୍ତଙ୍କ ନମ୍ବର ଜାମତାଡ଼ାରୁ ଅପରେଟ ହୋଇଛି। ଏହି ସାଇବର ଠକମାନେ ଅତିକମରେ ଏକ ଲକ୍ଷରୁ ଅଧିକ ଲୋକଙ୍କ ମୋବାଇଲକୁ ଡାଏଲ କରିଛନ୍ତି। ଏମାନଙ୍କ ଠକାମିର ଶିକାର ପାଲଟିଯାଇଛନ୍ତି ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଲୋକ। ବିସ୍ମୟକର କଥା ହେଉଛି ଏମାନଙ୍କଠାରୁ ୭୦ଟି ଏଟିଏମ୍ କାର୍ଡ, ତିନି ଲକ୍ଷରୁ ଅଧିକ ଟଙ୍କା ପଇସା ଓ ଦୁଇ ହଜାରରୁ ଊର୍ଦ୍ଧ୍ୱ ଚେକବୁକ, ସ୍ୱାଇପ୍ ମେଶିନ, ଫିଙ୍ଗର ପ୍ରିଣ୍ଟ ଓ ବହୁ ବ୍ଲାଙ୍କଚେକ ଜବତ ହୋଇଛି।

ଏମାନେ ନିଜସ୍ୱ ମୋବାଇଲରୁ ନେଟବ୍ୟାଙ୍କିଙ୍ଗ୍ ଦ୍ୱାରା ଯେକୌଣସି ଲୋକର ବ୍ୟାଙ୍କ ଆକାଉଣ୍ଟକୁ ଅନ୍ କରିବାରେ ବେଶ୍ ସକ୍ଷମ। ବିଶେଷଜ୍ଞଙ୍କ କହିବା କଥାହେଲା ମୋବାଇଲରେ ଯଦି କାହାର କଲ ଆସୁଛି ଆଉ ସେହି ବ୍ୟକ୍ତିଜଣକ ହ୍ୟାଲୋ ବୋଲି କହିଦେଇଛି ତେବେ ସେଇ ଠକମାନେ ଠକେଇର ନୂଆ ନୂଆ କୌଶଳ ଅବଲମ୍ବନ କରି ଆପଣଙ୍କର ନମ୍ବରରୁ ତଥ୍ୟ ସଂଗ୍ରହ କରି ତଦନୁସାରେ ଆଧାର କାର୍ଡ ପର୍ଯ୍ୟନ୍ତ ପ୍ରବେଶ କରିପାରୁଛନ୍ତି। ପୁଣି ସେଠୁ ସବିଶେଷ ତଥ୍ୟସବୁକୁ ଚୋରେଇ ନେବାରେ ସକ୍ଷମ ହେଉଛନ୍ତି। ଆକାଉଣ୍ଟ ହୋଲଡର ଜବାବ ଦେବାକ୍ଷଣି ଏଇ ସାଇବର ଅପରାଧୀମାନେ ଟିକିନିଖି ବିବରଣୀ ହାତେଇ ନେଇଥାନ୍ତି। ବିଶେଷଜ୍ଞ ଏକଥା ବି ସ୍ୱୀକାର କରିଛନ୍ତି ଯେ ଏହି କୁଖ୍ୟାତ ଦଳ ଜାମତାଡ଼ାରୁ ସେମାନଙ୍କ କାର୍ଯ୍ୟକାଳକୁ ଚାଲୁ ରଖିଛନ୍ତି। ଦିଲ୍ଲୀରେ ଏମାନେ ଏବେ ମଧ୍ୟ ବେଶ୍ ସକ୍ରିୟ। ଏଣୁ ଅବାଞ୍ଛିତ କଲରୁ ଦୂରେଇ ରହି ବ୍ୟାଙ୍କ ନାଆଁରେ ଆସୁଥିବା କଲ ସମ୍ପର୍କରେ କୌଣସି ସୂଚନା ନ ଦେବାଟା ବିଜ୍ଞତାର ପରିଚାୟକ ତେବେ ଏଥିପାଇଁ ଆମକୁ ବେଶ୍ ସଜାଗ ରହିବାକୁ ପଡ଼ିବ।

ଏକଥା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ, ଜଣେ ସାଧାରଣ ଲୋକ କୌଣସି ବ୍ୟାଙ୍କ ନାଁରେ ମୋବାଇଲ ନମ୍ବର କିପରି ନେଇପାରୁଛି ଚଟାପଟ ମୋବାଇଲ ବିକ୍ରି କରୁଥିବା ଲୋକ ଯିଏ କି ସାଇବର କେଫ୍‌ରେ ବସିଥାଏ କିମ୍ବା ଆଉ କୋଉଠି ମୋବାଇଲ ବିକୁଥାଏ ସେଇ ଲୋକ ଏକଲା ଅନ୍ୟ କୌଣସି ଲୋକକୁ ତାହା କୌଣସି ବ୍ୟାଙ୍କ ନାମରେ ନମ୍ବର କିପରି ଆଲର୍ଟ (ସତର୍କ )କରିପାରେ ବୈଷୟିକ ତଥା ପ୍ରଯୁକ୍ତିଗତ ଜ୍ଞାନକୌଶଳ କ୍ଷେତ୍ରରେ ପ୍ରଭୂତ ଅଗ୍ରଗତି ହାସଲ ହୋଇଥିଲେ ମଧ୍ୟ ସାଇବର ଅପରାଧୀ ବି ବ୍ୟାପକ ଭାବେ ତା'ର କାୟା ବିସ୍ତାର କରିଚାଲିଥିବାବେଳେ ଅଧିକରୁ ଅଧିକ ଲୋକ ଏହାଦ୍ୱାରା ଠକାମିର ଶିକାର ବନିଯାଉଛନ୍ତି। ମୋବାଇଲରେ ନମ୍ବର ବ୍ୟାଙ୍କମାନଙ୍କ ନାମରେ ଯଦି କୌଣସି ବ୍ୟକ୍ତି ହାସଲ କରିନିଏ ତେବେ ବୁଝିବାକୁ ହେବ ଯେ ଆମ ନିୟମ ଅନୁପାଳନରେ ଖିଆଲି ମନୋବୃତ୍ତିକୁ ଆପଣାଉଛେ ଅଥବା ଠକଙ୍କ ଚାଲାଖିର ଶିକାର ହୋଇ ଭକୁଆ ବନିଯାଉଛେ।

ଅତିରିକ୍ତ ଶାସନ ସଚିବ, ଓରେରା, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## ଏଇ ଭାରତରେ

ପିଆଜ ଦର ଏବେ ଆକାଶଛୁଆଁ। ବିଶ୍ୱରେ ଭାରତ ଦ୍ୱିତୀୟ ବୃହତ୍ତମ ପିଆଜ ଉତ୍ପାଦନକାରୀ ଦେଶ ହୋଇ ଏଭଳି ପରିସ୍ଥିତିର ସାମ୍ନା କରିବା ଅତ୍ୟନ୍ତ ଦୁଃଖଦାୟକ। ପ୍ରାକୃତିକ ବିପର୍ଯ୍ୟୟ ତଥା ଉନ୍ନତ ଭଣ୍ଡାରଣ ବ୍ୟବସ୍ଥା ନ ଥିବା ଯୋଗୁ ପିଆଜ ନଷ୍ଟ ହେଉଛି ଓ ଦରବୃଦ୍ଧି ଘଟୁଛି। ଚାଷୀମାନେ ଭଣ୍ଡାରଘରେ ଯେତିକି ପିଆଜ ରଖନ୍ତି ସେଥିରୁ ୪୫ରୁ ୫୦ ପ୍ରତିଶତ ନଷ୍ଟ ହୋଇଯାଏ। ତେବେ ଭଣ୍ଡାରଘରେ ପିଆଜ ନଷ୍ଟ ରୋକିବା ଲାଗି ଅଣ୍ଟାଭିଡ଼ିଛନ୍ତି ମହାରାଷ୍ଟ୍ରର ୨୩ ବର୍ଷୀୟା କଲ୍ୟାଣୀ ସିନ୍ଦେ। ଏସିଆର ବୃହତ୍ ପିଆଜ ମାର୍କେଟ କୁହାଯାଉଥିବା ନାସିକ ଜିଲା ଲସାଲଗାଁ ରେ ତାଙ୍କ ଜନ୍ମ। କୃଷକ ପରିବାରରେ ଜନ୍ମିତ କଲ୍ୟାଣୀ ଭଣ୍ଡାରଘରେ ଉନ୍ନତ ଜ୍ଞାନକୌଶଳ ଉପଯୋଗ କରି ପିଆଜ ନଷ୍ଟ ରୋକିବାରେ ସଫଳ ହୋଇଛନ୍ତି। ପାରମ୍ପରିକ ଭଣ୍ଡାରଘରକୁ ସ୍ମାର୍ଟ ଭଣ୍ଡାରଘରରେ ପରିଣତ କରୁଛନ୍ତି। ସେଥିରେ ସେ ସେନ୍‌ସର ଲଗାଉଛନ୍ତି, ଯାହା ତା'ଭିତରର ପରିବେଶକୁ ସୂକ୍ଷ୍ମସ୍ତରରେ ଟ୍ରାକ୍ କରି କୃଷକମାନଙ୍କୁ ପିଆଜ ନଷ୍ଟ ହେବା ପୂର୍ବରୁ ଜଣାଇଦେଉଛି। ସେନ୍‌ସର ବିଦ୍ୟୁତଶକ୍ତିରେ ଚାଲୁଛି। ଏହାକୁ ପିଆଜ ମଧ୍ୟରେ ରଖାଯାଉଛି, ଯାହା ଠିକ୍‌ସମୟରେ ହ୍ୟୁମିଡିଟି ସମ୍ପର୍କରେ ତଥ୍ୟ ଯୋଗାଇ ଦେଉଛି। ନଷ୍ଟ ହେବା ଆରମ୍ଭ ହେବା ମାତ୍ରେ ତାହା କୃଷକଙ୍କୁ ଏ ସମ୍ପର୍କରେ ଅବଗତ କରିପାରୁଛି। ସେ କମ୍ପ୍ୟୁଟର ସାଇନରେ ଡିଗ୍ରୀ କରୁଥିବାବେଳେ ଭଣ୍ଡାରଘରେ କିଭଳି ପିଆଜ ନଷ୍ଟ ନ ହେବ ତା'ଉପରେ ଗବେଷଣା କରି ସଫଳ ହୋଇଥିଲେ। ଏବେ ଭଣ୍ଡାରଘରେ ଉପଯୋଗ ଟେକ୍‌ନୋଲୋଜିରେ ନଷ୍ଟ ହେଉଥିବା ପିଆଜ ପରିମାଣ ୨୦ରୁ ୨୫% କମ୍ ହେବ ବୋଲି କହନ୍ତି କଲ୍ୟାଣୀ।

## ଚିରନ୍ତନୀ

ଭେଦି ସିନ୍ଧୁ ଗରଜନ
କାତର ତା'ର କ୍ରନ୍ଦନ
ସଞ୍ଚରି ପରାଣ ମନ
କରେ ମୋତେ ମୂକ
ତାରାରାଜି ଲଭେ ମହା ଦୁଃଖ।

(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## କମ୍ପାନୀ ମାଲାମାଲ, ଗ୍ରାହକ ବେହାଲ

ମହାଶୟ,

ରାଜ୍ୟ ସରକାର ବିଦ୍ୟୁତ ଉପଭୋକ୍ତାମାନଙ୍କୁ ଉତ୍ତମମାନର ବିଦ୍ୟୁତ ସେବା ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖି ବିଦ୍ୟୁତ ବ୍ୟବସ୍ଥାକୁ ଗୋଟିଏ ପରେ ଗୋଟିଏ ଘରୋଇ ସଂସ୍ଥା ହାତକୁ ଟେକି ଦେଉଛନ୍ତି। ୧୯୯୯ରୁ ୨୦୨୦ ମେ ୩୧ ତାରିଖ ପର୍ଯ୍ୟନ୍ତ ବିଦ୍ୟୁତ ସେବା ଏଇ.ଏସ୍. ସେସୁ ଓ ଇ.ଆର.ସି. ଦ୍ୱାରା ପରିଚାଳିତ ହେଉଥିଲା। ଏବେ ଗତ ଜୁନ ଠାରୁ 'ଟାଟା ପାୱାର' କମ୍ପାନୀ ହାତକୁ ଆସିଛି। ଆଗରୁ ପ୍ରତିମାସରେ ବିଦ୍ୟୁତ ବିଲ ୨୫ ତାରିଖ ପୂର୍ବରୁ ଗ୍ରାହକମାନଙ୍କୁ ଦିଆଯାଉଥିଲା ଓ ଅତି କମରେ ଗୋଟିଏ ସପ୍ତାହ ମଧ୍ୟରେ ବିଦ୍ୟୁତ ଦେୟ ପୈଠ କରିବାକୁ ସୁବିଧା ଦିଆଯାଉଥିଲା। କିନ୍ତୁ ବର୍ତ୍ତମାନ 'କରୋନା'ର ଆଳ ଦେଖାଇ ତା'ର ପରିବର୍ତ୍ତନ ଘଟିଛି ଓ ଏକାବେଳେ ଏପ୍ରିଲ, ମେ, ଜୁନ (୩ ମାସର) ବିଲ୍ ଦିଆଯାଇଛି। ଜୁଲାଇ ମାସର ବିଲ ଏପର୍ଯ୍ୟନ୍ତ ଦିଆଯାଇନାହିଁ। ଏକାବେଳକେ ବିଦ୍ୟୁତ ଦେୟ ଗ୍ରାହକମାନଙ୍କ ଦ୍ୱାରା ଦେବା ସମ୍ଭବପର ହେଉନାହିଁ। ତେଣୁ ଗ୍ରାହକମାନେ ଠିକ୍ ସମୟରେ ସମସ୍ତ ବିଦ୍ୟୁତ ଦେୟ ଦେଇ ପାରୁ ନ ଥିବାରୁ ୨ ପ୍ରତିଶତ ରିହାତି ପାଉନାହାନ୍ତି। ଏହାଦ୍ୱାରା କମ୍ପାନୀଗୁଡ଼ିକ ଲାଭବାନ ହେଉଛନ୍ତି ଓ ଗ୍ରାହକମାନେ କ୍ଷତି ସହୁଛନ୍ତି। ତେଣୁ ସରକାରଙ୍କୁ ଅନୁରୋଧ କମ୍ପାନୀ ସହିତ ଆଲୋଚନା କରି ପ୍ରତି ମାସରେ ବିଦ୍ୟୁତ ଦେୟ ବିଲ୍ ଦିଆଯିବାର ବ୍ୟବସ୍ଥା କରାଯାଉ।

ଭଗବାନ ଦାସ, ନାରାୟଣପୁର, କେନ୍ଦ୍ରାପଡ଼ା

## ଅବାଧ ଗଛ କଟା ନ ହେଉ

କଟକ - ପାରାଦୀପ ତଥା ଜଗତ୍‌ସିଂହପୁର ରାସ୍ତାରେ ବନବିଭାଗ ତରଫରୁ ବୃକ୍ଷରୋପଣ କରାଯାଇଅଛି। କିନ୍ତୁ ବଡ଼ ଗଛଗୁଡିକୁ ଅବାଧରେ କାଟି ନିଆଯାଉଛି। ଏଥିପ୍ରତି ବନବିଭାଗର କୌଣସି କର୍ତ୍ତୃତ୍ୱ ରହୁନାହିଁ। ସ୍ଥାନୀୟ ବନ ସୁରକ୍ଷା ସମିତି ନ ଥଲା ଭଳି ମନେହେଉଛି। ୟୁକାଲିପଟାସ ଏବଂ ଆକାଶିଆ ଗଛ ମୂଳରୁ ହାଣି ନିଆଯାଉଅଛି। ରାସ୍ତା ଉପରକୁ ବହୁ ଅନାବନା ଗଛ ଏବଂ ମାଟି ମାଡ଼ିଆସି ରାସ୍ତା ସଙ୍କୁଚିତ କଲେ ବି ରକ୍ଷଣାବେକ୍ଷଣ ନାହିଁ।

ରମେଶ ଚନ୍ଦ୍ର ବେହେରା, ଆୟତପୁର,
କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
Friday, 30 October, 2020



## ସଂକ୍ଷେପରେ

### ଇଥାନଲ ମୂଲ୍ୟ ବୃଦ୍ଧିକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୨୯।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ବସିଥିବା ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ପକ୍ଷରୁ ୩ ବଡ ନିଷ୍ପତ୍ତିକୁ ମଞ୍ଜୁରୀ ମିଳିଛି। କ୍ୟାବିନେଟ ବୈଠକରେ ଇଥାନଲ ମୂଲ୍ୟ ବୃଦ୍ଧି, ଝୋଟ ପ୍ୟାକେଜିଂ ଏବଂ ଡ୍ୟାମ୍‌ଗୁଡିକର ସୁରକ୍ଷା ଉପରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି, ଇଥାନଲ ମୂଲ୍ୟରେ ୫ରୁ ୮% ବୃଦ୍ଧି କରାଯିବ। ଚିନିରୁ ପ୍ରସ୍ତୁତ ଇଥାନଲ ମୂଲ୍ୟ ଲିଟର ପିଛା ୬୨.୬୫ ଟଙ୍କାକୁ ବଢ଼ାଯାଇଛି। ସେହିଭଳି ବି ହେଭି ମୋଲାସେସ୍ ମୂଲ୍ୟ ୫୭.୬୧ ଟଙ୍କା ଏବଂ ସି ହେଭି ମୋଲାସେସ୍ ମୂଲ୍ୟ ୪୫.୬୯ ଟଙ୍କା ପ୍ରତି ଲିଟର ରହିଛି। ଏଭଳି ନିଷ୍ପତ୍ତି ଦ୍ୱାରା ଚିନି ମିଲ୍ ନିକଟକୁ ଅଧିକ ଅର୍ଥ ଆସିପାରିବ। ଫଳରେ ମିଲ୍ କୃଷକଙ୍କ ବକେୟା ରାଶି ପ୍ରଦାନ କରିପାରିବେ ବୋଲି ସେ ଆଶାବାଦୀ ଥିବା କହିଛନ୍ତି।

ସେ ପୁଣି କହିଛନ୍ତି ଯେ, ଇଥାନଲ ମୂଲ୍ୟ ବୃଦ୍ଧି ହେବା ଦ୍ୱାରା ତେଲ ଆମଦାନୀରେ ହ୍ରାସ ହୋଇପାରିବ। କାରଣ ୧୦% ଇଥାନଲ ପେଟ୍ରୋଲରେ ମିଶ୍ରଣ କରାଯାଇପାରିବ। ଏଭଳି ପଦକ୍ଷେପ ଦ୍ୱାରା ପ୍ରଦୂଷଣ ମଧ କମ୍ କରାଯାଇ ପାରିବ। ଇଥାନଲ ପରିବେଶ ଉପଯୋଗୀ ହୋଇଥିବାରୁ ଏହାଦ୍ୱାରା ଦେଶକୁ ଲାଭ ମିଳିପାରିବ। ଏହାବାଦ କ୍ୟାବିନେଟ ପକ୍ଷରୁ ପ୍ୟାଜେଜିଂ ଲାଗି ଅନିବାର୍ଯ୍ୟ ନିୟମ ସଂକ୍ରାନ୍ତରେ ମଧ ମଞ୍ଜୁରୀ ପ୍ରଦାନ କରିଛି। ଖାଦ୍ୟ ସାମଗ୍ରୀର ୧୦୦% ଏବଂ ଚିନି ଲାଗି ୨୦% ପ୍ୟାକେଜିଂ ଝୋଟରେ କରିବା ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ବ୍ୟାଗ୍‌ଗୁଡିକର ମୂଲ୍ୟ ମଧ କମିଟି ନିର୍ଦ୍ଧାରଣ କରିବ। ସେହିଭଳି ଡ୍ୟାମ୍‌ଗୁଡିକର ଉନ୍ନତୀକରଣ ଲାଗି ୧୦ ହଜାର କୋଟି ଟଙ୍କାର ଯୋଜନାକୁ ମଧ ମଞ୍ଜୁରୀ ପ୍ରଦାନ କରାଯାଇଛି।

### ଓଜିବି ପକ୍ଷରୁ ସର୍ତକତା ଜାଗରଣ ସପ୍ତାହ

**ଭୁବନେଶ୍ୱର,୨୯।୧୦:** ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି) ର ମୁଖ୍ୟ କାର୍ଯ୍ୟାଳୟ ପରିସରରେ 'ସର୍ତକତା ଜାଗରଣ ସପ୍ତାହ' ସରକାରଙ୍କ କୋଭିଡ୍ ଗାଇଡଲାଇନ ଅନୁସାରେ ପାଳନ କରାଯାଉଛି। ଚଳିତ ବର୍ଷ ୨୭ ଅକ୍ଟୋବରରୁ ୨ନଭେମ୍ବର ପର୍ଯ୍ୟନ୍ତ ଏହି ସପ୍ତାହ ପାଳନ କରାଯିବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଅଧକ୍ଷ ବୃନ୍ଦାବନ ନାୟକ ବ୍ୟାଙ୍କର ସମସ୍ତ କର୍ମଚାରୀମାନଙ୍କୁ ପ୍ରାରମ୍ଭିକ ଦିବସ ଅବସରରେ ସଚ୍ଚୋଟତାର ସଂକଳ୍ପ ପାଠ କରାଇଥିଲେ। ଚଳିତ ବର୍ଷର ଶୀର୍ଷକ 'ସର୍ତକ ଭାରତ ସମୃଦ୍ଧ ଭାରତ' ଉପରେ ସେ ଆଲୋକପାତ କରିଥିଲେ। କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଦୁର୍ନୀତି ମୁକ୍ତ ସମାଜ ଏବଂ ଦେଶ ଗଠନ ପାଇଁ କର୍ମଚାରୀମାନଙ୍କୁ ଅଙ୍ଗୀକାରବଦ୍ଧ ହେବାକୁ ସେ ପରାମର୍ଶ ଦେଇଥିଲେ। ସର୍ତକତା ବିଭାଗର ମହାପ୍ରବନ୍ଧକ ଗୁରୁପ୍ରସାଦ ମହାନ୍ତି କହିଥିଲେ, ଦୁର୍ନୀତି ହେଉଛି ଏକ ସାମାଜିକ ବ୍ୟାଧି। ଏହି ଦୁର୍ନୀତି କିପରି ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ନଷ୍ଟ କରିଦିଏ ସେ ବିଷୟରେ ସେ ଆଲୋକପାତ କରିଥିଲେ। ଉକ୍ତ ସଭାକୁ ସର୍ତକତା ବିଭାଗର ବରିଷ୍ଠ ପ୍ରବନ୍ଧକ ଅଲେଖ ପ୍ରସାଦ ବେହେରା ପରିଚାଳନା କରିଥିଲେ।

# ବିତ୍ତୀୟ ନିଅଣ୍ଟ ୯.୧୪ ଲକ୍ଷ କୋଟି ଛୁଇଁଲା

**ନୂଆଦିଲ୍ଲୀ,୨୯।୧୦**




- ବଢୁଛି ଖର୍ଚ୍ଚ, କମୁଛି ରାଜସ୍ୱ
- ମହାମାରୀ ଯୋଗୁ ଟିକସ କମିଛି


ଚଳିତ ଆର୍ଥିକ ବର୍ଷ ଗତ ତ୍ରୈମାସ ସୁଦ୍ଧା ସରକାରଙ୍କ ବିତ୍ତୀୟ ନିଅଣ୍ଟ(ଆୟ ଏବଂ ବ୍ୟୟ ମଧ୍ୟରେ ପାର୍ଥକ୍ୟ) ୯.୧୪ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହା ବଜେଟ ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ପ୍ରାୟ ୧୧୪.୮% ସ୍ତରରେ ରହିଛି। ସରକାରଙ୍କ ରାଜସ୍ୱ ସଂଗ୍ରହ ଚଳିତ ବର୍ଷ କମିଥିବା ବେଳେ ଖର୍ଚ୍ଚ ବଢିବାରୁ ଏଭଳି ସ୍ଥିତି ସାମ୍ନାକୁ ଆସିଛି। କରୋନା ମହାମାରୀକୁ ନିୟନ୍ତ୍ରଣ କରିବା ଲାଗି ସରକାର ମାର୍ଚ୍ଚ ଶେଷରେ ଲକ୍‌ଡାଉନ ଘୋଷଣା କରିଥିଲେ। ଏହା ପରଠାରୁ ବଜାର ବ୍ୟବସ୍ଥା ବିଗିଡିଯାଇଥିଲା। ଏଥିରେ ବର୍ତ୍ତମାନ ସୁଦ୍ଧା ସୁଧାର ଆସିପାରିନାହିଁ; ଯାହାର ପ୍ରଭାବ ଟିକସ ସଂଗ୍ରହ ଉପରେ ପଡୁଛି।

କମ୍ପଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟ(ସିଜିଏ) ଦେଇଥିବା ଡାଟା ମୁତାବକ, ବିତ୍ତୀୟ ନିଅଣ୍ଟ ୯ ଲକ୍ଷ ୧୩ ହଜାର ୯୩୩ କୋଟି ଟଙ୍କା ରହିଛି। ଗୋଟିଏ ବର୍ଷ ସମାନ ତ୍ରୈମାସରେ ଏହା ବଜେଟ ଧାର୍ଯ୍ୟ ଲକ୍ଷ୍ୟର ୯୨.୬% ସ୍ତରରେ ରହିଥିଲା। ଚଳିତ ବର୍ଷ ସରକାରଙ୍କ ରାଜସ୍ୱ ଅଦ୍ୟାବଧି ୩୨.୫% ହ୍ରାସ ହୋଇଛି। ଏଭଳି ଡାଟାକୁ ଦେଖିଲେ ଜଣାଯିବ ଯେ, ସରକାରଙ୍କ ଖର୍ଚ୍ଚ ବଢିଥିବା ବେଳେ ରାଜସ୍ୱରେ ହ୍ରାସ ହୋଇଛି। ସରକାରଙ୍କ ରାଜସ୍ୱ ତୁଳନାରେ ଖର୍ଚ୍ଚ ୧୧୪% ସ୍ତରରେ ରହିଛି। ଚଳିତ ବର୍ଷ ଜୁଲାଇରେ ଏହି ସ୍ତରରେ ମଧ ଉଚ୍ଚରେ ରହିଥିଲା। ୨୦୨୦-୨୧ର ରାଜସ୍ୱ ସଂଗ୍ରହ ଆକଳନ ତୁଳନାରେ ସେପ୍ଟେମ୍ବର ସୁଦ୍ଧା ସରକାର ୨୫.୧୮% ରାଜସ୍ୱ ମିଳିଛି। ସରକାର ଏହି ଅବଧିରେ ୫.୬୫ ଲକ୍ଷ କୋଟି ଟଙ୍କା ଟିକସ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ଟିକସ ରାଜସ୍ୱ ୪.୫୮ ଲକ୍ଷ କୋଟି ଟଙ୍କା ରହିଥିବା ବେଳେ ୯୨,୨୭୪ କୋଟି ଟଙ୍କାର ଅଣଟିକସ ଜନିତ ରାଜସ୍ୱ ସାମିଲ ରହିଛି।

ସରକାର ୧୪,୬୩୫ କୋଟି ଟଙ୍କା ନନ୍ ଡେଟ୍ କ୍ୟାପିଟାଲ ହିସାବରେ ଲାଭ କରିଛନ୍ତି। ଏହି ଅର୍ଥ ଋଣର ଅସୁଲି ଏବଂ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକର ଅଂଶଧନ ବିକ୍ରିରୁ ଆସିଥାଏ। ୮,୮୫୪ କୋଟି ଋଣ ଭାବେ ଏବଂ ରାଷ୍ଟ୍ରାୟତ୍ତ କମ୍ପାନୀ ଅଂଶଧନ ବିକ୍ରିରୁ ୫୭୮୧ କୋଟି ଟଙ୍କା ଆସିଛି। କେନ୍ଦ୍ର ସରକାର ୨.୫୯ ଲକ୍ଷ କୋଟି ଟଙ୍କା ରାଜ୍ୟଗୁଡ଼ିକୁ ହସ୍ତାନ୍ତର କରିଛନ୍ତି। ଟିକସର ଅଂଶ ଭାବେ ରାଜ୍ୟଗୁଡିକୁ ଏହି ଅର୍ଥ ପ୍ରଦାନ କରାଯାଇଥାଏ। ଗତ ବର୍ଷ ଏହି ବାବଦକୁ ସରକାର ଯେତେ ଅର୍ଥ ପ୍ରଦାନ କରିଥିଲେ ଚଳିତ ବର୍ଷ ସେହି ତୁଳନାରେ ଏହା ୫୧,୨୭୭ କୋଟି ଟଙ୍କା ନିମ୍ନରେ ରହିଛି। ଡାଟା ମୁତାବକ, ସରକାରଙ୍କ ମୋଟ ଖର୍ଚ୍ଚ ୧୪.୭୯ ଲକ୍ଷ କୋଟି ଟଙ୍କା ରହିଛି। ଏଥିରେ ୧୩.୧୩ ଲକ୍ଷ କୋଟି ରେଭେନ୍ୟୁ ଆକାଉଣ୍ଟ ଏବଂ ୬୫,୮୩୬ କୋଟି କ୍ୟାପିଟାଲ ଆକାଉଣ୍ଟ ସହ ଜଡିତ। ମୋଟ ରାଜସ୍ୱ ଖର୍ଚ୍ଚ ମଧ୍ୟରୁ ୩ ଲକ୍ଷ ୫ ହଜାର ୬୫୨ କୋଟି ଇଣ୍ଟରେଷ୍ଟ ପେମେଣ୍ଟ ୧.୫୬ ଲକ୍ଷ କୋଟି ସବ୍‌ସିଡି ଆକାରରେ ଦିଆଯାଇଛି।

ବିତ୍ତୀୟ ନିଅଣ୍ଟ ୭.୯୬ ଲକ୍ଷ କୋଟି ଟଙ୍କା ରହିବ ବୋଲି ଚଳିତ ବର୍ଷ ସାଧାରଣ ବଜେଟରେ ସରକାର ଆକଳନ କରିଥିଲେ। ଏହା ଦେଶର ମୋଟ ଘରୋଇ ଉତ୍ପାଦର ପ୍ରାୟ ୩.୫%। ବିତ୍ତୀୟ ନିଅଣ୍ଟ ୯% ରହିବା ନେଇ ରେଟିଂ ଏଜେନ୍ସି କେୟାର ପକ୍ଷରୁ ଆକଳନ କରାଯାଇଛି। ପରେ କରୋନା ଲାଗି ଏଥିରେ ପରିବର୍ତ୍ତନ ମଧ କରାଯାଇଛି। ବିତ୍ତୀୟ ନିଅଣ୍ଟ ୭ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଯାଇଥିଲା। ୨୦୧୯-୨୦ରେ ବିତ୍ତୀୟ ନିଅଣ୍ଟ ମୋଟ ଜିଡିପିର ୪.୬% ସ୍ତରରେ ରହିଥିଲା। ପୂର୍ବରୁ ସରକାରଙ୍କ ମୋଟ ଟିକସ ସଂଗ୍ରହ ସେପ୍ଟେମ୍ବର ସୁଦ୍ଧା ପ୍ରାୟ ୭.୨ ଲକ୍ଷ କୋଟି ଟଙ୍କା ରହି ଆସିଛି। ଏଥିରେ ବର୍ତ୍ତମାନ ୨ ଲକ୍ଷ କୋଟି ବା ୩୦% ହ୍ରାସ ହୋଇଛି। ଗୋଟିଏ ବର୍ଷ ତଳେ ଏହା ୯.୨ ଲକ୍ଷ କୋଟି ଟଙ୍କା ସ୍ତରରେ ରହିଥିଲା।

# ଟାଟା ହାତ ଛାଡ଼ିବ ଏସ୍‌ପି ଗ୍ରୁପ୍


ରତନ ଟାଟା


ସାଇରସ ମିସ୍ତ୍ରି

### ସୁପ୍ରିମକୋର୍ଟଙ୍କୁ ଦେଲା ଚୂଡ଼ାନ୍ତ ପ୍ଲାନ

**ନୂଆଦିଲ୍ଲୀ,୨୯।୧୦**

ଟାଟା ଗ୍ରୁପ୍ ଛାଡ଼ିବାକୁ ସାପୋରଜୀ ପାଲୋନଜି(ଏସ୍‌ପି ) ଗ୍ରୁପ୍ ଯୋଜନା ରଖିଛି। ଏଥିଲାଗି ଚୂଡ଼ାନ୍ତ ପ୍ଲାନ୍‌କୁ ସୁପ୍ରିମକୋର୍ଟଙ୍କୁ ପ୍ରଦାନ କରିଥିବା ଗ୍ରୁପ କହିଛି। ଯୋଜନା କାର୍ଯ୍ୟକ୍ଷମ ହେଲେ ୨ ପ୍ରମୁଖ ବାଣିଜ୍ୟିକ ଗ୍ରୁପ୍ ମଧ୍ୟରେ ରହିଥିବା ୭୦ ବର୍ଷର ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡିବ। ଟାଟା ଗ୍ରୁପ୍‌ରେ ଏସ୍‌ପି ଗ୍ରୁପ୍‌ର ହୋଲ୍ଡିଂ ଭାଲ୍ୟୁ ପ୍ରାୟ ୧.୭୫ ଲକ୍ଷ କୋଟି ଟଙ୍କା ହେବ ବୋଲି ଏହା ଆକଳନ କରିଛି। ଏ ସଂକ୍ରାନ୍ତ ଚୂଡ଼ାନ୍ତ ଯୋଜନାକୁ ଗ୍ରୁପ୍ ସର୍ବୋଚ୍ଚ ଅଦାଲତଙ୍କୁ ଗୁରୁବାର ପ୍ରଦାନ କରିଛି। ସୂଚନାଯୋଗ୍ୟ, ବର୍ତ୍ତମାନ ଏସ୍‌ପି ଗ୍ରୁପ୍‌ର ଦାୟିତ୍ୱରେ ଥିବା ସାଇରସ ମିସ୍ତ୍ରିଙ୍କୁ ୨୮ ଅକ୍ଟୋବର ୨୦୧୬ରେ ଟାଟା ଗ୍ରୁପ୍‌ର ଅଧ୍ୟକ୍ଷ ପଦରୁ ହଟାଇ ଦିଆଯାଇଥିଲା। ଏହା ପରଠାରୁ ଦୁଇ ଗ୍ରୁପ ମଧ୍ୟରେ ବିବାଦ ବଢିଯାଇଥିଲା। ଏହି ମାମଲାର ଲମ୍ବା ଶୁଣାଣି ପରେ ଶେଷରେ ଟାଟା ଗ୍ରୁପ ହାତ ଛାଡ଼ିବାକୁ ସାଇରସ ମିସ୍ତ୍ରି ମନ ବଳାଇଥିବା ଜଣାପଡ଼ିଛି।

ଟାଟା ଗ୍ରୁପ୍‌ରେ ୨ ଗ୍ରୁପ୍ କମ୍ପାନୀ ରହିଛି। ଏହା ମଧ୍ୟରୁ ଗୋଟିଏ ଟାଟା ଟ୍ରଷ୍ଟ। ଏଥିରେ ଟାଟା ପରିବାର ସଦସ୍ୟ ଏବଂ ଟାଟା ଗ୍ରୁପ କମ୍ପାନୀଗୁଡିକର ହୋଲ୍ଡିଂ ପ୍ରାୟ ୮୧.୬% ରହିଛି। ଅନ୍ୟ ୧୮.୭% ହୋଲ୍ଡିଂ ମିସ୍ତ୍ରି ପରିବାର ନିକଟରେ ରହିଛି। ମିସ୍ତ୍ରି ଗ୍ରୁପଠାରୁ ସମ୍ପର୍କ ଛିନ୍ନ କରିବା ଲାଗି ପୂର୍ବରୁ ଟାଟା ଗ୍ରୁପ ମଧ ଏକ ପ୍ଲାନ୍ ଦେଇଥିଲା। ଟାଟା ସନ୍ସ ଗ୍ରୁପ୍‌ର ମୁଖ୍ୟ ନିବେଶ କମ୍ପାନୀ ଭାବେ କାର୍ଯ୍ୟ କରୁଛି। ଏହା ଟାଟାର ଏକ ହୋଲ୍ଡିଂ କମ୍ପାନୀ। ଏହାର ଭାଲ୍ୟୁ ସୂଚୀଭୁକ୍ତ କମ୍ପାନୀଗୁଡିକର ଆଧାରରେ ନିର୍ଦ୍ଧାରଣ କରାଯାଇଛି। ଅନ୍ୟ ପକ୍ଷରେ ଗ୍ରୁପ କମ୍ପାନୀରେ ଅଣ ସୂଚୀଭୁକ୍ତ ଇକ୍ୱିଟିଜ କମ୍ପାନୀ ମଧ ସାମିଲ ରହିଛି। ଏହା ମଧ୍ୟରେ ବ୍ରାଣ୍ଡ, କ୍ୟାଶ ବାଲାନ୍ସ ଏବଂ ସ୍ଥାବର ସମ୍ପତ୍ତି ମଧ ରହିଛି।

# ସହଯୋଗୀଙ୍କୁ ସାମ୍‌ସଙ୍ଗର ସମ୍ମାନ




**ଭୁବନେଶ୍ୱର,୨୯।୧୦**

ପାର୍ବଣରେ ସାମ୍‌ସଙ୍ଗ୍ ମୋବାଇଲର ବିଭିନ୍ନ ମଡେଲ ଫୋନ ବିକ୍ରି ଉନ୍ନତ ରହିଛି। ଏହି କାରବାରରେ ଯୋଗଦାନ ରଖିଥିବା ଭୁବନେଶ୍ୱରର ପ୍ରମୁଖ ବ୍ୟବସାୟୀମାନଙ୍କୁ ସାମ୍‌ସଙ୍ଗ ପକ୍ଷରୁ ସମ୍ମାନିତ କରାଯାଇଛି। କମ୍ପାନୀ ପକ୍ଷରୁ ଏସ୍‌ପିଡି ଯୋଗେନ୍ଦ୍ର ହଂସ (ପପୁ ହଂସ)ଙ୍କ ଜରିଆରେ ସାମ୍‌ସଙ୍ଗର ଜେଡ୍‌ଏସ୍‌ଏମ୍ ଆଶୁତୋଷ ଶର୍ମା ଏବଂ ଏବିଏମ୍ ଅରିନ୍ଦମ ପାତ୍ରଙ୍କ ଉପସ୍ଥିତରେ ଉପହାରଗୁଡିକୁଶ୍ରେଷ୍ଠ ୧୦ ଡିଲରଙ୍କୁପ୍ରଦାନ କରାଯାଇଛି। ଏମ୍‌ଏସ୍ ସେଲ୍ ନେଟ୍, ୟୁନିକର୍ନ, ୱାଇ ଟୁ କେ, ସିଷ୍ଟର ମୋବାଇଲ, ଆଲାଏଡ କର୍ନର, ତାଜ ଇଲେକ୍ଟ୍ରୋନିକ୍ସ, ରାଜ୍ ଇଲେକ୍ଟ୍ରୋନିକ୍ସ, ଗୁପ୍ତା ଡିଷ୍ଟ୍ରିବ୍ୟୁଟର, ସନ୍ତୋଷୀ ମୋବାଇଲ ଏବଂ ମେହେର ମୋବାଇଲ ଭଳି ପ୍ରମୁଖ ବ୍ୟବସାୟୀ ଏବଂ ଡିଲର ଏହା ମଧ୍ୟରେ ରହିଛନ୍ତି। କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଥିବା ଏଭଳି ସ୍ୱୀକୃତି ଅଧିକରୁ ଅଧିକ କାରବାର କରିବା ପାଇଁ ଉତ୍ସାହ ପ୍ରଦାନ କରିବ ଡିଲରମାନେ ମତବ୍ୟକ୍ତ କରିଛନ୍ତି।

# କୋର୍ ସେକ୍ଟରରେ ସ୍ଥିତାବସ୍ଥା ଫେରୁଛି

**ନୂଆଦିଲ୍ଲୀ,୨୯।୧୦**

ଦେଶର ୮ କୋର୍ ସେକ୍ଟର ଗତ ୭ ମାସ ଧରି ପ୍ରଭାବିତ ସ୍ଥିତିରେ ରହିଛି। କରୋନା ମହାମାରୀ ଯୋଗୁ ଏଭଳି ସ୍ଥିତି ଉପୁଜିଛି। ମାତ୍ର ଅନ୍‌ଲକ ପରେ ଏଥିରେ ପ୍ରଭାବ କମୁଥିବା ନଜରକୁ ଆସିଛି। କୋର ସେକ୍ଟର କାର୍ଯ୍ୟକଳାପ ପୁଣି ଥରେ ଟ୍ରାକ୍‌କୁ ଫେରୁଥିବା ଜଣାପଡିଛି। ସେପ୍ଟେମ୍ବର ମାସରେ କୋର୍ ସେକ୍ଟର ମାତ୍ର ୦.୮% ଖସିଛି। ଏହା ଅଗଷ୍ଟରେ ୭.୩% ହ୍ରାସ ହୋଇଥିଲା। କୋର ସେକ୍ଟର ସୂଚୀରେ କୋଇଲା, ବିଦ୍ୟୁତ୍ ଶକ୍ତି ଏବଂ ଇସ୍ପାତର ଭଳି କ୍ଷେତ୍ରଗୁଡିକର ଭାଗ ପ୍ରାୟ ଅଧାରୁ ଅଧିକ। ସେପ୍ଟେମ୍ବରରେ ଏହି କ୍ଷେତ୍ରଗୁଡିକର କାର୍ଯ୍ୟକଳାପ ବେଶ୍ ଉନ୍ନତ ରହିଛି। ଲଗାତର ଦ୍ୱିତୀୟ ମାସ ଲାଗି କୋଇଲା କ୍ଷେତ୍ରରେ ଉତ୍ପାଦନ ବଢିଛି। ସେପ୍ଟେମ୍ବରରେ ଏହା ୨୧.୧କୁ ବଢିଥିବା ବେଳେ ଅଗଷ୍ଟରେ ଏହା ୩.୬% ରହିଥିଲା।


**PARADIP PORT TRUST**

**e-TENDER CALL NOTICE**

Name of the work : **"Providing Cylindrical Fenders, Super-M Fenders an Cell Fenders at NQ-I, NQ-II, Wet Basin, DSTB and other Berths of Paradip Port".** EMD cost : **Rs. 3,75,653/-** Last Date and time of submission of Bid : **18.11.2020 up to 17:15 Hrs.** For details please refer our Website : **eprocure.gov.in/eprocure/app.** **Executive Engineer**

PPT/PR/274/2020-21, Dt.29.10.2020

**PARADIP PORT TRUST**

**e-TCN No. CE/HW-II-W-02/20/368, Dtd. 19.10.2020**

Name of the work : **"Developing the existing parking yard by providing & laying the concrete paver blocks at Sub-station Square near Gate No. 3".** Estimated Cost : **₹ 1,73,52,921.62.** Last date and time of submission of bid : **09.11.2020 upto 17.00 hrs.** For details, please refer the website : **https://eprocure.gov.in /eprocure/app**

**Executive Engineer, Harbour Works Division No. II**

PPT/PR/279/20-21 Dt : 29.10.2020

**ଓଡ଼ିଶା ଲଳିତ କଳା ଏକାଡେମୀ, ଭୁବନେଶ୍ୱର**
(ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର)
ଫୋନ୍ ନଂ.-୦୬୭୪-୨୪୩୧୬୧୧, ୨୪୩୧୬୧୨

**ରାଜ୍ୟସ୍ତରୀୟ ଫଟୋଗ୍ରାଫ୍ ପ୍ରତିଯୋଗିତା**

**ଫଟୋ ପଠାଇବାର ଶେଷ ତାରିଖ ୫ରୁ ୨୫ ନଭେମ୍ବର ୨୦୨୦ ପର୍ଯ୍ୟନ୍ତ**

ଓଡ଼ିଶା ଲଳିତ କଳା ଏକାଡେମୀ (ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ) ତରଫରୁ ଆୟୋଜିତ ହେବାକୁ ଥିବା ଏକ ରାଜ୍ୟସ୍ତରୀୟ ଫଟୋଗ୍ରାଫ୍ ପ୍ରତିଯୋଗିତା ପାଇଁ ଫଟୋଗ୍ରାଫ୍ ଅନ୍‌ଲାଇନ ମାଧ୍ୟମରେ ଆହ୍ୱାନ କରାଯାଉଛି। ଏଥିରେ ଅଂଶଗ୍ରହଣ କରିବାକୁ ଥିବା ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ବୟସ ୧୮ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ। ପ୍ରତ୍ୟେକ ଫଟୋ ଚିତ୍ରଶିଳ୍ପୀ ସର୍ବାଧିକ ୪ଟି ଫଟୋଗ୍ରାଫ୍ ନିମ୍ନୋକ୍ତ ୱେବ୍‌ସାଇଟ୍ ମାଧ୍ୟମରେ ପଠାଇବାକୁ ଅନୁରୋଧ। ଏ ସମ୍ପର୍କରେ ସବିଶେଷ ବିବରଣୀ ଏକାଡ଼େମୀ www.odishalalitkalaakademi.org ୱେବ୍‌ସାଇଟ୍‌ରେ ଉପଲବ୍ଧ।

ଗଜେନ୍ଦ୍ର ପ୍ରସାଦ ସାହୁ
ସଚିବ
ଓଡ଼ିଶା ଲଳିତ କଳା ଏକାଡେମୀ

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**NORTH EASTERN RURAL WORKS CIRCLE, KEONJHAR**
**Tel. 06766-258301(O), e-mail: se_nerwkjr@rediffmail.com**
**eProcurement Notice for Road Works**
**Identification No. Road Online NCB No.279**
**No. 1906 // Date: 20-10-2020**

No.O-486:- 1. Name of the work : Improvement of Road Works under DMF & Inter District Inter Block Connectivity. 2. Total No. of work : 02 (Two) Nos. 3. Estimated Cost : As per Annexure. 4. Class of Contractor: As per Annexure. 5. Period of Completion : As per Annexure. 6. Other details

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Road Online NCB No.279 | Dt.05.11.20 at 11.00 A.M. | Dt.19.11.20 up to 3.00 P.M. | Dt.18.11.20 up to 3.00 P.M. | Dt.20.11.20 at 11.00 A.M. | Will be intimated later |

● Further details can be seen from the website: www.tendersorissa.gov.in

Sd./- P.K. Mishra, Superintending Engineer, N.E.R.W. Circle, Keonjhar

OIPR-25048/11/0006/2021

**Government of Odisha** No. B-357
GOVT. OF ODISHA
**"e" Procurement Notice**
**Bid Identification No. PWDK-18/2020-21**
**e-mail: eepwdkeonjhar@yahoo.com**

**No. G2/7182** **Dt.21.10.2020**

1. No. of the Work : 03 Nos. Building Works
2. Estimated Cost : From Rs.39.34 lakhs to Rs.68.70 lakhs
3. Period of Completion : 6 (Six) Calendar Months
4. Date and time of availability of bid document in the portal : From 10.00 hr. 03.11.2020 to 17.00 hr. of 17.11.2020
5. Last date/time for receipt of bids in the portal : 17.00 hr. of 17.11.2020
6. Date of opening of Bid from portal : 11.30 hr. of 18.11.2020
7. Name and address of the Officer Inviting Bid : Executive Engineer, Keonjhar (R&B) Division, Keonjhar

Further details can be seen from the e-procurement portal **"http://tendersodisha.gov.in"**.

**Sd./- Executive Engineer**
**Keonjhar (R&B) Division**
**OIPR-34004/11/0005/2021**

idco ODISHA NEW OPPORTUNITIES **ODISHA INDUSTRIAL INFRASTRUCTURE DEVELOPMENT CORPORATION**

**TENDER CALL NOTICE**

**No. IDCO/HO-MIS/A-10040/01/2020/V-1/14412**
**Date: 27.10.2020**

No. CAD-657: IDCO invites tenders from eligible Cloud Service Provider (CSP) listed under Ministry of Electronics and Information Technology (MeitY), Govt. of India for Govt. Community Cloud or their authorized resellers/channel partner to participate in the tendering process for "Setting-up of IDCO Business Continuity and Disaster Recovery Site on Cloud.

The interested bidders can download the tender document from IDCO website **www.idco.in** from 04.11.2020 to 18.11.2020 upto 5.00 P.M. Response to ToR should be sent by Registered Post/Speed Post only so as to reach the Dy. General Manager (MIS), IDCO, IDCO Towers, Janpath, Bhubaneswar - 22 on or before 24.11.2020 upto 5.00 P.M.

**Sd./- Dy. General Manger (MIS)**
**OIPR-14003/11/0069/2021**

**ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**

**SAMS**
Student Academic Management System

**ରାଜ୍ୟରେ ସରକାରୀ ଓ ବେସରକାରୀ ଆଇ.ଟି.ଆଇ. ଗୁଡ଼ିକରେ ୨୦୨୦-୨୧ ବର୍ଷରେ ଅନ୍ତିମ ପର୍ଯ୍ୟାୟ ନାମଲେଖା ସୂଚୀ।**

No. KK-37: ସପ୍ଲିମେଣ୍ଟାରି ୨୦୨୦ ଉତ୍ତୀର୍ଣ୍ଣ ବା ୧୦ମ ପାସ୍ ପରେ କୌଣସିଠାରେ ନାମ ଲେଖାଇପାରି ନ ଥିବା ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଛି ଯେ, ଡିଜିଟି, ନୂଆଦିଲ୍ଲୀଙ୍କ ପତ୍ର ତା୨୭।୧୦।୨୦୨୦ ମୁତାବକ, ୨୦୨୦-୨୧ ବର୍ଷରେ ରାଜ୍ୟର ସରକାରୀ ଓ ସେରକାରୀ ଆଇଟିଆଇମାନଙ୍କରେ ଖାଲିଥିବା ସ୍ଥାନମାନଙ୍କରେ ଦୈନିକ ମେଧା ଭିତ୍ତିକ ସ୍ପଟ୍ ପଦ୍ଧତିରେ ତା୨୦।୧୧।୨୦୨୦ ପର୍ଯ୍ୟନ୍ତ SAMS ଜରିଆରେ ନାମ ପଞ୍ଜୀକରଣ ଓ ନାମଲେଖା ଚାଲୁ ରହିବ। ଏହି ତାରିଖ ମଧ୍ୟରେ ଯେକୌଣସି କାର୍ଯ୍ୟଦିବସରେ ନାମଲେଖା ପାଇଁ ସ୍ଥିର କରିଥିବା ଆଇଟିଆଇକୁ ଦିନ ଦୁଇଟା ମଧ୍ୟରେ ଯାଇ SAMS ପୋର୍ଟାଲ **www.samsodisha.gov.in**ରେ ନିଜ ନାମ ଖାଲିଥିବା ଟ୍ରେଡ୍‌ରେ ପଞ୍ଜୀକୃତ କଲେ ସେଇଦିନର ମେଧା ତାଲିକା ମୁତାବକ ନାମ ଲେଖା ହେବ। ଅଧିକ ବିବରଣୀ ନିମିତ୍ତ, ପ୍ରାର୍ଥୀ ସହାୟତା ଟୋଲ୍ ଫ୍ରି ନମ୍ବର - ସଂଯୋଗ **Helpline - ୧୫୫୩୩୫** କିମ୍ବା ୧୮୦୦-୩୪୫-୬୭୭୦ ବା ନିକଟସ୍ଥ ସରକାରୀ ଆଇଟିଆଇଗୁଡ଼ିକରେ ଯୋଗାଯୋଗ କରନ୍ତୁ।

ସ୍ୱା./- ନିର୍ଦ୍ଦେଶକ
ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା
OIPR-14004/11/0023/2021

**ODISHA POLICE, OISF, HEADQUARTERS**
**PLOT NO.- 139 (P), KESHARI NAGAR, UNIT - V, BHUBANESWAR**

**ବିଜ୍ଞାପନ**

କନେଷ୍ଟବଳ ନମ୍ବର: **୫୧୬, ବୈଦ୍ୟନାଥ ହାଁସଦା**
ପିତା: ଶ୍ରୀ ମଙ୍ଗତ ହାଁସଦା
ଗ୍ରାମ: ରଙ୍ଗମାଟିଆ, ପୋ.: ଶଙ୍ଖଭଙ୍ଗା
ଥାନା: ବାରିପଦା ସଦର, ଜିଲ୍ଲା: ମୟୂରଭଞ୍ଜ

No. D-92: ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆପଣ ୨ ଦିନ ଆକସ୍ମିକ ଛୁଟି ତା୦୮।୦୬।୨୦୧୯ରିଖ ଅପରାହ୍ନଠାରୁ ଯାଇ ନିଜ କାର୍ଯ୍ୟରେ ଯୋଗ ନ ଦେଇ କର୍ତ୍ତବ୍ୟରୁ ଅନଧିକାର ଭାବେ ଗରହାଜିର ରହିବା ଯୋଗୁଁ ଆପଣଙ୍କ ବିରୁଦ୍ଧରେ ବିଭାଗୀୟ ପ୍ରୋସିଡିଙ୍ଗ ନମ୍ବର ୪୧ ତା୨୬।୦୯।୨୦୧୯ ରୁଜୁ କରାଯାଇଅଛି। ଉକ୍ତ ପ୍ରୋସିଡିଙ୍ଗର ତଦନ୍ତ ସମୟରେ ଆପଣଙ୍କ ଅନୁପସ୍ଥିତି ଯୋଗୁଁ ତଦନ୍ତକାରୀ ଅଧିକାରୀ ଉକ୍ତ ପ୍ରୋସିଡିଙ୍ଗଟିକୁ ଏକତରଫା (Ex-parte) ଭାବେ ତଦନ୍ତ କରି ପ୍ରୋସିଡିଙ୍ଗର ଫାଇଡିଙ୍ଗ ଦାଖଲ କରିଥିଲେ।

ଆପଣ ସ୍ୱବାସଗୃହରେ ଦୀର୍ଘ ଅନୁପସ୍ଥିତ ରହିବା କାରଣରୁ ପତ୍ରବାହକ ଦ୍ୱାରା ଆପଣଙ୍କ ନିକଟକୁ ପ୍ରେରଣ କରାଯାଇଥିବା ଫାଇଡିଙ୍ଗ ସହିତ ପ୍ରଥମ କାରଣ ଦର୍ଶାଅ ନୋଟିସକୁ ତା୨୦।୦୮।୨୦୨୦ରିଖ ଦିନ ଆପଣଙ୍କ ସ୍ତ୍ରୀ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ହାଁସଦା ସ୍ୱ ସ୍ୱାକ୍ଷର ଦେଇ ଗ୍ରହଣ କରିଥିଲେ। କିନ୍ତୁ ଆପଣ ଉକ୍ତ ବିଷୟରେ ଲିଖିତ ଭାବେ କିଛି ନ ଜଣାଇ ନୀରବ ରହିଲେ।

ପୁନର୍ବାର ଆପଣଙ୍କୁ କାହିଁକି ଚାକିରିରୁ ଅପସାରଣ କରା ନ ଯିବ ସେ ସମ୍ବନ୍ଧରେ ଆପଣଙ୍କ ମତାମତ ଜଣାଇବା ନିମନ୍ତେ ପତ୍ର ବାହାକଙ୍କ ଦ୍ୱାରା ବାରିପଦା ସଦର ଥାନାର ଭାରପ୍ରାପ୍ତ ଆରକ୍ଷୀ ନିରୀକ୍ଷକଙ୍କ ଜରିଆରେ ଆପଣଙ୍କ ନିକଟକୁ ଦ୍ୱିତୀୟ କାରଣ ଦର୍ଶାଅ ନୋଟିସ୍‌କୁ ମେମୋ ନମ୍ବର ୯୪୨/ଆର୍.ଓ. ଓ.ଆଇ.ଏସ୍.ଏଫ. ତା୧୬।୦୯।୨୦୨୦ରିଖ ଅନୁଯାୟୀ ପ୍ରେରଣ କରାଯାଇଥିଲା। କିନ୍ତୁ ଆପଣଙ୍କ ଅନୁପସ୍ଥିତି ଯୋଗୁଁ ଆପଣଙ୍କୁ ହସ୍ତାନ୍ତର ନ ହୋଇ ବାରିପଦା ସଦର ଥାନାର ଆରକ୍ଷୀ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ ଉକ୍ତ ଥାନାର ଜଣେ ପୋଲିସ୍ କର୍ମଚାରୀ ଓ ଗ୍ରାମର ଦୁଇ ଜଣ ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ଆପଣଙ୍କ ଘରେ ତା୧୯।୦୯।୨୦୨୦ରିଖ ଦିନ ଲଟକା ଜାରି କରାଯାଇଥିଲା। ଆପଣ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଲିଖିତାକାରେ ଆପଣଙ୍କ ପକ୍ଷ ରଖିବା ନିମନ୍ତେ ଦ୍ୱିତୀୟ କାରଣ ଦର୍ଶାଅ ନୋଟିସ୍‌ରେ ଦିଆଯାଇଥିବା ନିର୍ଦ୍ଦେଶାନୁସାରେ ଆପଣ, ଆପଣଙ୍କ ପକ୍ଷ ରଖିବାରେ ସମ୍ପୂର୍ଣ୍ଣ ବିଫଳ ହେଲେ।

ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ସମ୍ବାଦ ପ୍ରକାଶନର ୭ (ସାତ) ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଭୁବନେଶ୍ୱର ସ୍ଥିତ ଓ.ଆଇ.ଏସ୍.ଏଫ୍. ମୁଖ୍ୟ କାର୍ଯ୍ୟାଳୟରେ ଯୋଗଦାନ କରିବା ସହିତ ଆପଣଙ୍କ ବିରୁଦ୍ଧରେ ରୁଜୁ କରାଯାଇଥିବା ବିଭାଗୀୟ ପ୍ରୋସିଡିଙ୍ଗ ନମ୍ବର ୪୧/୨୦୧୯ ସମ୍ବନ୍ଧରେ ଆପଣଙ୍କ ସପକ୍ଷରେ ଲିଖିତାକାରରେ ଦାଖଲ କରନ୍ତୁ। ଏଥିରେ ତ୍ରୁଟି କଲେ ଏକତରଫା ଭାବେ ଆପଣଙ୍କୁ **"ଚାକିରିରୁ ଅପସାରଣ"** କରାଯିବ।

ସ୍ୱା./- ଦୁର୍ଗପତି
ଓ.ଶି.ସୁ.ବ., ଭୁବନେଶ୍ୱର, ଖୋର୍ଦ୍ଧା
OIPR-12029/11/0019/2021

**ନିଲାମ ସୂଚନା**

No. MM-82: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବନଖଣ୍ଡ ଅଧିକାରୀ, ଲୁଣାଜଙ୍ଗଲ ବନଖଣ୍ଡ (ବନ୍ୟଜୀବ) ରାଜନଗରଙ୍କ ଅଧୀନରେ ଥିବା କାଜୁଜଙ୍ଗଲର କାଜୁବାଦାମ ସଂଗ୍ରହକରିବା ପାଇଁ ନିମ୍ନଲିଖିତ ତାରିଖ, ସ୍ଥାନ ଓ ସମୟ ଅନୁସାରେ ପ୍ରକାଶ୍ୟଭାବେ ନିଲାମ କରାଯିବ। ନିଲାମ ଶେଷ ହେବା ପରେ ଦ୍ରବ୍ୟ ଓ ଏରିଆ ଇତ୍ୟାଦି ଉପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣକରାଯିବ ନାହିଁ।

ନିଲାମ ସମ୍ବନ୍ଧୀୟ ସବିଶେଷ ବିବରଣୀ ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟଜୀବ), ରାଜନଗରଙ୍କ କାର୍ଯ୍ୟାଳୟରୁ ଯେ କୌଣସି କାର୍ଯ୍ୟ ଦିବସରେ ଦିବା ୧୧ ଘଟିକାଠାରୁ ଅପରାହ୍ନ ୪ ଘଟିକା ମଧ୍ୟରେ ମିଳିପାରିବ। ଏହା ମଧ ଏହି ବନଖଣ୍ଡର Website: **www.wildlife.odisha.gov.in**ରେ ଉପଲବ୍ଧ ଅଟେ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଦ୍ରବ୍ୟ | ସମୟ |
|---|---|---|---|
| ୧୧।୦୧।୨୦୨୧ | ବନଖଣ୍ଡ ଅଧିକାରୀ, ଲୁଣାଜଙ୍ଗଲ ବନଖଣ୍ଡ (ବନ୍ୟଜୀବ), ରାଜନଗରଙ୍କ କାର୍ଯ୍ୟାଳୟ | ଜଟାଧାର ତଣ୍ଡାକାଜୁ ଜଙ୍ଗଲ, କୁଜଙ୍ଗ (ବନ୍ୟଜୀବ) ବନାଞ୍ଚଳ | ଦିବା ୧୧ଘଟିକା |

ତା୧୧।୦୧।୨୦୨୧ରିଖ ନିଲାମ ଫଳପ୍ରଦ ନ ହେଲେ ପୁନଃ ନିଲାମ ତା୧୨।୦୧।୨୦୨୧ରିଖ ଉପରୋକ୍ତ ନିଲାମ ସ୍ଥାନ/ସମୟରେ ଅନୁଷ୍ଠିତ ହେବ।

ସ୍ୱା./- ବନଖଣ୍ଡ ଅଧିକାରୀ
ଲୁଣାଜଙ୍ଗଲ ବନଖଣ୍ଡ (ବନ୍ୟଜୀବ),
ରାଜନଗର
OIPR-08053/11/0004/2021

**BHUBANESWAR MUNICIPAL CORPORATION**
**AUCTION SALE NOTICE FOR PACKAGE OF / INDIVIDUAL PARKING LOTS IN BMC AREA**

**No. 55689/BMC** **Date: 28.10.2020**

No. C-184: Sealed tenders are invited by Registered Post/ Speed Post/Courier only addressed to the Commissioner, BMC, Bhubaneswar from intending parties in prescribed tender form along with EMD mentioned against the **7 Packages consisting of 28 and Individual 20 parking lots for One year** as in the Notice and in the website. The EMD and tender paper cost separately should be in shape of Bank Draft drawn in favour of Commissioner, Bhubaneswar Municipal Corporation, Bhubaneswar. The details of the tender are available in BMC/ Zone Office Notice Boards and BMC website: **http://bmc.gov.in.**

The important dates & information are as follows:

1. Date of issue of Tender Paper: 03.11.2020
2. Last date for sale of Tender Paper at BMC Office : 23.11.2020 (During Office Hour)
3. Last date of submission of written queries for clarification : 09.11.2020
4. Pre-bid Meeting : 10.11.2020 at 12.00 P.M.
5. Last date for submission of tender paper : 24.11.2020 upto 5.00 P.M.
6. Earnest Money Deposit (EMD) : 10% of Upset Price
7. Tender Cost (Non-refundable) : Rs.500/- (Rupees five hundred only)
8. Opening of Tender Papers : As mentioned in the Document

**Sd./- Deputy Commissioner (Revenue)**
**Bhubaneswar Municipal Corporation**
OIPR-13002/11/0040/2021

## ଓୟୁଏଟି ପ୍ରଫେସରଙ୍କ ଘରୁ ଚୋରି

ଭୁବନେଶ୍ୱର,୨୯।୧୦(ବ୍ୟୁରୋ): ଗତ କିଛିମାସ ହେବ ରାଜଧାନୀରେ ସକ୍ରିୟ ରହିଛନ୍ତି ଅପରାଧୀ। ବିଶେଷକରି ଲୁଟ୍,ଚୋରି ଓ ଡକାୟତି ସୀମା ଟପିଛି। ନିକଟରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାରରେ ଜଣେ ଯୁବ ଇଞ୍ଜିନିୟରଙ୍କୁ ହାଣି ଲୁଟ ଉଦ୍ୟମ ହୋଇଥିବାବେଳେ ଏବେ ଓୟୁଏଟି କଲୋନୀରେ ରହୁଥିବା ଜଣେ ପ୍ରଫେସରଙ୍କ ଘରୁ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ୭ଲକ୍ଷ ଟଙ୍କାର ସୁନା ଅଳଙ୍କାର, ଆଇ ଫୋନ୍, ଲାପଟପ୍, ୨ଟି ମୋବାଇଲ୍ ଫୋନ୍ ସହ ମୋଟ ୧୦ ଲକ୍ଷ ଟଙ୍କାର ସାମଗ୍ରୀ ଓ ନଗଦ ଟଙ୍କା ଆଦି ଚୋରି କରିନେଇଛନ୍ତି। ଏନେଇ ତାଙ୍କ ପୁଅ ଅନିମେଶ ଅବିନାଶ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୬୮୪/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଥଇଥାନ ପ୍ୟାକେଜ୍ ପାଇଁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

## ମନ୍ଦାକିନୀ କୋଇଲା ଖଣି ଉତ୍‌ଖନନ ନେଇ ବୈଠକ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ଅନୁଗୋଳ ଜିଲାର ମନ୍ଦାକିନୀ କୋଇଲା ଖଣି ଉତ୍‌ଖନନ ନେଇ ରହିଥିବା ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ଏନେଇ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଗୁରୁବାର ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ ବୈଠକ ମାଧ୍ୟମରେ ଏହାର ସମୀକ୍ଷା କରିଥିଲେ। ଖଣି ଓ ଇସ୍ପାତ ବିଭାଗ ପ୍ରମୁଖ ସଚିବ ସୁରେନ୍ଦ୍ର କୁମାର ଏହି ଖଣି ଉତ୍‌ଖନନ ନେଇ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ସମାଧାନ ଦିଗରେ ମତ ରଖିଥିଲେ। ଖଣି ଅଞ୍ଚଳରେ ସାମାଜିକ ଓ ଅର୍ଥନୈତିକ ସର୍ବେକ୍ଷଣ(ଏସ୍‌ଇଏସ୍) କରିବା, ଜଙ୍ଗଲ ବିଭାଗ ପ୍ରସ୍ତାବର ଅନୁପାଳନ, ଭାରତ ସରକାରଙ୍କଠାରୁ ପରିବେଶ ମଞ୍ଜୁରୀ, କୋଇଲା ମାନ ଯାଞ୍ଚ ପାଇଁ



ସେଣ୍ଟ୍ରାଲ ମାଇନ୍ସ ପ୍ଲାନିଂ ଆଣ୍ଡ ଡିଜାଇନ୍ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ପ୍ରାରମ୍ଭିକ ପର୍ଯ୍ୟାୟରେ ହେବାକୁ ଥିବା ଡ୍ରିଲିଂ ଆଦି ସମ୍ପର୍କରେ ଏହି ବୈଠକରେ ଆଲୋଚନା ହୋଇଥିଲା। ତେବେ ସ୍ଥାନୀୟ ଲୋକଙ୍କ ସମସ୍ୟାର ସମାଧାନ ଲାଗି ଓଡ଼ିଶା କୋଲ୍ ବିୟରିଂ ଏରିଆ ଡେଭଲପ୍‌ମେଣ୍ଟ ଆକ୍ଟ ଆଣ୍ଡ୍ ରିହାବିଲିଟେଶନ ପଲିସି ଅନୁଯାୟୀ ଏକ ବ୍ୟାପକ ଥଇଥାନ ପ୍ୟାକେଜ୍ ପ୍ରସ୍ତୁତ କରିବାକୁ ଅନୁଗୋଳ ଜିଲାପାଳଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶାର ଥଇଥାନ ନୀତି ଏକ ପ୍ରଗତିଶୀଳ ନୀତି ହୋଇଥିବାବେଳେ ଯଦି ଏହାର ଉପଯୁକ୍ତ ପ୍ୟାକେଜିଂ କରାଯାଏ ତା'ହେଲେ ସ୍ଥାନୀୟ ଲୋକେ ଏହାଦ୍ୱାରା ବିଶେଷଭାବେ ଉପକୃତ ହୋଇପାରିବେ ବୋଲି ସେ କହିଥିଲେ।

ସେହିଭଳି ଜିଲା ପ୍ରଶାସନ ସହ ଆଲୋଚନା କରି ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ଏକ ଥଇଥାନ ପ୍ୟାକେଜ୍ ପ୍ରସ୍ତୁତ କରିବାକୁ ଖଣି ବିକାଶ କର୍ତ୍ତୃପକ୍ଷ (ମାଇନ୍ସ ଡେଭଲପିଙ୍ଗ୍ ଅଥରିଟି)ଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଖଣି ଖନନ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କୁ ଥଇଥାନ ପ୍ୟାକେଜ୍ ସମ୍ପର୍କରେ ବିସ୍ତୃତଭାବେ ବୁଝାଇବାକୁ ଜିଲାପାଳ, ଏସ୍‌ପି ଓ ସ୍ଥାନୀୟ ତହସିଲଦାରଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଥଇଥାନ ଅଞ୍ଚଳରେ ଉପଯୁକ୍ତ ବାସଗୃହ ସହ ଆବଶ୍ୟକ ସମସ୍ତ ଭିତ୍ତିଭୂମି ଓ ସୁବିଧା ସୁଯୋଗ ଯୋଗାଇଦେବାକୁ ସେ କହିଥିଲେ। ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର୍ ଡେଭଲପ୍‌ମେଣ୍ଟ ଷ୍ଟଡିଜ୍ ଆସନ୍ତା ସପ୍ତାହରୁ ଏହି ଅଞ୍ଚଳରେ ସାମାଜିକ ଓ ଅର୍ଥନୈତିକ ସର୍ବେକ୍ଷଣ କରିବା ନେଇ ସୁରେନ୍ଦ୍ର କୁମାର ସୂଚନା ଦେଇଥିଲେ। ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ମୋନା ଶର୍ମା, ଖଣି ନିର୍ଦ୍ଦେଶକ ଦେବୀଦତ୍ତ ବିଶ୍ୱାଳ, ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ଏନ୍‌ଟିପିସି ସିଏମ୍‌ଡି ଗୁରୁଦୀପ ସିଂ ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଏହି ଭର୍ଚୁଆଲ ବୈଠକରେ ଯୋଗଦେଇଥିଲେ।

## ସଂକ୍ଷେପରେ

### ଦଣ୍ଡପାଣି ମିଶ୍ରଙ୍କ ଶ୍ରାଦ୍ଧଦିବସ ପାଳିତ

ପୁରୁଣା ଭୁବନେଶ୍ୱର, ୨୯।୧୦ (ଡି.ଏନ୍.ଏ.): ଧରିତ୍ରୀ ତଥା ଓଡ଼ିଶା ପୋଷ୍ଟର ପୂର୍ବତନ ପ୍ରକାଶକ ଦଣ୍ଡପାଣି ମିଶ୍ରଙ୍କ ଗୁରୁବାର ଷଷ୍ଠ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଓଁକାର ନାଥ ମିଶନ, ଭୁବନେଶ୍ୱର ଶାଖା ପକ୍ଷରୁ ଶ୍ୟାମାଶଙ୍କର ମଠ ନିକଟରେ ଅନୁଷ୍ଠିତ ଶ୍ରାଦ୍ଧ ଦିବସରେ ଅତିଥିମାନେ ଦଣ୍ଡପାଣିଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିବା ସହ ସେ ଜଣେ ବାଗ୍ମୀ ଓ ସାହିତ୍ୟିକ ଥଲେ ବୋଲି କହିଥିଲେ। ଏହି ଅବସରରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥପନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶାଖା ଉପଦେଷ୍ଟା ଅରୁଣ କୁମାର ଗାଙ୍ଗୁଲି, କୋଷାଧକ୍ଷ ରବୀନ୍ଦ୍ର ମହାନ୍ତି, ସମ୍ପାଦକ ପ୍ରଶାନ୍ତ ପରିଡ଼ା, ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ହାଇୱା ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣୀ ଅଞ୍ଚଳରେ ଏକ ହାଇୱା ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କଟକ ସଦର ଥାନା ନୂଆଗଡ଼ ଅଞ୍ଚଳର ନିରାକାର ଭୂୟାଁ। ପୋଲିସ ଦୁର୍ଘଟଣା ଘଟାଇଥିବା ହାଇୱା(ଓଡି ୦୨ଜି ୬୮୪୦)କୁ ଜବତ କରିବା ସହ ଡ୍ରାଇଭର ଖୋର୍ଦ୍ଧା ଜିଲା କେରଙ୍ଗ ଅଞ୍ଚଳର ଶେଖ ଫରିଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ନିରାକାର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ଗୁରୁବାର ସକାଳୁ ସେ ଘରୁ ବାହାରି ଅଫିସ ଆସୁଥିବାବେଳେ ଦୁର୍ଘଟଣା ଘଟିଥିଲା।

### ମା' ମଙ୍ଗଳାଙ୍କ ହୁଣ୍ଡିରୁ ମିଳିଲା ୪.୭୪ ଲକ୍ଷ ଟଙ୍କା

କାକଟପୁର,୨୯।୧୦(ଡି.ଏନ୍.ଏ.): କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରର ହୁଣ୍ଡିକୁ ମନ୍ଦିର ପ୍ରଶାସନ ତଥା ସେବାୟତଙ୍କ ଉପସ୍ଥିତିରେ ଦୀର୍ଘ ୮ମାସ ପରେ ଗୁରୁବାର ଖୋଲାଯାଇଛି। ଉକ୍ତ ହୁଣ୍ଡିରୁ ୪ଲକ୍ଷ ୭୪ହଜାର ୩୩୧ଟଙ୍କା ମିଳିଥିଲା। ଗଣତି ସମୟରେ ସ୍ଥାନୀୟ ତହସିଲଦାର, ଥାନା ଭାରପ୍ରାପ୍ତ ନିରୀକ୍ଷକ, ମନ୍ଦିର କର୍ମଚାରୀ, ୟୁକୋ ବ୍ୟାଙ୍କ ଷ୍ଟାଫ୍, ମା' ମଙ୍ଗଳାଙ୍କ ସେବାୟତ ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପା ନେତା ଶରତ ମିଶ୍ରଙ୍କ ପରଲୋକ

ପୁରୀ ଅଫିସ,୨୯।୧୦: ଭାଜପାର ପୂର୍ବତନ ପୁରୀ ଜିଲା ସଭାପତି ଶରତ ମିଶ୍ର(୭୦)ଙ୍କର ବୁଧବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଗୁରୁବାର ଜନ୍ମମାଟି ବ୍ରହ୍ମଗିରି ବ୍ଲକ ରାମଚନ୍ଦ୍ରପୁର ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ଶ୍ରୀକାନ୍ତ ମିଶ୍ର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମିଶ୍ର ୪ଥର ଜିଲା ଭାଜପାର ସଭାପତି ରହିଥିଲେ। ତାଙ୍କ ଦେହାନ୍ତରେ ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ରାଜ୍ୟ ଉପସଭାନେତ୍ରୀ ପ୍ରଭାତି ପରିଡ଼ା, ରାଜ୍ୟ ପ୍ରବକ୍ତା ବିରଞ୍ଚି ନାରାୟଣ ତ୍ରିପାଠୀ, ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ନାବାଳିକାଙ୍କୁ ଗଣବଳାତ୍କାର, ୨ ଗିରଫ

ପିପିଲି,୨୯।୧୦(ସ୍ୱ.ପ୍ର.)

ପିପିଲି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରିବା ଅଭିଯୋଗରେ ପୋଲିସ ବୁଧବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ମହମ୍ମଦ ତଫିକ ଓରଫ ଟିକି ଓ ମହମ୍ମଦ ସିଦିକ୍ ଓରଫ ବିକି। ଏ ନେଇ ଥାନାରେ ଏକ ମାମଲା (ନଂ.୩୪୦/୨୦)ରୁଜୁ ହୋଇଛି। ବୁଧବାର ନାବାଳିକାଙ୍କ ଘରକୁ ଅତିଥି ଆସିଥିବାରୁ ସନ୍ଧ୍ୟାରେ ସଉଦା କିଣିବା ପାଇଁ ନିକଟସ୍ଥ ଦୋକାନକୁ ଯାଇଥିଲେ। ଫେରିବା ସମୟରେ ୨ ଅଭିଯୁକ୍ତ ରାସ୍ତାରୁ ନାବାଳିକାଙ୍କ ପାଟିରେ ଗାମୁଛା ବାନ୍ଧି ଏକ ନିଛାଟିଆ କେନାଲ ବନ୍ଧ ତଳେ ବଳାତ୍କାର କରିଥିଲେ। ପରେ ସେ ପରିବାର ଲୋକଙ୍କୁ ଜଣାଇଥିଲେ।

## ଜୀବନ ବଞ୍ଚାଇବାକୁ ଥାନାକୁ ପଶିଗଲେ ଯୁବତୀ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ରାଜଧାନୀର ରାତି ଏବେ ଯୁବତୀଙ୍କ ପାଇଁ ଅସୁରକ୍ଷିତ ହୋଇପଡୁଛି। ବୁଧବାର ରାତି ପ୍ରାୟ ୯ଟାରେ ଜଣେ ଯୁବତୀ କାର୍‌ରେ ପୋଖରୀପୁଟସ୍ଥିତ ଘରକୁ ଫେରୁଥିଲେ। ବାଟରେ ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ ନିକଟରେ କାରରେ ତେଲ ପକାଉଥିବାବେଳେ ଅନ୍ୟ ଏକ କାର୍‌ରେ ଥିବା ଜଣେ ଯୁବକ ତାଙ୍କୁ ମାଡ଼ ମାରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଭୟରେ ଯୁବତୀ ଜଣକ ନିଜ କାରରେ ବସି ଘରକୁ ପଳାଉଥିବାବେଳେ ଯୁବକ ଜଣକ କାରରେ ତାଙ୍କ ପିଛା କରିଥିଲେ। ରାସ୍ତା ସାରା ଯୁବତୀଙ୍କ କାର କାଚକୁ ବାଡ଼େଇବା ସହ ଗାଳିଗୁଲଜ କରିଥିଲେ। ଏପରି କି ତାଙ୍କୁ ଘରକୁ ଯିବାକୁ ନ ଦେଇ ରାସ୍ତାରେ ନାନା ହଇରାଣ କରିଥିଲେ। ଖଣ୍ଡଗିରି ଓଭରବ୍ରିଜ ନିକଟରେ ଯୁବତୀଙ୍କ କାର ଆଗରେ ଯୁବକ ନିଜ କାର ରଖି ତାଙ୍କୁ ଅଟକାଇଥିଲେ। କାରରେ ବସିଥିବା ଏକାଧିକ ଯୁବକ ଉକ୍ତ ଯୁବତୀଙ୍କୁ ଅସଦାଚରଣ ସହ ଅପହରଣ ଉଦ୍ୟମ କରିଥିଲେ। ଯୁବତୀ ଜଣକ କାରରୁ ବାହାରି ଉଦ୍ଧାର ପାଇଁ ଚିତ୍କାର କରିବା ସହ ନିକଟରେ ଥିବା ଥାନା ଆଡକୁ ଦୌଡ଼ିଥିଲେ। ଅଭିଯୁକ୍ତମାନେ ତାଙ୍କର ପିଛା କରିଥିଲେ ମଧ୍ୟ ଯୁବତୀ ଜଣକ ଖଣ୍ଡଗିରି ଥାନାରେ ପଶି ପୋଲିସର ସହାୟତା ମାଗିଥିଲେ। ପୋଲିସକୁ ଦେଖି ଯୁବକମାନେ ଫେରାର ହୋଇଯାଇଥିଲେ। ପରେ ପୋଲିସ ସହାୟତାରେ ସେହି ରାତିରେ ଯୁବତୀ ଜଣକ ଘରେ ସୁରକ୍ଷିତ ଭାବେ ପହଞ୍ଚିଥିଲେ। ଗୁରୁବାର ସକାଳୁ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୬୯୬/୨୦)ରୁଜୁକରିତଦନ୍ତକରୁଛି।

## ମହିଳାଙ୍କ ଜୀବନ ବଞ୍ଚାଇଲେ ଆର୍‌ପିଏଫ୍ କର୍ମଚାରୀ

ପୁରୀ ଅଫିସ,୨୯।୧୦

ଆତ୍ମହତ୍ୟା ପାଇଁ ଟ୍ରେନ୍ ଲାଇନକୁ ଚାଲିଆସିଥିବା ଜଣେ ମହିଳାଙ୍କୁ ଆର୍‌ପିଏଫ୍ କର୍ମଚାରୀ ଉଦ୍ଧାର କରିଛନ୍ତି। ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ସାଢେ ୮ଟାରେ ଡେଲାଙ୍ଗ ଷ୍ଟେଶନରେ ଆର୍‌ପିଏଫ୍ କର୍ମଚାରୀ ଦୀପକ ରଞ୍ଜନ ବେହୁରା ଟ୍ରେନ୍ ଲାଇନରେ ପାଟ୍ରୋଲିଂ କରୁଥିଲେ। ଜଣେ ୬୦ ବର୍ଷୀୟା ମହିଳା ଟ୍ରେନ୍ ଲାଇନରେ ବସିଥିବା ସେ ଦେଖିଥିଲେ। ଏହି ସମୟରେ ପୁରୀ-ହାଓଡ଼ା ସୁପରଫାଷ୍ଟ ଏକ୍ସପ୍ରେସ୍ ଟ୍ରେନ୍ ସେହି ଲାଇନରେ ଆସୁଥିଲା। ସମ୍ପୃକ୍ତ ମହିଳାଙ୍କୁ ଦୀପକ ଜବରଦସ୍ତ ଟ୍ରାକ୍‌ରୁ ନେଇଆସିଥିଲେ। ପରେ ଏ ସମ୍ପର୍କରେ ସେ ଡ୍ୟୁଟି ଅଫିସର ପି.କେ. ସେଠୀଙ୍କୁ ଅବଗତ କରାଇଥିଲେ। ମହିଳାଙ୍କୁ ପଚରାଉଚରା କରିବାରୁ ତାଙ୍କ ଘର ଡେଲାଙ୍ଗ ଅଞ୍ଚଳରେ ବୋଲି ଜଣାପଡ଼ିଥିଲା। ପରେ ମହିଳାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା।

## ସାକ୍ଷୀଗୋପାଳ ସେବାୟତ ସଂଘ ନୂତନ କର୍ମକର୍ତ୍ତା ଚୟନ

ସାକ୍ଷୀଗୋପାଳ, ୨୯।୧୦ (ଡି.ଏନ୍.ଏ.)

ପୁରୀ ଜିଲା ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘର ନୂତନ କର୍ମକର୍ତ୍ତା ମନୋନୟନ ହୋଇଯାଇଛି। ସଭାପତି ଭାବେ ସିଂହାରୀ ରାମଚନ୍ଦ୍ର ମହାପାତ୍ର, ଉପସଭାପତି ସିଂହାରୀ ଅଶୋକ କୁମାର ଖୁଣ୍ଟିଆ, ସମ୍ପାଦକ ପୂଜାପଣ୍ଡା କିଶୋରଚନ୍ଦ୍ର ମହାପାତ୍ର, ସହ ସମ୍ପାଦକ ସିଂହାରୀ ସଞ୍ଜୟ ନନ୍ଦ, କୋଷଧ୍ୟକ୍ଷ ଭଣ୍ଡାର ମେକାପ ଭର୍ଗୋଦେବ କୋଠାରୀ ଏବଂ ପରିଚାଳନା ପରିଷଦର ସଦସ୍ୟଙ୍କ ମଧ୍ୟରେ ଭଣ୍ଡାର ମେକାପ ସନ୍ତୋଷ ମେକାପ, ପ୍ରତିହାରୀ ରାମଚନ୍ଦ୍ର ନନ୍ଦ ଓ ସିଂହାରୀ ଜ୍ୟୋତି ଶଙ୍କର ଖୁଣ୍ଟିଆ ଆଗାମୀ ଏକ ବର୍ଷ ନିମନ୍ତେ ବୁଧବାରଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ କର୍ମକର୍ତ୍ତାଙ୍କର ଶପଥ ଗ୍ରହଣ କାର୍ଯ୍ୟକ୍ରମ ବୟୋଜ୍ୟେଷ୍ଠ ପୂଜାପଣ୍ଡା ସୁରେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା।

## ସାରୁଅ ଜମି ମାମଲା: କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ

ଖୋର୍ଦ୍ଧା ଅଫିସ,୨୯।୧୦

ଓଟିଭି କର୍ତ୍ତୃପକ୍ଷଙ୍କ ବିରୋଧରେ ହୋଇଥିବା ଜମି ହଡ଼ପ ମାମଲାରେ ଗୁରୁବାର ୩ଜଣିଆ କ୍ରାଇମବ୍ରାଞ୍ଚ ଟିମ୍ ଖୋର୍ଦ୍ଧା ଜିଲା ସାରୁଅ ମଲ୍ଲିକ ସାହିରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅପରାହ୍ନ ୧ଟାରେ ଏହି ଟିମ୍ ପ୍ରଥମେ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିବା ସହ ବୟାନ ରେକର୍ଡ କରିଛନ୍ତି। ଏହା ପରେ କ୍ରାଇମବ୍ରାଞ୍ଚ ଟିମ୍ ବିବାଦୀୟ ଜମି, ପୋଖରୀ ସଲଗ୍ନ ଚାଷଜମି, ମହିଳା ବିକାଶ ସମିତି ସ୍ଥାନ ଆଦି ବୁଲି ଦେଖିଥିଲେ। ଅନ୍ୟପଟେ ମହିଳା ସଶକ୍ତୀକରଣ ଆଳରେ ଗଢି ଉଠିଥିବା ସାରୁଅ ମହିଳା ବିକାଶ ସମିତିର ସଭାପତିଙ୍କ ସମେତ ସମସ୍ତ କର୍ମକର୍ତ୍ତା ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହି ଇସ୍ତଫା ପତ୍ର ଓଟିଭି ଏମ୍‌ଡିଙ୍କ ନିକଟକୁ ପଠାଇ ଦିଆଯାଇଛି। ସମସ୍ତ ରିପୋର୍ଟକୁ ତର୍ଜମା କରିବା ପରେ ସମୂହଭାବେ ସମିତି ସଦସ୍ୟ ପଦରୁ ଇସ୍ତଫା ଦେଇଛୁ ବୋଲି ସମିତି ସଭାପତି ଜୟନ୍ତୀ ସାହୁ କହିଛନ୍ତି।

## ରୋଟାରି ଏଲ୍‌ଟିର ପ୍ରତିଷ୍ଠାନ ସମାରୋହ

ଭୁବନେଶ୍ୱର,୨୯।୧୦: ରୋଟାରି ଏଲ୍‌ଟିର ପ୍ରତିଷ୍ଠାନ ସମାରୋହ ଓ ଗଭର୍ନର ପରିଦର୍ଶନ କାର୍ଯ୍ୟକ୍ରମ ବୁଧବାର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ସରୋଜ କୁମାର ଦାଶ ସଭାପତି ଓ ସମ୍ପାଦକ ଭାବେ ଗୋଲକ ବିହାରୀ ମାଝି ଦାୟିତ୍ୱ ତୁଲାଇଥିଲେ। କରୋନା ମହାମାରୀ ସମୟରେ ରୋଟାରି ଏଲ୍‌ଟି ପକ୍ଷରୁ କରାଯାଇଥିବା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ବିଷୟରେ ଗଭର୍ନର ସୌମ୍ୟରଞ୍ଜନ ମିଶ୍ର ଗୁରୁତ୍ୱାରୋପ କରିଛନ୍ତି। ଉପସଭାପତି ଚିତ୍ତରଞ୍ଜନ ମିଶ୍ର, ଯୁଗ୍ମ ସମ୍ପାଦକ ନିହାରେନ୍ଦୁ ଭୂୟାଁ ମହାପାତ୍ର, ସଙ୍ଗୀତା ଭଞ୍ଜ ଚୌଧୁରୀଙ୍କ ସମେତ ବିଭିନ୍ନ ପ୍ରୋଜେକ୍ଟ ଡାଇରେକ୍ଟର ପ୍ରମୁଖ ଉପସ୍ଥିତ ଥିଲେ।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ପିଡି

ନିଶ୍ଚିନ୍ତକୋଇଲି,୨୯।୧୦(ସ୍ୱ.ପ୍ର.)

କଟକ ଜିଲା ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଅବଦୁଲ୍ଲା ଅକତାର ଗୁରୁବାର ଅପରାହ୍ନରେ ଅଚାନକ ନିଶ୍ଚିନ୍ତକୋଇଲି ବ୍ଲକର ବାବୁଜଙ୍ଗ ପଞ୍ଚାୟତ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏନେଇ ଆୟୋଜିତ ସମୀକ୍ଷା ବୈଠକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ ପଞ୍ଚାୟତ ପକ୍ଷରୁ ହୋଇଥିବା ବିଭିନ୍ନ ପ୍ରକଳ୍ପକୁ ତୁରନ୍ତ ଶେଷ କରିବା ପାଇଁ ଅକତାର ବିଭାଗୀୟ ଯନ୍ତ୍ରୀଙ୍କୁ ତାଗିଦ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ସରପଞ୍ଚ ସବିତା ସେଠୀ, ସମିତି ସଭ୍ୟା ସସ୍ମିତା ମଲିକ, ଯନ୍ତ୍ରୀ ଅନାମ ବିଶ୍ୱାଳ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟରାମ ସ୍ୱାଇଁ, ଜିଆରଏସ ଚନ୍ଦ୍ର ଶେଖର ବେହେରା ଓ କଟକ ଏମପିଙ୍କ ପ୍ରତିନିଧି ମିଳନ ଭୂୟାଁ ପ୍ରମୁଖ ସାମିଲ ହୋଇଥିଲେ। ପରେ ଅକ୍‌ତାର ଜିପିଓ ଜନ୍ମେଜୟ ରାଉତଙ୍କ ସହ ମାର୍କେଟ କମ୍ପ୍ଲେକ୍ସ, ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ ଗୃହ ଓ ଆଦର୍ଶ ପୋଖରୀ ଆଦି ବୁଲି ଦେଖିବା ସହ ଲୋକଙ୍କ ସମସ୍ୟା ବୁଝିଥିଲେ। ଏହି ପଞ୍ଚାୟତକୁ ଏମ୍‌ପି ଭର୍ତ୍ତୃହରି ମହତାବ ସାଂସଦ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ କରିଛନ୍ତି।

## ବଟି ମାଗି ଜଣେ ଗିରଫ

ପୁରୀ ଅଫିସ,୨୯।୧୦

ଚା' ଦୋକାନୀଙ୍କୁ ଦାଦାବଟି ମାଗିବା ଅଭିଯୋଗରେ ସୂର୍ଯ୍ୟ ନାରାୟଣ ଦାଶଙ୍କୁ ସମୁଦ୍ରକୂଳ ଥାନା ପୋଲିସ ଗିରଫ କରିଛି। ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ସୂର୍ଯ୍ୟଙ୍କ ଘର ଚନ୍ଦନପୁରରେ ହୋଇଥିବାବେଳେ ସେ ପୁରୀର ଓଟିଡିସି ଲେନ୍‌ରେ ରହନ୍ତି। ଗତ ୨୩ ତାରିଖ ରାତିରେ ମଙ୍ଗଳାଘାଟର ରାଜକିଶୋର ସାହୁ ଚା' ଦୋକାନ ବନ୍ଦ କରୁଥିବାବେଳେ ସୂର୍ଯ୍ୟ ପହଞ୍ଚି ତାଙ୍କୁ ୧୦ହଜାର ଟଙ୍କା ଦାଦାବଟି ମାଗିଥିଲେ। ସେ ନ ଦେବାରୁ ସୂର୍ଯ୍ୟ ତାଙ୍କୁ ଆକ୍ରମଣ କରିଥିଲେ।

## ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ, ରାସ୍ତାରୋକୋ



ବୋଲଗଡ଼,୨୯।୧୦(ଡି.ଏନ୍.ଏ.)

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥ ବୋଲଗଡ଼ ବନ୍ଧ ଛକ ନିକଟ ରେଲୱେ ଓଭରବ୍ରିଜ ନିର୍ମାଣସ୍ଥଳରେ ଗୁରୁବାର ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ ଜିଲା ଶରଣକୂଳ ନିକଟ ଶିଖରପୁର ଗ୍ରାମର ବସନ୍ତ ମଞ୍ଜରୀ ମୁଦୁଲି(୫୬)। ଦୁର୍ଘଟଣା ପରେ ସେଠାରେ ଏକ ଓଭରବ୍ରିଜ୍ ନିର୍ମାଣ ଦାବିରେ ସ୍ଥାନୀୟ ଲୋକେ ୩ଘଣ୍ଟା ରାସ୍ତାରୋକା କରିଥିଲେ। ସୂଚନା ଅନୁଯାୟୀ, ଶିଖରପୁର ଗ୍ରାମର ଗୋଲକ ବିହାରୀ ମୁଦୁଲି ତାଙ୍କ ସ୍ତ୍ରୀ ବସନ୍ତ ମଞ୍ଜରୀ ବାଇକ୍ (ଓଆର୨୫ସି ୬୬୦୭)ରେ ଝିଅର ଶ୍ୱଶୁର ଘର ରୋଳସିଂ ଗ୍ରାମକୁ ଯାଉଥିଲେ। ବୋଲଗଡ଼ ବନ୍ଧ ଛକ ନିକଟ ରେଲୱେ ଓଭରବ୍ରିଜ ନିର୍ମାଣସ୍ଥଳରେ କୌଣସି କାରଣରୁ ବସନ୍ତମଞ୍ଜରୀ ବାଇକ୍‌ରୁ ଖସିପଡ଼ିବାରୁ ହାଇୱା(ଓଡି୦୪ ଜେ ୨୩୬୩) ଚକା ତାଙ୍କ ମୁଣ୍ଡରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ବୋଲଗଡ଼ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୮୨/୨୦)ରୁଜୁକରି ତଦନ୍ତ ଚଳାଇଛି। ଅନ୍ୟପଟେ ଏଠାରେ ଏକ ଓଭରବ୍ରିଜ ନିର୍ମାଣ ଦାବିରେ ସ୍ଥାନୀୟ ଲୋକେ ଅପରାହ୍ନ ୨ଟାରୁ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ୫ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ହେଲା ଜୈବିକ ଖତ

### 'ମୋ ଖତ'ର ଶୁଭାରମ୍ଭ

- ସୁଲଭ ମୂଲ୍ୟରେ ପାଇବେ ଚାଷୀ
- ଗୁରୁଜଙ୍ଗରେ ହେବ ଆଉ ଏକ ୟୁନିଟ୍

ଖୋର୍ଦ୍ଧା ଅଫିସ,୨୯।୧୦

ଖୋର୍ଦ୍ଧା ପୌରପାଳିକା ଅଞ୍ଚଳରୁ ବାହାରୁଥିବା ଦୈନିକ ବର୍ଜ୍ୟବସ୍ତୁରୁ ଜୈବିକ ଖତ ପ୍ରସ୍ତୁତ ଲାଗି ଏକ ମାଇକ୍ରୋ କମ୍ପୋଷ୍ଟ କେନ୍ଦ୍ର ଏବଂ ପୃଥିକୀକରଣ କେନ୍ଦ୍ରକୁ ଗତ ଅଗଷ୍ଟ ୩୧ରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫେରନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମୁକୁନ୍ଦପ୍ରସାଦ ଚାଚେରା ଶବର ସାହିଠାରେ ୫୬ଲକ୍ଷ ଅଟକଳରେ ଏହି ୟୁନିଟ୍ ନିର୍ମାଣ କରାଯାଇଛି। ପ୍ରାୟ ଦେଢ ମାସ ପରେ ପ୍ରଥମ ପର୍ଯ୍ୟାୟରେ ଜୈବିକ ଖତ ପ୍ରସ୍ତୁତ ହୋଇଛି। ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ 'ମୋ ଖତ' ନାମରେ ୫କେଜି ପ୍ୟାକେଟ ପ୍ରସ୍ତୁତ କରାଯାଇଛି। ଜିଲାପାଳ ସନତ୍ ମହାନ୍ତି ଏବଂ ପିଡି ଡିଆରଡିଏ ଦିଗନ୍ତ ରାଉତରାୟ ଏହି ପ୍ୟାକେଟକୁ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ବଜାରରେ ବିକ୍ରି କରାଯିବା ନେଇ ଯୋଜନା ରହିଛି। ଏହାର ମୂଲ୍ୟ ଧାର୍ଯ୍ୟ ହୋଇନି। ପ୍ରଥମ ପର୍ଯ୍ୟାୟରେ



ଶହେ କେଜି ଖତ ବାହାରିଛି। ଏହାର ଉପଲବ୍ଧତାକୁ ଅନୁଧ୍ୟାନ ପରେ ଆଗକୁ ଏହାକୁ ବ୍ୟାପକ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁଜଙ୍ଗ ନବୋଦୟ ସ୍କୁଲ ନିକଟରେ ଆଉ ଏକ ୟୁନିଟ୍ ସ୍ଥାପନ କରାଯିବା ନେଇ ଯୋଜନା ରହିଛି ବୋଲି ପୌର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି। ସୂଚନା ଅନୁଯାୟୀ, ଖୋର୍ଦ୍ଧା ପୌରାଞ୍ଚଳରେ ୪୬ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଛି। ଦୈନିକ ସହରରୁ ୧୪ରୁ ୧୬ଟନ ଅଳିଆ ଆବର୍ଜନା ବାହାରିଥାଏ। ସେଥିରୁ ୪୦ପ୍ରତିଶତ ଶୁଖିଲା ଏବଂ ୬୦ପ୍ରତିଶତ ଓଦା ବର୍ଜ୍ୟବସ୍ତୁ ରହିଥାଏ। ୫୦ଲକ୍ଷ ଅଟକଳରେ ୨୫ମିଟର ଲମ୍ବ, ୧୭ମିଟର ଚଉଡ଼ାରେ ନିର୍ମିତ ହୋଇଥିବା ଜୈବିକ ଖତ ପ୍ରସ୍ତୁତି କେନ୍ଦ୍ର(ଏମସିସି)ରେ ୧୪ଟି କୁଣ୍ଡ ନିର୍ମାଣ କରାଯାଇଛି। ପ୍ରତ୍ୟେକ ଲମ୍ବ କୁଣ୍ଡର ୩.୩ମି, ପ୍ରସ୍ଥ ୨.୩ମି ଏବଂ ଏକ ମିଟର ଉଚ୍ଚତା ରହିଛି। ଗୋଟିଏ କୁଣ୍ଡରେ ୫ଟନ ପର୍ଯ୍ୟନ୍ତ ବର୍ଜ୍ୟବସ୍ତୁ ପକାଯିବ। ସେଥିରୁ ୫ଶହ କେଜି ପର୍ଯ୍ୟନ୍ତ ଖତ ବାହାରିବ। ଦୁଇଟି ପର୍ଯ୍ୟାୟରେ ଖତ ପ୍ରସ୍ତୁତ ହୋଇଥାଏ। ବାହାରୁ ଆସିଥିବା ଓଦା ବର୍ଜ୍ୟବସ୍ତୁକୁ ପ୍ରଣାଳୀ ଅନୁସାରେ ତିନି ଥାକରେ ଏହି କୁଣ୍ଡ ପୂର୍ଣ୍ଣ କରାଯାଏ। କୁଣ୍ଡ ପୂର୍ଣ୍ଣ ହେବାକୁ ୨୧ଦିନ ଲାଗିଥାଏ। ପରବର୍ତ୍ତୀ ୨୧ଦିନରେ ଏହା ଖତରେ ପରିଣତ ହୋଇଥାଏ। ମୋଟ୍ ୪୨ଦିନରେ ଖତ ପ୍ରସ୍ତୁତ ହୋଇଥାଏ ବୋଲି ପୌର ପରିଷଦର ସାନିଟାଇଜ ଏକ୍ସପର୍ଟ ଦେବାଶିଷ ବରାଳ କହିଛନ୍ତି।

## ବ୍ୟାଙ୍କ୍ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

### ୧୬୦ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ଡାକ୍ତର ଏବଂ କୋଭିଡ୍ ଯୋଦ୍ଧାମାନେ ଜନସାଧାରଣଙ୍କ ଜୀବନ ବଞ୍ଚାଇବା ପାଇଁ ସଂଗ୍ରାମ କରୁଥିବାବେଳେ ବ୍ୟାଙ୍କ କର୍ମଚାରୀମାନେ ମଧ୍ୟ ଜନସାଧାରଣଙ୍କ ଜୀବିକା ବଞ୍ଚାଇବା କ୍ଷେତ୍ରରେ ମୁଖ୍ୟ ଭୂମିକା ନିର୍ବାହ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଗୁରୁବାର ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ୧୬୦ତମ ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କୋଭିଡ୍‌ରେ ପ୍ରାଣ ହରାଇଥିବା ବ୍ୟାଙ୍କ କର୍ମଚାରୀମାନଙ୍କ ପରିବାରକୁ ଗଭୀର ସମବେଦନା ଜଣାଇଥିଲେ। କୋଭିଡ୍ ସମୟରେ ଜନସାଧାରଣଙ୍କୁ ନଗଦ ଅର୍ଥ ଯୋଗାଣରେ ବ୍ୟାଙ୍କଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଏବଂ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ। ଅପହଞ୍ଚ ସ୍ଥାନଗୁଡ଼ିକରେ ସ୍ଥାୟୀ ବ୍ୟାଙ୍କ ଖୋଲିବା ଏବଂ ଆସନ୍ତା ଡିସେମ୍ବର ସୁଦ୍ଧା ୬୫ଟି ସ୍ଥାୟୀ ବ୍ୟାଙ୍କ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ନେଇ ମହାପାତ୍ର ସୂଚନା ଦେଇଥିଲେ।

କୋଭିଡ୍-୧୯ ମହାମାରୀ ସମୟରେ ରିଜର୍ଭ ବ୍ୟାଙ୍କ, ନାବାର୍ଡ ଏବଂ ଅନ୍ୟାନ୍ୟ ବ୍ୟାଙ୍କଗୁଡ଼ିକ ସାଧାରଣ ଜନତାଙ୍କୁ ଜାରି ରଖିଥିବା ସହଯୋଗ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଏହି ବୈଠକରେ ଆଲୋଚନା ହୋଇଥିଲା। କୃଷି ଉତ୍ପାଦନ କମିଶନର ରାଜ କୁମାର ଶର୍ମା କିଷାନ କ୍ରେଡିଟ୍ କାର୍ଡ ଯୋଗାଣ, ହିତାଧିକାରୀଙ୍କୁ ଚିହ୍ନଟ ଏବଂ ଭାଗଚାଷୀଙ୍କୁ ଋଣ ଯୋଗାଣ କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ଅଗ୍ରାଧିକାର ଦେବା ପାଇଁ କହିଥିଲେ। କୃଷି ଏବଂ କୃଷକ ସଶକ୍ତୀକରଣ ପ୍ରମୁଖ ସଚିବ ସୌରଭ ଗର୍ଗ ଶସ୍ୟଋଣ ପ୍ରଦାନ କ୍ଷେତ୍ରରେ ବ୍ୟବସାୟିକ ବ୍ୟାଙ୍କମାନେ ସକ୍ରିୟ ସହଯୋଗ ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଯୋଗଦେଇ ଅର୍ଥ ବିଭାଗ ପ୍ରମୁଖ ସଚିବ ଏ.କେ. ମୀନା କହିଥିଲେ, ୨୦୨୦ରୁ ୨୦୨୧ ପାଇଁ ୯୦,୩୯୫.୬୯ କୋଟି ଟଙ୍କାର ବାର୍ଷିକ ଋଣ ଯୋଜନା ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ତେବେ ଜୁନ୍ ୩୦ ମଧ୍ୟରେ ୧୮,୨୨୪.୪୯ କୋଟି ଟଙ୍କା ଅର୍ଥାତ୍ ୨୦.୧୬% ଲକ୍ଷ୍ୟ ହାସଲ ହୋଇଛି। କୃଷି କ୍ଷେତ୍ରରେ ବାର୍ଷିକ ଲକ୍ଷ୍ୟ ହାସଲ କିଛି ମାତ୍ରାରେ ହୋଇଛି। ମାତ୍ର ମତ୍ସ୍ୟଚାଷ, କୃଷି ଭିତ୍ତିଭୂମି, ଶିକ୍ଷା ଭଳି କ୍ଷେତ୍ରରେ ରାଜ୍ୟରେ ବହୁ ସମ୍ଭାବନା ରହିଥିଲେ ମଧ୍ୟ ଏସବୁ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ନେଇନାହାନ୍ତି। ନଗଦ ଜମା ଅନୁପାତ(ଏସ୍‌ଡି ରେସିଓ) କ୍ଷେତ୍ରରେ ବୌଦ୍ଧ, ଯାଜପୁର ଏବଂ ଝାରସୁଗୁଡ଼ା ୬୦% ଲକ୍ଷ୍ୟ ହାସଲ କରିଥିବାବେଳେ ଅନ୍ୟ ୧୨ଟି ଜିଲାରେ ୪୦%ରୁ କମ୍ ନଗଦ ଜମା ଅନୁପାତ ରହିଛି। ଏ ବାବଦରେ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଏଲ୍‌ଡିଏମ୍ ଏବଂ ସମସ୍ତ ବ୍ୟାଙ୍କ ମୁଖ୍ୟମାନଙ୍କୁ ମୀନା ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ମୁଖ୍ୟ ବ୍ୟାଙ୍କ ପକ୍ଷରୁ ଅତିକମ୍‌ରେ ୩ଟି ଭ୍ରାମ୍ୟମାଣ ଏଟିଏମ୍ ଭ୍ୟାନ ରାଜ୍ୟର ସମସ୍ତ ଅଞ୍ଚଳକୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବା ପାଇଁ ପଠାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ, ଡିଏଫ୍‌ଏସ୍ ସଚିବ ଦେବାଶିଷ ପଣ୍ଡା, ମିଶନ ଶକ୍ତି ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନଙ୍କ ସହ ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆଞ୍ଚଳିକ ନିର୍ଦ୍ଦେଶକ, ନାବାର୍ଡ ମୁଖ୍ୟ ସାଧାରଣ ପରିଚାଳକ, ଏସ୍‌ବିଆଇ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ବ୍ୟାଙ୍କର ମୁଖ୍ୟ ଏବଂ ଏଲ୍‌ଡିଏମ୍‌ମାନେ ଉପସ୍ଥିତ ଥିଲେ।

# ଜଳସେଚନ ପ୍ରକଳ୍ପକୁ ଗିଳୁଛି ପଥର ଖାଦାନ

ଯାଜପୁର ଅଫିସ,୨୯।୧୦

- ନିଶ୍ଚିହ୍ନ ହେବ ରାଣୀବନ୍ଧ, ପାଇକରାପୁର ଏମ୍‌ଆଇପି
- ଚାଷୀଙ୍କ ପେଟରେ ଲାତ
- ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଉପେକ୍ଷା
- ୧୪ ମାସ ପରେ ବି କାର୍ଯ୍ୟାନୁଷ୍ଠାନ ହେଲାନି
- ଅଦାଲତ ଅବମାନନା ନୋଟିସ

ରାଜ୍ୟ ସରକାର ଜଳସେଚନ ଜମିର ପରିମାଣ ବୃଦ୍ଧି କରିବାକୁ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସମେତ ଡଗ୍‌ୱେଲ, ବୋର୍‌ୱେଲ ଇତ୍ୟାଦି ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଯାଜପୁର ଜିଲା ପ୍ରଶାସନ ପ୍ରଭାବଶାଳୀ ଗୋଷ୍ଠୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିବାରୁ ସରକାରଙ୍କ ଏହି ମହତ ଉଦ୍ଦେଶ୍ୟ ପରାହତ ହେଉଛି। ଜିଲାର ଧର୍ମଶାଳା ତହସିଲ ଅଧୀନ ରାହାଡ଼ପୁର ପାହାଡ଼କୁ ଲାଗିଥିବା ରାଣୀବନ୍ଧ ଓ ପାଇକରାପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମ୍‌ଆଇପି)କୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ହାଇକୋର୍ଟରେ ମାମଲା ବିଚାରାଧୀନ ଥିବା ସତ୍ତ୍ୱେ ଚାଷୀଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଇ ରାଣୀବନ୍ଧ ଏମ୍‌ଆଇପିକୁ ଲାଗିଥିବା ରାହାଡ଼ପୁର ପାହାଡ଼ର ୬ଟି ପଥର ଖାଦାନକୁ ପ୍ରଶାସନ ଲିଜ୍ ସୂତ୍ରରେ ଦେଇଛନ୍ତି। ଦୈନିକ ବିପୁଳ ପରିମାଣର କଳାପଥର ସେଠାରୁ ଉତ୍ତୋଳନ ହେଉଥିବାରୁ ରାଣୀବନ୍ଧ ଏମ୍‌ଆଇପି ନିଶ୍ଚିହ୍ନ ହେବା ଆଶଙ୍କା ସୃଷ୍ଟି କରିଛି।

ଯାଜପୁର ଜିଲା ଧର୍ମଶାଳା ବ୍ଲକ ମହିଶରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାଣୀବନ୍ଧ ଓ ପାଇକରାପୁର ଏମ୍‌ଆଇପି ରାହାଡ଼ପୁର ପାହାଡ଼ରେ ଥିବା କେତେକ ବେଆଇନ କ୍ରଶର ଓ ପଥର ଖାଦାନ ଯୋଗୁ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଥିଲା। ଏନେଇ ୨୦୧୮ ଫେବୃୟାରୀରେ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା(୩୦୬୫/୧୮) ରୁଜୁ କରିଥିଲେ। ଏହା ପୂର୍ବରୁ ଅଞ୍ଚଳବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଅନୁମତି ନ ନେଇ ଏବଂ ପରିବେଶ ଆଇନ ଉଲ୍ଲଂଘନ କରି ସେଠାରେ ୧୨ରୁ ଊର୍ଦ୍ଧ୍ୱ ପଥର ଖାଦାନ ଚାଲିଛି। ତେଣୁ ଏକ ଯୁଗ୍ମ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହାପରେ ପ୍ରଶାସନ ପକ୍ଷରୁ ସେଠାରେ ୧୪୪ ଧାରା ଜାରି ହୋଇଥିଲା। ପାଇକରାପୁର ଓ ରାଣୀବନ୍ଧ ଅଞ୍ଚଳରେ ଜଳସେଚନ ସମ୍ବଳ ଥିଲେ ସୁଦ୍ଧା ସେଠାକାର ଚାଷୀ ବିଭିନ୍ନ ସମୟରେ ମରୁଡ଼ିର ସମ୍ମୁଖୀନ ହୋଇଆସୁଛନ୍ତି। ଏଭଳି ଅନେକ ସମସ୍ୟା ଉପରେ ଗ୍ରାମବାସୀ ସ୍ମାରକପତ୍ରରେ ଉଲ୍ଲେଖ କରିଥିଲେ। ଏହାକୁ ଆଧାର କରି ଆବେଦନକାରୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏଥିରେ ଆବେଦନକାରୀ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ସଦସ୍ୟ ସଚିବ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଓ ଯାଜପୁର ନିର୍ବାହୀ ଯନ୍ତ୍ରୀ, ଯାଜପୁର ଜିଲାପାଳ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଏନେଇ ୬ ସପ୍ତାହ ମଧ୍ୟରେ ଫଏସଲା କରିବାକୁ ହାଇକୋର୍ଟ ୨୦୧୯ ଅଗଷ୍ଟ ୬ରେ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ପଥର ଖାଦାନ ଲିଜ୍ ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହିକ୍ରମରେ ସେଠାରେ ୬ଟି ଖାଦାନକୁ ଅନୁମତିମିଳିଥିବାବେଳେ ବାକି ୬ଟି ଖାଦାନ ବେଆଇନ ଭାବେ ଚାଲିଛି। ଏନେଇ ଅଭିଯୋଗକାରୀ ବେହୁରା ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇଥିବା ଅଭିଯୋଗ ଆଣି ପୁଣି ଏକ ମାମଲା ରୁଜୁ କରିଥିଲେ। ଏହିକ୍ରମରେ ଗତ ୨୦ ତାରିଖରେ ପକ୍ଷଭୁକ୍ତମାନଙ୍କୁ ହାଇକୋର୍ଟ ନୋଟିସ(ନଂ. ୪୫୮୭) ଜାରି କରିଛନ୍ତି। ଏହାକୁ ଭିତ୍ତିକରି ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଗୁରୁବାର ଅଭିଯୋଗକାରୀ ବେହୁରାଙ୍କ ସହିତ ଆଲୋଚନା କରି ଏମ୍‌ଆଇପି ବିଭାଗୀୟ ଅଧିକାରୀଙ୍କୁ ନୋଟିସ କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ, ରାଣୀବନ୍ଧ ଓ ପାଇକରାପୁର ଏମ୍‌ଆଇପିର ଉନ୍ନତି ପାଇଁ ୨୦୧୭-୧୮ ଆର୍ଥିକ ବର୍ଷରେ କ୍ରିଟିକାଲ ପାଣ୍ଠିରୁ ୮ଲକ୍ଷ ଟଙ୍କା, ୨୦୧୫-୧୬ ଆର୍ଥିକ ବର୍ଷରେ ନନ୍‌ପ୍ଲାନ ବଜେଟରୁ କେନାଲ କଂକ୍ରିଟ୍‌କରଣ ପାଇଁ ୨ଟି ପର୍ଯ୍ୟାୟରେ ୨ଲକ୍ଷ ୯୧ ହଜାର ୧୭୯ ଟଙ୍କା ଏବଂ ୨ ଲକ୍ଷ ୭ ହଜାର ୮୩୩ ଟଙ୍କା, ୨୦୧୭-୧୮ ଆର୍ଥିକ ବର୍ଷରେ ୯ ଲକ୍ଷ ୨୯ ହଜାର ଟଙ୍କା ଏବଂ ୨୦୧୯-୨୦ ବର୍ଷରେ ୧୯ ଲକ୍ଷ ଟଙ୍କା ଅନୁଦାନ ମିଳିଛି। ରାହାଡ଼ପୁର ପଥର ଖାଦାନର ପ୍ରଦୂଷଣ ଓ ପରିବହନ ଏମ୍‌ଆଇପିକୁ ଗିଳୁଥିବାବେଳେ ଉପରୋକ୍ତ ବ୍ୟାପକ ଅର୍ଥ କିଭଳି ଖର୍ଚ୍ଚ ହୋଇଛି ବୋଲି ଅଭିଯୋଗକାରୀ ବେହୁରା ପ୍ରକାଶ କରିଛନ୍ତି। ଏନେଇ ସେ ଆଗାମୀ ଦିନରେ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।



ରାଣୀବନ୍ଧ ନିକଟରେ ହୋଇଥିବା ବେଆଇନ ଖନନ।

## ସଂକ୍ଷେପରେ

### ସୂଚନା ନ ଦେବାରୁ ଜେଇଙ୍କୁ ୨୫ ହଜାର ଜରିମାନା

**କେନ୍ଦ୍ରାପଡ଼ା ଅଫିସ, ୨୯।୧୦:** ସୂଚନା ଅଧିକାର ଆଇନ ଅମାନ୍ୟ କରିଥିବାରୁ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକର ପୂର୍ବତନ ଜେଇ (କନିଷ୍ଠ ଯନ୍ତ୍ରୀ) ସ୍ୱରୂପ ଦାସ ୨୫ ହଜାର ଟଙ୍କା ଜରିମାନା ଦେବେ। ଓଡିଶା ସୂଚନା କମିଶନର ବି.କେ. ମହାପାତ୍ର ମାର୍ଶାଘାଇ ବ୍ଲକ ମଣିକୁଣ୍ଡା ଗ୍ରାମର ଅଭିରାମ ଜେନାଙ୍କ ସୂଚନା ଅଧିକାର ଆଇନର ଦ୍ୱିତୀୟ ଆବେଦନ ମାମଲା (ନଂ.୧୫୨୧/୧୬)ର ଶୁଣାଣି କରି ଗତ ସେପ୍ଟେମ୍ବର ୩୦ରେ ଏହି ଆଦେଶ ଦେଇଛନ୍ତି। ଅଭିରାମ ୨୦୧୬ ଫେବୃୟାରୀ ୨୫ରେ ମାର୍ଶାଘାଇ ପଞ୍ଚାୟତ ସମିତିର ପିଆଇଓଙ୍କୁ ଏନ୍‌ଏଚ୍ ୫ (କ)ରୁ ମଣିକୁଣ୍ଡା ପର୍ଯ୍ୟନ୍ତ ରାସ୍ତା ଉନ୍ନତୀକରଣ ସମ୍ପର୍କରେ କେତେକ ତଥ୍ୟ ସହ ମେଜରମେଣ୍ଟ ବୁକ ୪୦୬ର ୧୯୧ରୁ ୧୯୩ ପର୍ଯ୍ୟନ୍ତ ପୃଷ୍ଠାର ନକଲ ପାଇବା ପାଇଁ ସୂଚନା ଅଧିକାର ଆଇନ ଅନୁଯାୟୀ ତଥ୍ୟ ମାଗିଥିଲେ। ତେବେ ସମୟ ଅବଧି ସରିଥିଲେ ମଧ୍ୟ ସେ ଏହି ସୂଚନା ପାଇ ନ ଥିଲେ। ଏହି ତଥ୍ୟ ତତ୍କାଳୀନ ଜେଇ ସ୍ୱରୂପ ଦାସଙ୍କ ନିକଟରେ ଥିବା ଦର୍ଶାଇଥିଲେ। ଏ ନେଇ ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଅଭିଯୋଗ ପରେ ଜିଲାପାଳଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ହୋଇଥିଲା। ତଦନ୍ତ ସମୟରେ ଜେଇ ଦାସ ଏହାକୁ ଅଣଦେଖା କରିବାରୁ ଜରିମାନା ଅର୍ଥ ଦରମାରୁ କାଟିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଜେଇ ଦାସ ଏବେ କେନ୍ଦ୍ରାପଡ଼ା ପଞ୍ଚାୟତ ସମିତି ଅଧୀନରେ କାର୍ଯ୍ୟରତ ଅଛନ୍ତି।

### ଜଳାପୁଟ ଡଙ୍ଗାବୁଡ଼ି: ନିଖୋଜ ଚିତ୍ତଙ୍କ ମୃତଦେହ ଉଦ୍ଧାର

**କୋରାପୁଟ,୨୯।୧୦(ସ୍ୱ.ପ୍ର.):** କୋରାପୁଟ ଜିଲା ପାଡୁଆ ଥାନା ଜଲାପୁଟ ଜଳଭଣ୍ଡାରରେ ଏକ ଦେଶୀ ଡଙ୍ଗା ବୁଡି ୩ ଜଣ ଯୁବକ ନିଖୋଜ ଘଟଣାରେ ତୃତୀୟ ଯୁବକଙ୍କ ମୃତଦେହ ଗୁରୁବାର ଉଦ୍ଧାର ହୋଇଛି। ସେ ପାଡୁଆ ଉପରସାହିର ଦଶରଥ ଖିଲଙ୍କ ପୁଅ ଚିତ୍ତ ଖିଲ (୨୩) ବୋଲି ଜଣାପଡିଛି। ଏହି ଡଙ୍ଗା ବୁଡି ଘଟଣାରେ ପୂର୍ବରୁ ୨ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିଲା ବୋଲି ନନ୍ଦପୁର ତହସିଲଦାର ନରସିଂହ ଗଦବା କହିଛନ୍ତି। ଖବରରୁ ଜଣାପଡିଛି ରବିବାର ରାତିରେ ପାଡୁଆ ଉପରସାହିର ପ୍ରଶାନ୍ତ ଖରା, ଚିତ୍ତ ଖିଲ,ମନୋଜ କୁର୍ତ୍ତାଲ,ଅଭୟ ହନ୍ତାଳ ଓ ମନୋଜ ହନ୍ତାଳ ଏକ ଦେଶୀ ଡଙ୍ଗାରେ ଜଲାପୁଟ ଜଳଭଣ୍ଡାରର ରାମତା ଗ୍ରାମକୁ ଯାଉଥିବାବେଳେ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡିଯାଇଥିଲା। ଫଳରେ ୩ ଜଣ ନିଖୋଜ ହୋଇଯାଇଥିଲେ। ମନୋଜ ହନ୍ତାଳ ଓ ଅଭୟ ହନ୍ତାଳ ପହଁରି ପହଁରି କୂଳକୁ ଚାଲି ଆସିଥିଲେ। ତେବେ ସେମାନେ ଭୟରେ ଘଟଣା ସମ୍ପର୍କରେ କାହାକୁ କିଛି କହି ନ ଥିଲେ। ସେମାନଙ୍କ ସହ ଯାଇଥିବା ପ୍ରଶାନ୍ତ, ଚିତ୍ତ ଓ ମନୋଜ ଘରକୁ ନ ଫେରିବାରୁ ସେମାନଙ୍କ ପରିବାର ଲୋକେ ମନୋଜ ଓ ଅଭୟଙ୍କୁ ପଚରାଉଚରା କରିଥିଲେ। ଫଳରେ ଉଭୟେ ଘଟଣା ସମ୍ପର୍କରେ ଅନ୍ୟମାନଙ୍କୁ କହିଥିଲେ। ଏନେଇ ଥାନାରେ ଜଣାଇବା ପରେ ଓଡ୍ରାଫ ଟିମ୍ ପହଞ୍ଚି ଖୋଜାଖୋଜି କରିଥିଲେ। ସୋମବାର ଜଣକର, ବୁଧବାର ପ୍ରଶାନ୍ତ ଖରାଙ୍କ ମୃତଦେହ ଉଦ୍ଧାର ହୋଇଥିଲା।

### ବାଲ୍ୟବିବାହ ବନ୍ଦ କଲା ଚାଇଲ୍ଡ ଲାଇନ

**ବ୍ରହ୍ମପୁର ଅଫିସ,୨୯।୧୦:** ଗଞ୍ଜାମ ଜିଲା ବଡଗଡ ଥାନା ତୁହର ଗ୍ରାମରେ ଜଣେ ନାବାଳିକାଙ୍କୁ ଗୁରୁବାର ବାଲ୍ୟ ବିବାହ ପାଇଁ ଯୋଜନା କରାଯାଉଥିବା ଖବର ପାଇ ଚାଇଲ୍‌ଡ଼ ଲାଇନ କେନ୍ଦ୍ରୀୟ ସଂଯୋଜକ ସାଇ ପ୍ରସାଦ ସାମଲ, ସମନ୍ୱିତ ଶିଶୁ ବିକାଶ ଯୋଜନା ପରିଦର୍ଶିକା ଝୁନୁଲତା ସ୍ୱାଇଁ ଓ ବଡଗଡ ଥାନା ପୋଲିସ ସହାୟତାରେ ଏହାକୁ ରୋକାଯାଇଛି। ସମ୍ପୃକ୍ତ ନାବାଳିକାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ପରୀକ୍ଷା କରାଯାଇଛି। ନାବାଳିକା ଜଣଙ୍କ ଛାତ୍ରୀ ଥିବା ଜଣାପଡିଛି। ଅନ୍ୟପଟେ ଝିଅଙ୍କୁ ତାଙ୍କ ପରିବାର ପକ୍ଷରୁ ଗ୍ରହଣ କରିବାକୁ ମନାକରି ଦେଇଥିଲେ। ଫଳରେ ଗୁରୁବାର ଚାଇଲ୍‌ଡ଼ ଲାଇନ୍ ନାବାଳିକାଙ୍କୁ ବ୍ରହ୍ମପୁର ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି) ନିକଟରେ ହାଜର କରିଛି। ସିଡବ୍ଲ୍ୟୁସି ନିର୍ଦ୍ଦେଶକ୍ରମେ ନାବାଳିକାଙ୍କୁ ଉତ୍କଳ ବାଳାଶ୍ରମରେ ଥଇଥାନ କରାଯାଇଛି ବୋଲି ସାଇ ପ୍ରସାଦ ସାମଲ ସୂଚନା ଦେଇଛନ୍ତି।

## ବୋମା ଭିଡ଼ିବାବେଳେ ବିସ୍ଫୋରଣ, ଜଣେ ମୃତ

ଶେରଗଡ଼,୨୯।୧୦(ଡି.ଏନ୍.ଏ.)

ଗଞ୍ଜାମ ଜିଲା ବଡ଼ଗଡ଼ ଥାନା ଭୀମପୁରା ଗ୍ରାମରେ ଗୁରୁବାର ସକାଳେ ବାର୍‌ହା ଶିକାର ପାଇଁ ବୋମା ଭିଡୁଥିବା ବେଳେ ବିସ୍ଫୋରଣ ଘଟି ବୁଲୁ ମଲ୍ଲିକ (୪୦)ଙ୍କ ମୃତ୍ୟୁ ଘଟିଛି। ଗୁରୁତର ନନ୍ଦିଆ ନାୟକ (୪୦) ଓ ପ୍ରକାଶ ମାଝି (୫୦)ଙ୍କୁ ପ୍ରଥମେ ଶେରଗଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ପରେ ବ୍ରହ୍ମପୁର ବଡମେଡିକାଲ ସ୍ଥାନାନ୍ତର କରାଯାଇଛି। ନନ୍ଦିଆଙ୍କ ସୂଚନା ଅନୁଯାୟୀ, ଗୁରୁବାର ସକାଳ ପ୍ରାୟ ୭ଟାରେ ବାର୍‌ହା ଶିକାର କରିବାକୁ ବୁଲୁଙ୍କ ଛାତ ଉପରେ ବୋମା ଭିଡ଼ାଯାଉଥିଲା। ମାତ୍ର ବୋମା ଭିଡିବା ବେଳେ ଅସାବଧାନତା ଯୋଗୁ ବିସ୍ଫୋରଣ ଘଟିଥିଲା। ବୁଲୁଙ୍କ ଦେହସାରା ନିଆଁ ଲାଗି ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅଳ୍ପ ଦୂରରେ ବସିଥିବା ନନ୍ଦିଆ ଓ ପ୍ରକାଶ ମଧ୍ୟ ଆହତ ହୋଇଥିଲେ।

**ଶିକାର ଯୋଜନା କାଳହେଲା**

ପରିବାର ଲୋକେ ଆହତଙ୍କୁ ଶେରଗଡ ମେଡିକାଲ ଆଣିବା ପରେ ଡାକ୍ତର ଥାନାକୁ ଖବର ଦେଇଥିଲେ। ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ, ପ୍ରୋବେସନ ଆଇପିଏସ୍ ଅଧିକାରୀ ଜି. ରାଘବେନ୍ଦ୍ର ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ବଡ଼ଗଡ଼ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଏକ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

## ୨ରୁ ଖୋଲିବ ଏମ୍‌ସ ଓପିଡି

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ଭୁବନେଶ୍ୱର ଏମ୍‌ସରେ ଆସନ୍ତା ୨ ତାରିଖରୁ ଓପିଡି ଖୋଲିବ। କୋଭିଡ୍ ପାଇଁ ଜୁଲାଇ ୧୦ରୁ ଏହା ବନ୍ଦ ଥିଲା। ଏହି ସମୟରେ ଟେଲିମେଡିସିନ ଏବଂ ଏମ୍‌ସ ଭୁବନେଶ୍ୱରର ସ୍ୱାସ୍ଥ୍ୟ ଆପ୍ ଜରିଆରେ ସେବା ଯୋଗାଯାଉଥିଲା। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓପିଡି ସେବା ଆରମ୍ଭ କରାଯିବା ପାଇଁ ନିଷ୍ପତ୍ତି ହୋଇଥିବା ଏମ୍‌ସ ସୁପରିଣ୍ଟେଣ୍ଡେଣ୍ଟ ସୂଚନା ଦେଇଛନ୍ତି। ନଭେମ୍ବର ୨ରୁ ୮ ପର୍ଯ୍ୟନ୍ତ ପ୍ରତି ବିଭାଗରେ ରୋଗୀ ପଞ୍ଜୀକରଣ ସଂଖ୍ୟା ୩୦ରେ ସୀମିତ ରହିବ। ୯ ତାରିଖରୁ ଏକ ସପ୍ତାହ ପାଇଁ ପ୍ରତି ବିଭାଗରେ ଦୈନିକ ରୋଗୀ ସଂଖ୍ୟା ୫୦କୁ ବୃଦ୍ଧି କରାଯିବ। ଏହାପରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ଏକ ମୂଲ୍ୟାଙ୍କନ କରାଯିବ। ତେବେ ଟେଲିମେଡିସିନ ଓ ଏମ୍‌ସ ଭୁବନେଶ୍ୱର ସ୍ୱାସ୍ଥ୍ୟ ଆପ୍ ମାଧ୍ୟମରେ ରୋଗୀଙ୍କ ସାମଗ୍ରିକ ରୁଟିନ ଚେକ୍‌ଅପ୍ ଜାରି ରହିବ।



ପୁରୀ ବେଳାଭୂମିରେ ଗ୍ରାହକଙ୍କ ଅପେକ୍ଷାରେ ଓଟ ଏବଂ ଘୋଡ଼ା ସହ ସେମାନଙ୍କ ମାଲିକ।

## ଘରେ ବସି ଦେଖିହେବ ନନ୍ଦନକାନନ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)/ ବାରଙ୍ଗ (ଡି.ଏନ୍.ଏ.)

- ପର୍ଯ୍ୟଟକଙ୍କ ପାଇଁ ଭର୍ଚୁଆଲ ଟୁର୍ ବ୍ୟବସ୍ଥା
- ପ୍ରତିଷ୍ଠା ଦିବସ ପୂର୍ବରୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ




ପ୍ରାଣୀ ଉଦ୍ୟାନ ନନ୍ଦନକାନନ ପର୍ଯ୍ୟଟକଙ୍କ ପାଇଁ ଆଣିଛି ଖୁସି ଖବର। ଯେଉଁ ପର୍ଯ୍ୟଟକମାନେ ନନ୍ଦନକାନନ ଆସିପାରୁ ନାହାନ୍ତି, ସେମାନେ ଏଣିକି ଘରେ ବସି ସମସ୍ତ ଜୀବଜନ୍ତୁଙ୍କୁ ଦେଖିପାରିବେ। ଏଥିପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ପର୍ଯ୍ୟଟକଙ୍କ ପାଇଁ ଆରମ୍ଭ କରିଛନ୍ତି ଭର୍ଚୁଆଲ୍ ଟୁର୍ ବ୍ୟବସ୍ଥା। ମହାମାରୀ କରୋନା ପାଇଁ ନନ୍ଦନକାନନ ବୁଲିବାରୁ ବଞ୍ଚିତ ପର୍ଯ୍ୟଟକ, ବିଶେଷକରି ବୃଦ୍ଧ ଓ ଶିଶୁଙ୍କୁ ନଜରରେ ରଖି ଏଭଳି ବ୍ୟବସ୍ଥା କରାଯାଇଛି। ଜଙ୍ଗଲୀ ଜୀବଜନ୍ତୁଙ୍କ ବିଚରଣକୁ ନିକଟରୁ ଦେଖାଇବା ଲାଗି ମଧ୍ୟ ବ୍ୟବସ୍ଥା ହୋଇଛି। ୩୬୦ ଡିଗ୍ରୀ ଭର୍ଚୁଆଲ୍ ଟୁର୍ ମାଧ୍ୟମରେ ଜଣେ ପର୍ଯ୍ୟଟକ ନନ୍ଦନକାନନ ଭିତରକୁ ପ୍ରବେଶ କରିବା ସହ ପ୍ରସ୍ଥାନ କରିବାର ସମସ୍ତ ସୁଯୋଗ ରହିଛି। ଏଥିଲାଗି ନନ୍ଦାନନର ସମସ୍ତ ଜୀବଜନ୍ତୁଙ୍କ ଭିଡ଼ିଓ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି। ଏଥିରେ ମଲ୍‌ଟିମିଡିଆ ସାହାଯ୍ୟରେ ଉଭୟ ଷ୍ଟିଲ୍ ଓ ଭିଡିଓଗ୍ରାଫିର ଉପଯୋଗ କରାଯାଇଛି। ‘www.nandankanan.org/tour’ ଓ ‘nandankanan.org’ ୱେବ୍‌ସାଇଟ୍‌କୁ ଗଲେ ଡାହାଣ ପାର୍ଶ୍ୱ ଉପରେ ଭର୍ଚୁଆଲ ଟୁର୍ ରହିଥିବା ଦେଖିବାକୁ ମିଳିବ। ଏହା ଉପରେ କ୍ଲିକ୍ କଲେ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନର ଭିଡିଓ ଦେଖିବା ସହ ପ୍ରାକୃତିକ ପରିବେଶକୁ ଉପଭୋଗ କରିପାରିବେ।

ଏହି ଭର୍ଚୁଆଲ୍ ଟୁର୍‌ରେ ନନ୍ଦନକାନନ କର୍ତ୍ତୃପକ୍ଷ ଚିଡ଼ିଆଖାନାର ଲାଇବ୍ରେରୀଠାରୁ ଆରମ୍ଭ କରି ଟିକେଟ୍ କାଉଣ୍ଟର, ବ୍ୟାଖ୍ୟାନ କେନ୍ଦ୍ର, ବୋଟିଂ, ଟୟଟ୍ରେନ୍ ଆଦିର ସମସ୍ତ ତଥ୍ୟ ପ୍ରଦାନ କରିବେ। ବୈଷୟିକ ଜ୍ଞାନ କୌଶଳ ବ୍ୟବହାର କରାଯାଇ ପ୍ରସ୍ତୁତ ଏହି ଟୁର୍‌ରେ ଆକ୍ୱାରିୟମ୍, ଭାଲୁ, ସରିସୃପ, କଇଁଛମାନଙ୍କର ଗତିବିଧିକୁ ଲକ୍ଷ୍ୟ କରିବା ସହ ଏହାର ମଜା ନେଇହେବ। ନନ୍ଦନକାନନ ପ୍ରତିଷ୍ଠା ଦିବସ ପୂର୍ବରୁ ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ। ତେବେ ଗୁରୁବାରଠାରୁ ଭର୍ଚୁଆଲ୍ ଟୁର୍‌ର ଶୁଭାରମ୍ଭ ହୋଇଥିବା ନେଇ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ଏହାବାଦ୍ ନନ୍ଦନକାନନ ପ୍ରତିଷ୍ଠା ଦିବସ ତଥା ଡିସେମ୍ବର ୨୯ରୁ ବନ୍ଦ ପଡ଼ିଥିବା ଟୟଟ୍ରେନ୍ ପ୍ରକଳ୍ପ ମଧ୍ୟ ନୂଆ କରି କାର୍ଯ୍ୟକ୍ଷମ ହେବାନେଇ ସୂଚନା ମିଳିଛି। ମହାମାରୀ କରୋନା ପାଇଁ ଦୀର୍ଘ ୭ମାସ ଧରି ଏହି ପ୍ରାଣୀ ଉଦ୍ୟାନକୁ ସର୍ବସାଧାରଣଙ୍କ ପାଇଁ ବନ୍ଦ କରାଯାଇଥିଲା। ଗତ ୪ ତାରିଖରେ ଖୋଲିବା ପରେ ପର୍ଯ୍ୟଟକମାନେ ଏବେ ଅଫ୍‌ଲାଇନ ଓ ଅନ୍‌ଲାଇନରେ ଟିକେଟ୍ କରି ନନ୍ଦନକାନନ ବୁଲିବାର ସୁଯୋଗ ପାଉଛନ୍ତି।

## ୧୩୦୦ ମୁହାଁ କରୋନା ମୃତ୍ୟୁ

**ଦିନକରେ ୧୩ ମୃତ, ଆଉ ୧,୬୧୭ ଚିହ୍ନଟ**

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ରାଜ୍ୟରେ କରୋନା ମୃତ୍ୟୁ ୧,୩୦୦ ମୁହାଁ ହୋଇଛି। ଶେଷ ୨୪ ଘଣ୍ଟାରେ ଆଉ ୧୩ ଜଣଙ୍କ ମୃତ୍ୟୁ ଘଟିବା ପରେ ଏହି ସଂଖ୍ୟା ୧,୨୯୭ରେ ପହଞ୍ଚିଛି। ମୃତକଙ୍କ ମଧ୍ୟରେ ଭୁବନେଶ୍ୱର, କଟକ, ବାଲେଶ୍ୱର, ନୂଆପଡ଼ା, ଅନୁଗୋଳରୁ ୨ଜଣ ଲେଖାଏ ଥିବାବେଳେ କେନ୍ଦୁଝର, ସମ୍ବଲପୁର ଓ ଜଗତ୍‌ସିଂହପୁରରୁ ଜଣେ ଲେଖାଏ ରହିଛନ୍ତି। ସେପଟେ ରାଜ୍ୟରେ ଆଉ ୧,୬୧୭ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨,୮୭,୦୯୯କୁ ବୃଦ୍ଧି ପାଇଛି। ଏହି ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୨୨୨ଜଣ ଥିବାବେଳେ କଟକରୁ ୧୨୮ଜଣ ଚିହ୍ନଟ ହୋଇଛନ୍ତି। ବାକି ସବୁ ଜିଲାରୁ ଶହେଠାରୁ କମ୍ ଆକ୍ରାନ୍ତ ବାହାରିଛନ୍ତି। ସୁବର୍ଣ୍ଣପୁର ଓ ଗଜପତିରୁ ସର୍ବନିମ୍ନ ୮ଜଣ ଲେଖାଏ ଆକ୍ରାନ୍ତ ହୋଇଛନ୍ତି। ଓଡ଼ିଶାରେ ଏପର୍ଯ୍ୟନ୍ତ ୪୪,୬୩ ନମୁନା ପରୀକ୍ଷଣ ହୋଇଥିବାବେଳେ ସେଥିମଧ୍ୟରୁ ୬.୪୩% ପଜିଟିଭ୍ ରହିଥିବା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡିଛି।

**କୋଭିଡ୍ ସେବା ସୁବିଧା ଡିସେମ୍ବର ୩୧ ଯାଏ ବୃଦ୍ଧି**

ରାଜ୍ୟ ସରକାରଙ୍କ ପକ୍ଷରୁ କୋଭିଡ୍-୧୯ ପାଇଁ ଦିଆଯାଉଥିବା ସୁବିଧାଗୁଡ଼ିକର କାର୍ଯ୍ୟକାରିତାକୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ବୈଷୟିକ କମିଟିର ସୁପାରିସ ପରେ ଏପରି ନିଷ୍ପତ୍ତି ନିଆଯାଇଛି। ଗତ ଦୁଇ ସପ୍ତାହ ହେବ ପ୍ରାୟ ୫୦% ବେଡ୍‌ଖାଲି ପଡ଼ିଥିବା ଦେଖାଯାଇଛି। ତେଣୁ ଯେତିକି ଶଯ୍ୟା ପାଇଁ ଅନୁମୋଦନ ମିଳିଥିଲା, ତାହାର ୫୦% କମାଇଦେବାକୁ କୁହାଯାଇଛି। କିନ୍ତୁ ଇଣ୍ଟେନସିଭ କେୟାର ୟୁନିଟ୍(ଆଇସିୟୁ), ଅନ୍ୟାନ୍ୟ ସୁବିଧା ଯେପରିକି ଲେବର ରୁମ୍, ଡାଏଲିସିସ୍ ଆଦି କ୍ଷେତ୍ରରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଚିଠିରେ ଉଲ୍ଲେଖ ରହିଛି।

## ଏବର୍ଷ ନାଗାର୍ଜୁନ ବେଶ ଦର୍ଶନ ବନ୍ଦ

ପୁରୀ ଅଫିସ,୨୯।୧୦

ଚଳିତବର୍ଷ ମହାପ୍ରଭୁଙ୍କ ଦୁର୍ଲଭ ନାଗାର୍ଜୁନ ବେଶ ଦେଖିପାରିବେନି ଭକ୍ତ। କୋଭିଡ୍ କଟକଣା ପାଇଁ ଶ୍ରଦ୍ଧାଳୁଙ୍କୁ ଏହି ବେଶ ଦର୍ଶନରୁ ବଞ୍ଚିତ ହେବାକୁ ପଡ଼ିବ। ଗୁରୁବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନୀତି ସବ୍ କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଏହି ଭର୍ଚୁଆଲ ବୈଠକରେ କାର୍ତ୍ତିକ ମାସ ଏବଂ ନାଗାର୍ଜୁନ ବେଶ ନୀତି ଚୂଡ଼ାନ୍ତ କରାଯାଇଛି। ତେବେ ଦୀର୍ଘ ୨୫ ବର୍ଷ ପରେ ପଡୁଥିବା ମହାପ୍ରଭୁଙ୍କ ମହାର୍ଘ ନାଗାର୍ଜୁନ ବେଶ ଦର୍ଶନରେ ବାଧକ ସାଜିଛି ମହାମାରୀ କରୋନା। ଅନ୍ୟପକ୍ଷରେ ଧର୍ମ ମାସ କାର୍ତ୍ତିକରେ ସାଧାରଣ ଭକ୍ତ ଏବଂ ହବିଷିଆଳିଙ୍କୁ କିପରି ସୁରୁଖୁରୁରେ ମହାପ୍ରସାଦ ମିଳିବ ସେଥିଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ନଭେମ୍ବର ୨୭ରେ ମହାପ୍ରଭୁଙ୍କ ନାଗାର୍ଜୁନ ବେଶ। ଏହାକୁ ଶୃଙ୍ଖଳାର ସହ ସମ୍ପନ୍ନ ନିମନ୍ତେ ଗୁରୁବାର ନୀତି ସବ୍ କମିଟି ବୈଠକ ବସିଥିଲା। କରୋନା ବିପଦ ସମ୍ପୂର୍ଣ୍ଣ ଭାବେ ଟଳି ନ ଥିବାରୁ ଦର୍ଶନ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି। ସାଧାରଣତଃ ନାଗାର୍ଜୁନ ବେଶରେ ସର୍ବସାଧାରଣ ଦର୍ଶନ ଭିତର କାଠ ନିକଟରେ ହୋଇଥାଏ। ଚଳିତ ବର୍ଷ କୋଭିଡ୍ କଟକଣା ଯୋଗୁ ଏହି ଦର୍ଶନ ବନ୍ଦ ରହିବ ବୋଲି ନୀତି ନିର୍ଘଣ୍ଟ ସୂଚୀରେ ସ୍ପଷ୍ଟ କରାଯାଇଛି। ନାଗାର୍ଜୁନ ବେଶ ନୀତି ନିର୍ଘଣ୍ଟ ଅନୁଯାୟୀ, ଏହି ବେଶ ଲାଗି ପୂର୍ବରାତ୍ରି ପହୁଡ଼ ନଭେମ୍ବର ୨୬ ତାରିଖ ରାତି ୧୨ଟାରେ ହେବ। ରାତି ୨ଟାରେ ଦ୍ୱାର ଫିଟି ସାଢେ ୨ଟାରେ ମଙ୍ଗଳ ଆଳତି କରାଯିବ। ଏହାପରେ ଅନ୍ୟାନ୍ୟ ନୀତି ବଢ଼ି ଭୋର ୪ଟାରେ ନାଗାର୍ଜୁନ ବେଶ ଆରମ୍ଭ ହେବ। ଏହି ବେଶ ପ୍ରାୟ ୩ ଘଣ୍ଟା ଲାଗିବ। ୨୭ ତାରିଖ ସକାଳ ୭ଟାରେ ବେଶ ଶେଷ ପାଇଁ ସମୟ ନିର୍ଘଣ୍ଟ ହୋଇଛି। ଏହି ବେଶ ଥାଇ ଗୋପାଳ ବଲ୍ଲଭ, ସକାଳ ଧୂପ, ବାଲଧୂପ ଉଠିବା, ଭୋଗମଣ୍ଡପ ଉଠିବା, ବାଲଧୂପ ଶେଷ ଓ ଅପରାହ୍ନ ସାଢେ ୧ଟାରେ ଭୋଗ ମଣ୍ଡପ ଶେଷ ହେବା ପରେ ନାଗାର୍ଜୁନ ବେଶ ମଇଲମ କରାଯିବ।

**ମହାପ୍ରସାଦ ଯୋଗାଣ ପାଇଁ ହେବ ସ୍ୱତନ୍ତ୍ର ବ୍ୟବସ୍ଥା**



ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପରିଚାଳନା କମିଟି ଏବଂ ନୀତି ସବ୍ କମିଟି ସଦସ୍ୟମାନଙ୍କ ସହ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଆଲୋଚନା କରୁଛନ୍ତି।

ସେହିପରି କାର୍ତ୍ତିକ ମାସରେ ହବିଷିଆଳି ଓ ଶ୍ରଦ୍ଧାଳୁମାନେ କିପରି ସୁବିଧାରେ ମହାପ୍ରସାଦ ପାଇପାରିବେ ସେ ନେଇ ଆଲୋଚନା ହୋଇଥିଲା। ଏଥିପାଇଁ ସୁଆର ମହାସୁଆର ନିଯୋଗ ସହ ବୈଠକ ବସି ଚୂଡ଼ାନ୍ତ କରାଯିବ। ଶ୍ରୀମନ୍ଦିର ଦକ୍ଷିଣ ଓ ଉତ୍ତର ଦ୍ୱାରରେ ଶେଡ୍ ନିର୍ମାଣ ହେବ। ଭକ୍ତମାନେ କାଉଣ୍ଟରରେ ଟୋକନ କାଟି ମହାପ୍ରସାଦ ପାଇପାରିବେ ବୋଲି ଆଲୋଚନା ହୋଇଛି। ଉକ୍ତ ବୈଠକରେ ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଅଖିଳେଶ୍ୱର ସିଂ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କ ସମେତ ପରିଚାଳନା କମିଟି ସଦସ୍ୟ ଏବଂ ନୀତି ସବ୍ କମିଟି ସଦସ୍ୟ ଅଂଶଗ୍ରହଣ କରିଥିଲେ।

ସୂଚନାଥାଉ କି, ଦୀର୍ଘ ୨୫ବର୍ଷ ପରେ ମହାପ୍ରଭୁଙ୍କ ନାଗାର୍ଜୁନ ବେଶ ପଡୁଛି। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି। ଏହି ବେଶର ମାସକ ପୂର୍ବରୁ ଗତ ସୋମବାର ବେଶ ଅନୁକୂଳ ହୋଇଛି। ମହାପ୍ରଭୁଙ୍କ ଆଜ୍ଞାମାଳ ଆସିବା ପରେ ହରଚଣ୍ଡୀସାହି ଚକ୍ରକୋଟ ଜାଗାରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ନାଗାର୍ଜୁନ ବେଶ ଅନୁକୂଳ କରାଯାଇଥିଲା। ଏହି ବେଶରେ ମହାପ୍ରଭୁ ମସ୍ତକରେ ହାଣ୍ଡିଆ, ହାତରେ ଛୁରି କଟାରି, ଶ୍ରୀମୁଖରେ ଲମ୍ବା ଦାଢି ଭଳି ଅନନ୍ୟ ଏବଂ ଅପୂର୍ବ ନାଗା ରୂପ ଧାରଣ କରିବେ। ଚଳିତ ବର୍ଷ ପଞ୍ଚକ ୬ଦିନ ପଡୁଥିବାରୁ ବିଧି ଅନୁସାରେ ନାଗାର୍ଜୁନ ବେଶ ହେବ।

# ପିଙ୍କ୍ ଆଉଟ୍‌ଫିଟ୍‌ରେ ସାରା


ସାରା ଅଲ୍ଲୀ ଖାନ

**ମୁମ୍ବାଇ**

ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍ ଏବେ ବେଶ୍ ଚର୍ଚ୍ଚାରେ। କିଛିଦିନ ପୂର୍ବରୁ ଡ୍ରଗ୍ସ ଲିଙ୍କ୍‌ରେ ତାଙ୍କ ନାଁ ଯୋଡ଼ି ହୋଇଥିବାରୁ ଏନ୍‌ସିବି ତରଫରୁ ତାଙ୍କୁ ଜେରା କରାଯାଇଥିଲା। ଏହାପରେ ସାରା ଯେମିତି ସୋସିଆଲ ସାଇଟ୍‌ରୁ ପୂରା ଗାଏବ ହୋଇଯାଇଥିଲେ। ନିକଟରେ ସାରା ତାଙ୍କର ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ କିଛି ଫଟୋ ଶେୟାର କରିଥିଲେ। ଏହି ଫଟୋରେ ସେ ଅଭିନେତା ବରୁଣ ଧାୱନଙ୍କ ସହ ନଜର ଆସିଛନ୍ତି। ଦୁଇ ଜଣଙ୍କ ଫଟୋ ଜବରଦସ୍ତ ହୋଇଛି। ଏଥିରେ ସାରା ପିଙ୍କ୍ କଲର୍ ଆଉଟ୍‌ଫିଟ୍ ପିନ୍ଧିଥିବାବେଳେ ବରୁଣଙ୍କୁ ବ୍ଲାକ୍ କଲର୍‌ରେ ଦେଖିବାକୁ ମିଳିଛି। ସାରା ଏହି ଫଟୋ ଶେୟାର କରି କ୍ୟାପସନ୍‌ରେ ଲେଖିଛନ୍ତି 'ଥିଙ୍କ୍ ପିଙ୍କ୍'। ସାରାଙ୍କ ଫଟୋକୁ ଫ୍ୟାନ୍‌ମାନେ ବେଶ୍ ପସନ୍ଦ କରିଛନ୍ତି। ପିଙ୍କ୍ କଲର୍ ଡ୍ରେସରେ ସାରାଙ୍କ ଅନ୍ଦାଜ୍ ଫ୍ୟାନ୍‌ମାନଙ୍କ ହୋସ୍ ଉଡ଼ାଇଛି। ଏପର୍ଯ୍ୟନ୍ତ ଏହାକୁ ୧୨ଲକ୍ଷରୁ ଅଧିକ ଲାଇକ୍ ମିଳିସାରିଲାଣି। ୱାର୍କ ଫ୍ରଣ୍ଟ କଥା କହିବାକୁ ଗଲେ ସାରା ଅପକମିଂ ଫିଲ୍ମ 'ଅତରଙ୍ଗି'ରେ ଦେଖିବାକୁ ମିଳିବେ। ଏଥିରେ ତାଙ୍କ ସହିତ ଅକ୍ଷୟ କୁମାର ଏବଂ ଧନୁଷ୍ ମୁଖ୍ୟ ଭୂମିକାରେ ଅଛନ୍ତି। ଏହାସହିତ ସାରାଙ୍କ କୁଲି ନଂ ୧ ମଧ୍ୟ ଖୁବ୍‌ଶୀଘ୍ର ରିଲିଜ୍ ହେବ।

# କଫିନ ଭିତରେ କିଛି ସମୟ

**ମୃତ୍ୟୁର ଅନୁଭବ କେମିତି ? ମୃତ୍ୟୁ ପୂର୍ବରୁ ମଣିଷ ଶରୀର ଏବଂ ମସ୍ତିଷ୍କରେ କ'ଣ ପ୍ରତିକ୍ରିୟା ସୃଷ୍ଟି ହୁଏ? ମୃତ୍ୟୁ ଜୀବନର ଅନ୍ତିମ ସତ୍ୟ, ଏହାକୁ ନିକଟରୁ ଜାଣିବା ପରେ ମାନସିକତାରେ କି ପରିବର୍ତ୍ତନ ଆସେ? ଏସବୁର ଉତ୍ତର ରହିଛି 'କଫିନ୍ ଥେରାପି'ରେ। ମାତ୍ର ୮ ବର୍ଷ ହେଲା ଆରମ୍ଭ ହୋଇଥିବା ଏହି ଅଭିନବ ଥେରାପି ନେବା ପରେ ଜୀବନ ପ୍ରତି ବିତୃଷ୍ଣା ଭାବ ଥିବା ଲୋକଙ୍କ ଭିତରେ ଅନେକ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳୁଛି।**



ଜୀବନକୁ ସୁଖମୟ କରିବାକୁ ପୃଥିବୀର ବିଭିନ୍ନ ଦେଶରେ ନିଆରା ପ୍ରଥା ପ୍ରଚଳିତ। ଏହାକୁ ବାଦ୍‌ଦେଲେ ମୃତ୍ୟୁ ପରେ ଧର୍ମୀୟ ବିଶ୍ୱାସ ଆଧାରରେ ପରମ୍ପରାକୁ ସମ୍ମାନ ଜଣାଇ ଭିନ୍ନ ଭିନ୍ନ ପଦ୍ଧତିରେ ଶେଷକୃତ୍ୟ କରାଯାଏ। ହେଲେ ଦକ୍ଷିଣ କୋରିଆରେ ଲୋକମାନେ ଉତ୍ତମ ସ୍ୱାସ୍ଥ୍ୟ, ସକାରାତ୍ମକ ମାନସିକତା ଏବଂ ମୃତ୍ୟୁର ଅନୁଭବ ପାଇଁ କିଛି ସମୟ ନିଜକୁ କଫିନ୍ ଭିତରେ ବନ୍ଦ କରି ରଖିଥାନ୍ତି। ଏଥିଲାଗି ଦେଶରେ ମାସ୍ ହିଲିଂ ଥେରାପି ବ୍ୟବସ୍ଥା ରହିଛି। ଏହା ଜୀବନର ମହତ୍ତ୍ୱ ବୁଝିବାକୁ ସୁଯୋଗ ଦିଏ ବୋଲି ବିଶ୍ୱାସ ରହିଛି।

'କଫିନ୍ ଥେରାପି' କୌଣସି ଧାର୍ମିକ ପରମ୍ପରା ନୁହେଁ, ବରଂ ଏହି ଶତାବ୍ଦୀରେ ଅର୍ଥାତ୍ ୨୦୦୮ରେ ଆରମ୍ଭ ହୋଇଥିବା ଏକ ପରମ୍ପରା। ହୋୱେନ ହିଲିଂ ସେଣ୍ଟରରୁ ଏହା ପ୍ରଥମେ ଆରମ୍ଭ ହୋଇଥିଲା। ଏହି କେନ୍ଦ୍ରରେ ଶତାଧିକ ଲୋକ ନିଜକୁ କଫିନ୍ ଭିତରେ ବନ୍ଦ କରି ମୃତ୍ୟୁର ଅନୁଭବ କରିଥାନ୍ତି। କେବଳ ଏତିକି ନୁହେଁ, ଥେରାପି ନେବା ପୂର୍ବରୁ ଶେଷକୃତ୍ୟ ବେଳର ସମସ୍ତ ପ୍ରଥା, ନୀତିନିୟମ କରାଯାଇଥାଏ। ଏହି ଥେରାପି ନେଇଥିବା ଲୋକଙ୍କ କହିବା କଥା, ଜୀବନ ଅଛି ଅର୍ଥାତ୍ ମୃତ୍ୟୁ ବି ଅଛି। ଏକଥାକୁ ଥରେ ହୃଦୟଙ୍ଗମ କରିଦେଲେ ଜୀବନକୁ ଠିକଣା ଢଙ୍ଗରେ ବଞ୍ଚିବା ଲାଗି ପ୍ରେରଣା ମିଳେ। ଜୀବନରେ ଯେତେଶୀଘ୍ର ଏହି ଥେରାପି ନିଆଯିବ ସେତେ ଭଲ। ଯୁବତୀଯୁବକଙ୍କଠାରୁ ଆରମ୍ଭ କରି ବୟସ୍କ ଯାଏ ସମସ୍ତେ ଏହି ଥେରାପି ନେଇପାରିବେ। ସେମାନଙ୍କୁ ୧୦ ମିନିଟ ଯାଏ କଫିନ୍‌ରେ ବନ୍ଦ ରହିବାକୁ ହୋଇଥାଏ। ଏଥିପୂର୍ବରୁ ୧୦ ମିନିଟ୍ ଯାଏ ସେମାନଙ୍କୁ କଫିନ ଭିତରେ ବସିବାକୁ ପଡ଼େ। ଏଥିସହ ମୃତ୍ୟୁର ଦଲିଲ ଲେଖି ଏହାକୁ ପଢ଼ିବାକୁ ପଡ଼ିଥାଏ। ମାନସିକ ଚାପରୁ ମୁକୁଳିବା ଏବଂ ଜୀବନର ମାନେ କେବଳ ଟଙ୍କା ଉପାର୍ଜନ କି ବିଳାସବ୍ୟସନ ନୁହେଁ ବୋଲି ଅନୁଭବ କରାଇବାରେ ଏହି ଥେରାପି ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି। ତେଣୁ ଡାକ୍ତର, ବୃତ୍ତିଧାରୀ, ବଡ଼ ବ୍ୟବସାୟୀ ମଧ୍ୟ ନିଜକୁ ସାମିଲ କରିବା ଆରମ୍ଭ କଲେଣି। ଜୀବନ୍ତ କବର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ଲୋକଙ୍କୁ ହେୱେନ ଫ୍ୟୁନରଲ କମ୍ପାନୀ ସହାୟତା ଯୋଗାଇ ଆସୁଛି। ଏହାଦ୍ୱାରା ମଣିଷ ମନରେ କ୍ଷମା ଭାବ ବିକଶିତ ହୋଇଥାଏ। ଏହାଦ୍ୱାରା ସେମାନେ ପୂର୍ବ ଆକ୍ରୋଶ, ରାଗରୁଷା, ଅଭିମାନ ଭୁଲି ପୁଣି ଥରେ ସାଙ୍ଗସାଥୀ ଏବଂ ପରିବାର ସହ ଯୋଡ଼ି ହୋଇଥାନ୍ତି।

# ଲାଇଟ୍ ଶୋ



ନୂଆଦିଲ୍ଲୀ: ପମ୍ପକିନ୍ ଲାଇଟ୍ ଶୋ। କଖାରୁ କଳାକୃତି ଭିତରେ ବିଭିନ୍ନ ଡିଜାଇନ୍ ଓ ବିଭିନ୍ନ ରଙ୍ଗର ସୁନ୍ଦର ଲାଇଟ୍। କଖାରୁ ଡିଜାଇନ୍ ଭିତରେ ରହିଛି ବିଭିନ୍ନ ଚରିତ୍ର ତଥା ଆକୃତିର ଚିତ୍ର। ବିଶେଷ କରି ଭୂତ ଭଳି ବିଭିନ୍ନ ଆକୃତିକୁ ଏହି କଳାରେ ରୂପ ଦେବା ପାଇଁ ଚେଷ୍ଟା କରାଯାଇଛି। ଆଉ ତା' ସହିତ ସ୍ଥାନେ ସ୍ଥାନେ ରହିଛି ଆଲିଏନ୍‌ଙ୍କ ପ୍ରତିକୃତି। ହଲିଉଡ୍‌ର କେତେଜଣ କଳାକାରଙ୍କ ସହିତ କେତେକ ସ୍ଥାନରେ ଭୂତଙ୍କୁ ମଧ୍ୟ ଏହି ଲାଇଟ୍ ଶୋ'ରେ ପ୍ରଦର୍ଶିତ କରାଯାଇଛି। ଏଭଳି ଏକ ସୁନ୍ଦର ଲାଇଟ୍ ଶୋ ଏବେ ଚାଲିଛି ଲସ୍ ଏଞ୍ଜେଲ୍‌ସରେ। ଲସ୍ ଏଞ୍ଜେଲ୍‌ସରେ ପ୍ରତିବର୍ଷ ଭଳି ଏବର୍ଷ ବି ଚାଲିଛି ପମ୍ପକିନ୍ ଲାଇଟ୍ ଶୋ ଏବଂ ଏହାର ନାଁ ରହିଛି 'ନାଇଟ୍‌ସ ଅଫ୍ ଜ୍ୟାକ୍'। କରୋନା ପାଇଁ ଯଦିଓ ଏହି ଲାଇଟ୍ ଶୋ କରିବା ନେଇ ଦ୍ୱନ୍ଦ୍ୱ ରହିଥିଲା, କିନ୍ତୁ ସମସ୍ତ କଟକଣା ମଧ୍ୟରେ ଏହା ଆୟୋଜନ କରାଯାଇଛି।

# ପ୍ରଶଂସିତ ହେଲେ ଦେଢ଼ବର୍ଷର ଶିଶୁ

**ହାଇଦ୍ରାବାଦ**

ଦେଢ଼ବର୍ଷର ଶିଶୁଟିଏ କଅଁଳ ପାଦରେ ଧୀରେ ଧୀରେ ଚାଲିବା ଏବଂ ଖେଳିବା ଆରମ୍ଭ କରିଥାଏ। ଏ ବୟସରେ ତା'ଠାରୁ ଅଧିକ କ'ଣ ବା ଆଶା କରାଯାଇପାରେ। ହେଲେ ଜଣେ ଶିଶୁ ଏ ବୟସରେ ତାର ବିଭିନ୍ନ ବିଷୟକୁ ଶୀଘ୍ର ବୁଝିବା ଶକ୍ତି ଏବଂ ଭାଷା ଜ୍ଞାନ ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଦ୍ୱାରା ପ୍ରଶଂସିତ ହୋଇଛନ୍ତି। ଏକଥା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ସେ ହେଲେ ତେଲଙ୍ଗାନା ରାଜ୍ୟ ହାଇଦ୍ରାବାଦର ପବନ୍ କନ୍ଦଲମ୍ ଏବଂ ଶ୍ରୁତି କନ୍ଦଲମ୍‌ଙ୍କ ସୁକନ୍ୟା ଚୈତ୍ରା। ୨୦୧୯ ଏପ୍ରିଲ୍ ୧୨ରେ ଜନ୍ମଗ୍ରହଣ କରିଥିବା ଚୈତ୍ରା ବିଭିନ୍ନ ରଙ୍ଗ, ଗାଡ଼ି ଏବଂ ପଶୁ, ମନୁଷ୍ୟ ଶରୀରର ଅଙ୍ଗପ୍ରତ୍ୟଙ୍ଗ, ଫଳ, ଖେଳନା ଆଦିକୁ ଚିହ୍ନିବା ଏବଂ କହିବାରେ ସକ୍ଷମ। ଝିଅର ଏହି ଜ୍ଞାନର ରହସ୍ୟ ବିଷୟରେ ମା' ଶ୍ରୁତି କୁହନ୍ତି, ମାତ୍ର ୯ମାସ ବୟସରୁ ସେ ଚୈତ୍ରାଙ୍କୁ ପୁସ୍ତକ ବିଷୟରେ ଜଣାଇଥିଲେ। ସେ ପୁସ୍ତକରେ ରହିଥିବା ବିଭିନ୍ନ ବିଷୟରେ ଜାଣିବା ପାଇଁ ଅତି ଆଗ୍ରହୀ ଥିବା ଜାଣିବାକୁ ପାଇଥିଲେ। ନିୟମିତ ନୂଆ ନୂଆ ଶବ୍ଦ ଶିଖି ଆମକୁ ସେ ଆଶ୍ଚର୍ଯ୍ୟ କରିଥିଲା। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଦ୍ୱାରା ଜଣେ ସାଙ୍ଗଙ୍କ ଝିଅ ପ୍ରଶଂସିତ ହେବା ପରେ ଝିଅର ଜ୍ଞାନକୁ ନେଇ ସଂସ୍ଥାକୁ ଜଣାଇଥିଲେ। ଚୈତ୍ରାର ଦକ୍ଷତା ନେଇ ଭିଡିଓ ମଧ୍ୟ ପଠାଇଯାଇଥିଲା। ସଂସ୍ଥା ପକ୍ଷରୁ ଯାଞ୍ଚ କରାଯିବା ପରେ ଝିଅକୁ ପ୍ରଶଂସା ପତ୍ର ମିଳିଥିବା ସେ ଜଣାଇଛନ୍ତି ।



# ୫୦ ବର୍ଷରେ ୧୦୦ କାର୍



**ନୂଆଦିଲ୍ଲୀ**

ନିଜର ସଉକ ପୂରଣ କରିବା ପାଇଁ କିଛି ଲୋକ ପୂରା ଦମ୍‌ରେ ଲାଗିଥାନ୍ତି। ଆଉ ଜୀବନକାଳ ମଧ୍ୟରେ ସଉକ ପୂରା କରି ବେଶ୍ ଆତ୍ମସନ୍ତୋଷ ଲାଭ କରିଥାନ୍ତି। ଠିକ୍ ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ଇଜିପ୍ଟର ସାୟିଦ୍ ସୀମା। ପୁରୁଣା ମଡେଲ୍ କାର୍ ପାଇଁ ତାଙ୍କର ଏତେ ସଉକ ଯେ ଏବେ ସେ ୧୦୦ରୁ ଅଧିକ ଏଭଳି କାର୍ ସଂଗ୍ରହ କରି ରଖିଛନ୍ତି। ପୁରୁଣା ମଡେଲର ବିଭିନ୍ନ କାର୍‌ର ଡିଜାଇନ୍ ଆଉ ତାକୁ ଚଳାଇବାର ଶୈଳୀ ସୀମାଙ୍କୁ ବେଶ୍ ଆକର୍ଷଣୀୟ ମନେ ହୋଇଥାଏ। ସେଥିପାଇଁ ସେ ପୁରୁଣା ମଡେଲର କୌଣସି କାର୍ ଦେଖିବା ମାତ୍ରେ ନ କିଣି ରହିପାରନ୍ତି ନାହିଁ। କାର୍ ପ୍ରତି ଏହି ଦୁର୍ବଳତା କାରଣରୁ ସେ ବିଭିନ୍ନ ସ୍ଥାନରୁ କାର୍ ସଂଗ୍ରହ କରିବାରେ ଲାଗିଥିଲେ। କାର୍ ସଂଗ୍ରହ କରିବା କାମ ସେ ଆରମ୍ଭ କରିଥିଲେ ମାତ୍ର ୨୫ ବର୍ଷ ବୟସରୁ। ତାଙ୍କର ସବୁଠୁ ପୁରୁଣା ମଡେଲ କାର୍ ହେଉଛି ଆଉବର୍ଣ୍ଣ, ଯାହାକୁ ସେ ୧୯୮୦ ମସିହାରେ କିଣିଥିଲେ। ଏହି କାର୍‌ଟି ସ୍ୱତନ୍ତ୍ର ବୋଲି ସେ କହନ୍ତି। ଏହି କାର୍ କାଠ ଫ୍ରେମରେ ଷ୍ଟିଲ୍ କୋଟିଂ ଦିଆଯାଇ କରାଯାଇଛି। ପୁରୁଣା କାର୍‌ଗୁଡ଼ିକ ଯେଉଁଭଳି ଅପରେଟ୍ ହୁଏ ତାହା ଦେଖିବା ପାଇଁ ତାଙ୍କୁ ବହୁତ ଭଲ ଲାଗେ। ଏଥିପାଇଁ ସେ ଏଭଳି ପୁରୁଣା ଡିଜାଇନ୍‌ର ୧୦୦ଟି କାର୍ ସଂଗ୍ରହ କରି ରଖିଛନ୍ତି। ସୀମାଙ୍କୁ ବୟସ ଏବେ ୫୦ ବର୍ଷ କିନ୍ତୁ ଏତେଗୁଡ଼ିଏ କାର୍ ସଂଗ୍ରହ କରି ସେ ଏବେ ଢେର୍ ଚର୍ଚ୍ଚିତ ହୋଇପାରିଛନ୍ତି। ବଡ଼ କଥା ହେଉଛି ତାଙ୍କ ପାଖରେ ଥିବା ବିଭିନ୍ନ ପୁରୁଣା ମଡେଲ୍ କାର୍‌ଗୁଡ଼ିକ ଫିଲ୍ମରେ ମଧ୍ୟ ପ୍ରଦର୍ଶିତ ହୋଇଥାଏ। ବିଭିନ୍ନ ପ୍ରଡକ୍ସନ୍ ହାଉସ୍ ତାଙ୍କ ପାଖରୁ ଆସି ପୁରୁଣା କାର୍ ସବୁ ନେଇଥାନ୍ତି। ଅନେକ ଫିଲ୍ମରେ ଆଜି ସୀମାଙ୍କର କାର୍ ଦେଖିବାକୁ ମିଳୁଛି। ସୀମାଙ୍କର ଏହି କାର୍ ସଉକ ସମ୍ପର୍କରେ ଏବେ ତାଙ୍କର ପୁଅ ସୋସିଆଲ୍ ମିଡିଆରେ ଜଣାଇଛନ୍ତି।

# ହଳଦିଆ କଇଁଛ

କୋଲକାତା: ଜୈବ ବିବିଧତାରେ ପୂର୍ଣ୍ଣ ଆମ ପ୍ରକୃତି। ଏଠି ଅନେକ ବିସ୍ମୟ ଲୁଚି ରହିଛି, ଯାହାକୁ ଏବେ ବି ବୈଜ୍ଞାନିକମାନେ ଜାଣି ପାରିନାହାନ୍ତି। ପ୍ରକୃତିର ଏମିତି ଅନେକ ବୈଚିତ୍ର୍ୟ ବେଳେବେଳେ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ଏହାର ଏକ ପ୍ରମାଣ ହେଉଛି ହଳଦିଆ ରଙ୍ଗର କଇଁଛ। ପଶ୍ଚିମବଙ୍ଗର ବର୍ଦ୍ଧମାନ ଅଞ୍ଚଳରେ ଥିବା ଏକ ପୋଖରୀ ଭିତରୁ ମିଳିଛି ଏହି ହଳଦିଆ ରଙ୍ଗର କଇଁଛ। କଇଁଛ ଦେଖିବାକୁ ସାଧାରଣତଃ ଫିକା କଳା ରଙ୍ଗର। କିନ୍ତୁ କଇଁଛ ଯେ ହଳଦିଆ ରଙ୍ଗର ଅଛି ଏକଥା ହୁଏତ କେହି କେବେ ଦେଖି ନ ଥିବେ। ମାତ୍ର ଏଭଳି ଏକ ଭିନ୍ନ ରଙ୍ଗର କଇଁଛକୁ



ଏବେ ଉଦ୍ଧାର କରାଯାଇଛି ପଶ୍ଚିମବଙ୍ଗରୁ। ଏଭଳି ଏକ ଭିନ୍ନ ରଙ୍ଗର କଇଁଛ ଥିବା ନେଇ ପ୍ରଥମେ ସୋସିଆଲ ମିଡିଆରେ ଜଣାଇଥିଲେ ଆଇଏଫ୍‌ଏସ୍ ଅଫିସର ଦେବାଶିଷ୍ ଶର୍ମା। ଟୁଇଟର ଆକାଉଣ୍ଟରେ ଶେୟାର କରି ସେ କଇଁଛ ସମ୍ପର୍କରେ ସବୁକିଛି ଜଣାଇଛନ୍ତି। ତେବେ କଇଁଛର ଏଭଳି ରଙ୍ଗ ହେବା ପଛରେ ହୁଏତ ତା'ର ଆନୁବଂଶିକ କାରଣ ଥାଇପାରେ କିମ୍ବା ଏହା ଶରୀରରେ କୌଣସି ଏକ ଉପାଦାନ କମ୍ ଥିବାରୁ ଏପରି ହୋଇଛି ବୋଲି ସେ କ୍ୟାପଶନ୍‌ରେ ଲେଖିଛନ୍ତି। କାରଣ ଯାହା ବି ହୋଇଥାଉ କିନ୍ତୁ ହଳଦିଆ ରଙ୍ଗର ହୋଇଥିବାରୁ କଇଁଛଟି ବହୁତ ସୁନ୍ଦର ଦେଖାଯାଉଛି। ସୋସିଆଲ ମିଡିଆରେ ବି ଏବେ କଇଁଛର ଏହି ଫଟୋ ଭାଇରାଲ୍ ହେବାରେ ଲାଗିଛି। ଫଟୋକୁ ନେଇ ଲୋକେ ସୁନ୍ଦର କମେଣ୍ଟ ସବୁ ଦେବା ସହିତ ହଜାର ହଜାର ସଂଖ୍ୟାରେ ଶେୟାର ବି କରୁଛନ୍ତି।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ବସନ୍ତ କୁମାର ବିଶ୍ୱାଳ
ଶହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୦।୦୫।୧୯୪୯
ତିରୋଧାନ: ୨୦।୧୦।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପରୋପକାରିତା, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ଚିରସ୍ମରଣୀୟ। ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପତ୍ନୀ: ଆଦରମଣି ; ପୁତ୍ର: ପପୁ, ରାଜା ; ପୁତ୍ରବଧୂ: ମାନି, ମାମାଲି ; ଝିଅ: ଲିପୁ, ସିପୁ, ଜ୍ୱାଇଁ: ରମାକାନ୍ତ, ପ୍ରଣବ ; ନାତି: ଗୁଡୁଲ୍, ଆଦି, ତୁତୁଲ୍ ; ନାତୁଣୀ: ତନୟା, ସ୍ୱସ୍ତିରୂପା, ସମସ୍ତ ପରିବାରବର୍ଗ ଓ ବନ୍ଧୁବାନ୍ଧବ ।
ଧ-୬୯୫୬୨

**ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



ଆବିର୍ଭାବ: ୦୧.୦୧.୧୯୪୦ ତିରୋଧାନ: ୧୨.୧୦.୨୦୧୯
୰ ଜି.ବି. ଆର୍ ଦୋରା
ସେଦିନର ସେ କଥାକୁ ଆଜିବି ବିଶ୍ୱାସ କରି ହେଉନି । ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇଦେଇ ଆପଣ ଅମରଧାମକୁ ଚାଲିଗଲେ । ଚାହୁଁ ଚାହୁଁ ଗୋଟିଏ ବର୍ଷ ବିତିଗଲା । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଉପଦେଶ, ଆଦେଶକୁ ପାଥେୟ କରି ଆମେ ଅବଶିଷ୍ଟ ଜୀବନ ବିତାଇବୁ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ : ପୁତ୍ର, ପୁତ୍ରବଧୂ, ଝିଅ-ଜ୍ୱାଇଁ ଓ ନାତି ନାତୁଣୀ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୧୮୭୪୪

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Shri Ram Finance
ଆଧାରକାର୍ଡ | ଏଗ୍ରିକଲ୍ଚର | ମାର୍କଶିଟ୍ | ପର୍ସନାଲ | ପ୍ରପର୍ଟି | ଗ୍ରୁପ୍
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94666-18733
94337-13915
B-34/7 A Block Vijay Enclave, Bururi, New Delhi

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M
ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M
ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician
ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician
ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician
ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ (ପାରାମେଡିକାଲ କୋର୍ସ)
A.N.M : 2 Years (+2 Pass)
G.N.M : 3 Years (+2 Pass)
Post Basic Nurshing : 2 Years (GNM Pass)
DMLT 2 Year
OT.Tech 2 Year
Dialysis 2 Year
I.C.U 1 Year
E.C.G 1 Year
10th Pass Above
HOSTEL, TRANSPORT, HOSPITAL PRACTICAL FACILITY AVAILABLE — LIMITED SEAT
KIMS, KHANDAGIRI, BBSR
Mob. 8658179869

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

AMBA Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଗ୍ରାଣ୍ଡସ୍ଲାମ୍ ବିଜୟିନୀ ସ୍ୱିଟେକ୍



**ଫ୍ରେଞ୍ଚ୍ ଓପନ୍ ଟାଇଟଲ ହାସଲ କରି ଆଇଗା ସ୍ୱିଟେକ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ପୋଲାଣ୍ଡର ପ୍ରଥମ ଖେଳାଳିଭାବେ ସେ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଅଣସିଡ୍ ସ୍ୱିଟେକ ମହିଳା ସିଙ୍ଗଲ୍ସ ଫାଇନାଲରେ ଆମେରିକାର ଚତୁର୍ଥ ସିଡ୍ ଖେଳାଳି ସୋଫିଆ କେନିନ୍‌ଙ୍କୁ ପରାସ୍ତ କରି ରାଫାଲ ନାଡାଲଙ୍କ ପରେ ସର୍ବକନିଷ୍ଠ ଖେଳାଳିଭାବେ ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି...**

ପୋଲାଣ୍ଡ ଟିନ୍‌ଏଜର ଆଇଗା ସ୍ୱିଟେକ ଇତିହାସ ସୃଷ୍ଟି କରିଛନ୍ତି। ସେ ପୋଲାଣ୍ଡର ପ୍ରଥମ ଟେନିସ ଖେଳାଳିଭାବେ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ୧୯ ବର୍ଷୀୟା ସ୍ୱିଟେକ କିଛିଦିନ ତଳେ ଫ୍ରେଞ୍ଚ୍ ଓପନ୍ ଟେନିସ ଟୁର୍ନାମେଣ୍ଟରେ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ୍ ଓପନ ଜିତିବା ସହ ସ୍ପେନ୍‌ର ରାଫାଲ ନାଡାଲଙ୍କ ପରେ ସର୍ବକନିଷ୍ଠ ଖେଳାଳିଭାବେ ଏହି ଟୁର୍ନାମେଣ୍ଟରେ ଟାଇଟଲ ଜିତିଛନ୍ତି। ୨୦୦୫ରେ ନାଡାଲ ସର୍ବକନିଷ୍ଠ ଖେଳାଳିଭାବେ ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିଥିଲେ। ମୋନିକା ସେଲେସଙ୍କ ପରେ ସ୍ୱିଟେକ ସର୍ବକନିଷ୍ଠ ଖେଳାଳିଭାବେ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ସେଲେସ ପୂର୍ବରୁ ୧୯୯୨ରେ ଫ୍ରେଞ୍ଚ୍ ଓପନ ଟାଇଟଲ ହାସଲ କରିବାରେ ସର୍ବକନିଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଫ୍ରେଞ୍ଚ୍ ଓପନ ମହିଳା ସିଙ୍ଗଲ୍ସ ଫାଇନାଲରେ ଅଣସିଡ୍ ସ୍ୱିଟେକ ଆମେରିକାର ୨୧ ବର୍ଷୀୟା ଖେଳାଳି ତଥା ଚତୁର୍ଥ ସିଡ୍ ଖେଳାଳି ସୋଫିଆ କେନିନ୍‌ଙ୍କୁ ପରାସ୍ତ କରି ଟାଇଟଲ ଜିତିଥିଲେ। ଅଷ୍ଟ୍ରେଲିଆନ ଓପନ୍ ଚାମ୍ପିୟନ କେନିନ ସ୍ୱିଟେକଙ୍କ ସମ୍ମୁଖରେ ଏକ ପ୍ରକାର ଆତ୍ମସମର୍ପଣ କରିଥିଲେ। ୧୯୭୫ ପରେ ପ୍ରଥମ ଲୋ ର‍୍ୟାଙ୍କର ଖେଳାଳିଭାବେ ସ୍ୱିଟେକ ଏହି ଟୁର୍ନାମେଣ୍ଟରେ ବାଜି ମାରିଛନ୍ତି। ଓପନ ଏରାରେ ଚତୁର୍ଥ ଟିନ୍‌ଏଜ ଖେଳାଳିଭାବେ ସେ ଗୋଟିଏ ହେଲେ ବି ସେଟ୍ ଡ୍ରପ୍ ନ କରି ଫ୍ରେଞ୍ଚ୍ ଓପନ୍ ଜିତିଛନ୍ତି। ପୂର୍ବରୁ ୧୯୭୧ରେ ଇଭୋନ ଗୁଲାଗଙ୍ଗ, ୧୯୭୪ରେ କ୍ରିସ ଇଭର୍ଟ ଓ ୧୯୮୮ରେ ଷ୍ଟେଫି ଗ୍ରାଫ୍ କୌଣସି ସେଟ୍ ଡ୍ରପ୍ ନ କରି ବାଜି ମାରିଥିଲେ। ଟାଇଟଲ ହାସଲ ପରେ ସ୍ୱିକେଟ ଖୁସି ଜାହିର କରିଛନ୍ତି। ନିଜ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଟାଇଟଲ ଜିତିବାର ଖୁସି ନିଶ୍ଚିତ ଭାବେ ଅଲଗା ପ୍ରକାର ବୋଲି ସେ କହିଛନ୍ତି। ପୋଲାଣ୍ଡର ଦ୍ୱିତୀୟ ମହିଳା ଖେଳାଳି ଭାବେ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ଫାଇନାଲକୁ ଉଠିଥିବା ସ୍ୱିକେଟଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି କୁହାଯାଇପାରେ। ପୂର୍ବରୁ ଅନ୍ୟତମ ପୋଲାଣ୍ଡ ଖେଳାଳି ଆଗ୍ନେସ୍କା ରାଡ୍ୱାନସ୍କା ୨୦୧୨ ୱିମ୍ବଲଡନ ଫାଇନାଲରେ ପ୍ରବେଶ କରିଥିଲେ।

ଜଣେ ଜୁନିୟର ଖେଳାଳି ଭାବେ ସ୍ୱିକେଟ ବେଶ୍ ସଫଳ ରହିଛନ୍ତି। ସେ ପୂର୍ବରୁ ୨୦୧୮ ଫ୍ରେଞ୍ଚ୍ ଓପନ୍ ଡବଲ୍ସ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ସେହିପରି ସେ ୨୦୧୮ ୱିମ୍ବଲଡନ ଗର୍ଲ୍ସ ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ। ୨୦୧୬ରେ ସେ ପୋଲାଣ୍ଡକୁ ଜୁନିୟର ଫେଡକପ୍ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ୨୦୧୮ ସମର ୟୁଥ୍ ଅଲିମ୍ପିକ୍ସରେ ସେ ସ୍ଲୋଭେନିଆର କାଜା ଜୁଭାନଙ୍କୁ ସାଥି କରି ଡବଲ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୯ ପରେ ସେ ଡବ୍ଲ୍ୟୁଟିଏ ଟୁର୍‌ରେ ନିୟମିତ ଭାବେ ଖେଳିବା ଆରମ୍ଭ କରିଥିଲେ। ଫ୍ରେଞ୍ଚ ଓପନ୍ ଟାଇଟଲ ହାସଲ କରିବା ଅବସରରେ ସେ ଏକାଧିକ ଆଗଧାଡିର ଖେଳାଳିଙ୍କୁ ପରାସ୍ତ କରିଥିଲେ। ଜୁନିୟରସ୍ତରରେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିବା ସ୍ୱିଟେକ ସିନିୟରସ୍ତରରେ ମଧ୍ୟ ଭଲ ଖେଳିବେ ବୋଲି ସେ ଏହାର ପ୍ରମାଣ ଦେଇଛନ୍ତି।

ପୋଲାଣ୍ଡର ରାଜଧାନୀ ୱାରଶରେ ୨୦୦୧ ମେ ୩୧ ତାରିଖରେ ଜନ୍ମଗ୍ରହଣ କରିଥିବା ସ୍ୱିକେଟଙ୍କ ପିତା ଜଣେ ପୂର୍ବତନ ରୋୟର। ସେ ୧୯୮୮ ସିଓଲ୍ ଅଲିମ୍ପିକ୍ସର ପୁରୁଷ କ୍ୱାଡ୍ରାପୁଲ ସ୍କଲ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ତାଙ୍କ ମା’ ଜଣେ ଅର୍ଥୋଡେଣ୍ଟିଷ୍ଟ। ସ୍ୱିଟେକଙ୍କ ପିତା ତାଙ୍କୁ ଜଣେ ଆଥଲେଟ ବନାଇବାକୁ ଚାହୁଁଥିଲେ। ଭଉଣୀ ଅଗଟା ତାଙ୍କଠାରୁ ୩ ବର୍ଷ ବଡ଼। ଅଗଟା ସୁଇମର ହେବାକୁ ଚାହୁଁଥିଲେ ମଧ୍ୟ ଶେଷରେ ଟେନିସ ଖେଳିଥିଲେ। ସ୍ୱିଟେକ ତାଙ୍କ ପଦାନୁସରଣ କରି ଟେନିସ ଖେଳିବା ଆରମ୍ଭ କରିଥିଲେ। ସ୍ୱିଟେକ ଗତ ଅଷ୍ଟ୍ରେଲିଆନ ଓପନର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ। ସେହିପରି ସେ ୨୦୧୯ ୱିମ୍ବଲଡନର ପ୍ରଥମ ରାଉଣ୍ଡ ଖେଳିଥିଲେ ମଧ୍ୟ ଆଗକୁ ବଢ଼ିପାରି ନ ଥିଲେ। ୨୦୨୦ ୟୁଏସ୍ ଓପନରେ ସେ ତୃତୀୟ ରାଉଣ୍ଡକୁ ଉଠି ନିଜ ଦକ୍ଷତା ତଥା ପ୍ରତିଭାର ପ୍ରମାଣ ଦେଇଥିଲେ। ସ୍ୱିକେଟ ଏବେ ବିଶ୍ୱ ର‍୍ୟାଙ୍କିଙ୍ଗ୍‌ର ୧୭ତମ ସ୍ଥାନରେ ରହିଛନ୍ତି। ମାତ୍ର ୧୯ ବର୍ଷରେ ପଦାର୍ପଣ କରିଥିବାରୁ ତାଙ୍କ ଆଗରେ ଲମ୍ବା ଭବିଷ୍ୟତ ରହିଛି। ୫ ଫୁଟ ୯ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ସ୍ୱିଟେକଙ୍କ ପାଖରେ ଜଣେ ସ୍ୱତନ୍ତ୍ର ତଥା ସ୍ପେଶାଲିଷ୍ଟ ଟେନିସ ଖେଳାଳି ହେବାର ସବୁଗୁଣ ରହିଛି। ଖାସ୍ କରି ପୋଲାଣ୍ଡ ପାଇଁ ଏକ ଗୌରବମୟ ଇତିହାସ ସୃଷ୍ଟି କରିବେ ବୋଲି ଆଶା କରାଯାଉଛି। ଅବଶ୍ୟ ତାଙ୍କ ସମ୍ମୁଖରେ ଏକାଧିକ ବଡ଼ ଚ୍ୟାଲେଞ୍ଜ ରହିଛି। ଏବେ ସେ ଏହି ଚ୍ୟାଲେଞ୍ଜକୁ କିପରି ସାମନା କରୁଛନ୍ତି ଓ ଏଥିରେ କେତେ ସଫଳ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

### ସଂକ୍ଷେପରେ..

**ପୂରା ନାମ:** ଆଇଗା ସ୍ୱିଟେକ୍
**ଦେଶ:** ପୋଲାଣ୍ଡ
**ଜନ୍ମ:** ୩୧ ମେ’ ୨୦୦୧, ୱାରଶ ପୋଲାଣ୍ଡ
**ବୟସ:** ୧୯
**ଉଚ୍ଚତା:** ୫ଫୁଟ୍ ୯ ଇଞ୍ଚ୍
**ପ୍ଲେ:** ରାଇଟ୍ ହ୍ୟାଣ୍ଡେଡ (ଟୁ ହ୍ୟାଣ୍ଡେଡ ବ୍ୟାକ୍‌ହ୍ୟାଣ୍ଡ)
**ଉଚ୍ଚତମ ର‍୍ୟାଙ୍କିଙ୍ଗ୍:** ୧୭ ନମ୍ବର
**ଏବେକାର ର‍୍ୟାଙ୍କିଙ୍ଗ୍:** ୧୭ ନମ୍ବର
**ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ରେଜଲ୍ଟ:**
**ଫ୍ରେଞ୍ଚ୍ ଓପନ:** ଚାମ୍ପିୟନ(୨୦୨୦)
**ଅଷ୍ଟ୍ରେଲିଆନ ଓପନ:** ଚତୁର୍ଥ ରଉଣ୍ଡ(୨୦୨୦)
**ୱିମ୍ବଲଡନ:** ପ୍ରଥମ ରାଉଣ୍ଡ (୨୦୧୯)
**ୟୁଏସ୍ ଓପନ:** ତୃତୀୟ ରାଉଣ୍ଡ(୨୦୨୦)
**ସ୍ୱର୍ଣ୍ଣପଦକ:** ସମର ୟୁଥ୍ ଅଲିମ୍ପିକ୍ସ (୨୦୧୮)

## ପଲିଟିକ୍ସ



ମେଲବୋର୍ନରୁ ଲକ୍‌ଡାଉନ ଉଠିଅଛି
ହଟିନି କରୋନା ଭୟ
ଭାରତ– ଅଷ୍ଟ୍ରେଲିଆ ବକ୍ସିଂ ଡେ ଟେଷ୍ଟ
ଦର୍ଶକ ଦେଖିବା ଥୟ
ଲକ୍ଷେ କ୍ଷମତାରେ ପଚିଶ ହଜାରେ
କ୍ରିକେଟ ଅଷ୍ଟ୍ରେଲିଆ ଜୟ।୧।

ପର୍ତ୍ତୁଗୀଜ ଫର୍ମୁଲା–୧ ଗ୍ରାଁ ପ୍ରି ୱିନର
ଲୁଇସ୍ ହାମିଲଟନ
ବୟାନବେତମ ଟାଇଟଲ ଅଧିକାରୀ
ସେକେଣ୍ଡକୁ ଦିଏ ଧ୍ୟାନ
ୟଙ୍ଗ ଖାଇ ନିଶା, ପାନ
ପଲିଟିକ୍ସ କରି ସମୟ ବିତାଏ
ବେକାର କାଟଇ ଦିନ।୨।

ଭାରତୀୟ ଦଳ ଘୋଷଣା ହୋଇଛି
ଅଷ୍ଟ୍ରେଲିଆ ଗସ୍ତ ନେଇ
ହିରୋ ରୋହିତଙ୍କୁ ଅନ୍‌ଫିଟ୍ ଦର୍ଶାଇ
ଦ୍ୱନ୍ଦ୍ୱରେ ବିସିସିଆଇ
ବୁଝି ନ ପାରନ୍ତି କେହି
ଭୟଙ୍କର ଏଠି ପିସି କାରବାର
ଆମ ପଲିଟିକ୍ସ ଭାଇ।୩।

**–ସୁବାସ ଚନ୍ଦ୍ର ପ୍ରଧାନ**

## ‘ଦୃଢ଼ ରୁହ, ଧୈର୍ଯ୍ୟ ଧର’

**ସୂର୍ଯ୍ୟକୁମାରଙ୍କୁ ଶାସ୍ତ୍ରୀଙ୍କ ପରାମର୍ଶ**

ନୂଆଦିଲ୍ଲୀ, ୨୯।୧୦(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ ହେଁ ଅଷ୍ଟ୍ରେଲିଆ ଗସ୍ତ ପାଇଁ ଘୋଷିତ ଭାରତୀୟ ଦଳରେ ସୂର୍ଯ୍ୟକୁମାର ଯାଦବ ସ୍ଥାନ ପାଇ ନାହାନ୍ତି। ଆଇପିଏଲ୍‌ର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ବିପକ୍ଷ ମ୍ୟାଚରେ ୪୩ ବଲ୍‌ରୁ ୭୯ ରନର ମ୍ୟାଚ ବିଜୟୀ ଇନିଂସ ଖେଳିବାପରେ ଜାତୀୟ କୋଚ୍ ରବି ଶାସ୍ତ୍ରୀ ‘ଦୃଢ଼ ରୁହ ଏବଂ ଧୈର୍ଯ୍ୟ ଧର’ ବୋଲି ଏହି ମୁମ୍ବାଇ ଇଣ୍ଡିଆନ୍ସ ବ୍ୟାଟ୍ସମ୍ୟାନଙ୍କ ଉଦ୍ଦେଶ୍ୟରେ ଟୁଇଟ କରିଛନ୍ତି। ଘରୋଇ କ୍ରିକେଟ ଏବଂ ଆଇପିଏଲ୍‌ରେ ସୂର୍ଯ୍ୟକୁମାରଙ୍କ ଭଲ ପ୍ରଦର୍ଶନ ସତ୍ତ୍ୱେ ତାଙ୍କୁ ଚୟନକର୍ତ୍ତାମାନେ ଅଣଦେଖା କରିଛନ୍ତି ବୋଲି ଆଲୋଚନା ହେବାରେ ଲାଗିଛି। ଆର୍‌ସିବି ବିପକ୍ଷରେ ମୁମ୍ବାଇର ବିଜୟ ପରେ ସୂର୍ଯ୍ୟକୁମାର ହେଲ୍‌ମେଟ୍ କାଢ଼ି ଡ୍ରେସିଂରୁମ୍ ଆଡ଼କୁ ସଙ୍କେତ ଦେଇ ତାଙ୍କ ଉପରେ ଭରସା ରଖିବାକୁ ମନେ ପକାଇ ଦେଇଥିଲେ। ତାଙ୍କର ଏହି ପ୍ରଦର୍ଶନକୁ ବହୁ ପୂର୍ବତନ ଖେଳାଳି ପ୍ରଶଂସା କରିଥିଲେ। ସେ ଖୁବ୍‌ଶୀଘ୍ର ଭାରତୀୟ ଜର୍ସି ପିନ୍ଧିବେ ବୋଲି ବୀରେନ୍ଦ୍ର ସେହ୍ୱାଗ ପ୍ରକାଶ କରିଥିଲେ। ‘‘ଯାଦବଙ୍କ ମଧ୍ୟରେ ଦମ୍ ଅଛି। ଶୀଘ୍ର ତାଙ୍କ ନମ୍ବର ଆସିବ ଏହା ସନ୍ଦେହ ନାହିଁ। କ୍ରମାଗତଭାବେ ସେ ଚମତ୍କାର ପ୍ରଦର୍ଶନ କରିଚାଲିଛନ୍ତି’’ ବୋଲି ସେହ୍ୱାଗ ଟୁଇଟ୍ କରିଛନ୍ତି। ଏହି ତାଲିକାରେ ପୂର୍ବତନ ଚୟନ କମିଟି ଅଧ୍ୟକ୍ଷ କ୍ରିଷ୍ଣମାଚାରୀ ଶ୍ରୀକାନ୍ତ, କିମ୍ବଦନ୍ତୀ ଖେଳାଳି ସଚିନ ତେନ୍ଦୁଲକର ଓ ଭେଟେରାନ ହରଭଜନ ସିଂ ମଧ୍ୟ ଯୋଡ଼ି ହୋଇଯାଇଛନ୍ତି। ଯାଦବ ମୁମ୍ବାଇ ପକ୍ଷରୁ ୧୨ ମ୍ୟାଚ ଖେଳି ୪୦.୨୨ ଆଭରେଜରେ ୩୬୨ ରନ କରି ସାରିଛନ୍ତି।

## ଅଜୟ ଜୟରାମ, ଶୁଭଙ୍କର ଓହରିଲେ

**ସାରବ୍ରୁକେନ୍ସ (ଜର୍ମାନୀ), ୨୯।୧୦ (ପି.ଟି.)**–କୋଭିଡ୍ ଆଶଙ୍କାରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଅଜୟ ଜୟରାମ ଏବଂ ଶୁଭଙ୍କର ଦେ ଗୁରୁବାର ସାର୍‌ଲର୍ ଲକ୍ସ ଓପନ୍‌ରୁ ଓହରିଯାଇଛନ୍ତି। ଏହି ଦୁଇ ଖେଳାଳି ଆଇସୋଲେଶନରେ ଅଛନ୍ତି। ଗତଥରର ଚାମ୍ପିୟନ ୧୯ବର୍ଷୀୟ ଲକ୍ଷ୍ୟ ସେନ୍‌ଙ୍କ ପିତା ତଥା କୋଚ୍ କରୋନା ପଜିଟିଭ୍ ଜଣାପଡ଼ିବା ପରେ ସେ ନିଜେ ବୁଧବାର ପ୍ରତିଯୋଗିତାରୁ ଓହରିଯାଇଥିଲେ। ଡି.କେ. ସେନ୍‌ଙ୍କ ନିକଟରେ କିନ୍ତୁ କୌଣସି ଲକ୍ଷଣ ଦେଖା ନ ଥିଲା। ତାଙ୍କ ସହ ସଂସ୍ପର୍ଶରେ ଆସିଥିବାରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଅଜୟ ଜୟରାମ ଏବଂ ଶୁଭଙ୍କର ଦେ ଟୁର୍ନାମେଣ୍ଟରୁ ଓହରିଯିବାକୁ ବାଧ ହୋଇଛନ୍ତି। ଗୁରୁବାର ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ତରଫରୁ ଏହି ସୂଚନା ଦିଆଯାଇଛି। ପରେ ଜୟରାମ୍ ଏହି ପ୍ରସଙ୍ଗରେ କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ, ଜାତୀୟ ବ୍ୟାଡ୍‌ମିଣ୍ଟନ ମହାସଂଘ ଏବଂ ବିଡବ୍ଲ୍ୟୁଏଫ୍ ଟୁଇଟର ପୋଷ୍ଟ କରିଛନ୍ତି।

## ହେନେରିକ୍ସଙ୍କ ପ୍ରତ୍ୟାବର୍ତ୍ତନ, ଗ୍ରୀନ୍ ନବାଗତ

**ଭାରତ ବିପକ୍ଷ ସିରିଜ ପାଇଁ ଅଷ୍ଟ୍ରେଲିଆ ଦିନିକିଆ, ଟି୨୦ ଦଳ ଘୋଷିତ**

ମେଲବୋର୍ନ,୨୯।୧୦(ପି.ଟି.):

ଆଗାମୀ ଭାରତ ବିପକ୍ଷ ସୀମିତ ଓଭର କ୍ରିକେଟ ସିରିଜ ପାଇଁ ଘରୋଇ ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଛି। ଦିନିକିଆ ଓ ଟି୨୦ ସିରିଜ ପାଇଁ କ୍ରିକେଟ ଅଷ୍ଟ୍ରେଲିଆ ଦଳ ଘୋଷଣା କରିଛି। ଯୁବ ଅଲରାଉଣ୍ଡର କାମେରନ ଗ୍ରୀନଙ୍କୁ ଦଳରେ ସାମିଲ କରାଯାଇଥିବା ବେଳେ ଅଭିଜ୍ଞ ଅଲରାଉଣ୍ଡର ମୋଇସେସ୍ ହେନେରିକ୍ସ ବିଗ୍ ବାଶ୍ ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ଦୀର୍ଘ ୩ ବର୍ଷ ପରେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୪ ମ୍ୟାଚ୍ ବିଶିଷ୍ଟ ହାଇପ୍ରୋଫାଇଲ ଟେଷ୍ଟ ସିରିଜ ଖେଳିବା ପୂର୍ବରୁ ଭାରତ ବିପକ୍ଷରେ ଅଷ୍ଟ୍ରେଲିଆ ୩ଟି ଦିନିକିଆ ଓ ୩ଟି ଟି୨୦ ମ୍ୟାଚ୍ ଖେଳିବ। ନଭେମ୍ବର ୨୭, ୨୯ ଓ ଡିସେମ୍ବର ୨ ତାରିଖରେ ଦିନିକିଆ ମ୍ୟାଚ୍‌ଗୁଡିକ ଖେଳାଯିବ। ସେହିପରି ଡିସେମ୍ବର ୪, ୬ ଓ ୮ ତାରିଖରେ ଟି୨୦ ମ୍ୟାଚ୍‌ଗୁଡିକ ଆୟୋଜନ ହେବ।

ଦଳ ଚୟନରେ ବ୍ୟାଟିଂ ଅଲରାଉଣ୍ଡରମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଘରୋଇ କ୍ରିକେଟରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଗ୍ରୀନ୍ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରିକି ପଣ୍ଟିଂଙ୍କ ପରେ ଗ୍ରୀନ୍ ସବୁଠାରୁ ପ୍ରତିଭା ସମ୍ପନ୍ନ ଖେଳାଳି ବୋଲି ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ଗ୍ରେଗ୍ ଚାପେଲ କହିଛନ୍ତି। ସେହିପରି ବିଗ୍ ବାସରେ ହେନେରିକ୍ସ ପାଖାପାଖି ୧୫୦ ଷ୍ଟ୍ରାଇକ୍‌ରେଟ୍‌ରେ ରନ୍ ସଂଗ୍ରହ କରି ସିଡ୍‌ନୀ ସିକ୍ସରକୁ ଚାମ୍ପିୟନ କରାଇଥିଲେ। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଆହତ ହୋଇଥିବା ମିଚେଲ ମାର୍ଶଙ୍କୁ ଦଳରେ ସାମିଲ କରାଯାଇନାହିଁ।



କାମେରନ ଗ୍ରୀନ



ମୋଇସେସ୍ ହେନେରିକ୍ସ

**ଅଷ୍ଟ୍ରେଲିଆ ଦିନିକିଆ ଓ ଟି୨୦ ଦଳ:**
ଆରୋନ ଫିଞ୍ଚ୍ (ଅଧିନାୟକ), ସିନ୍ ଆବୋଟ, ଆଷ୍ଟନ ଅଗର, ଆଲେକ୍ସ କାରେ, ପ୍ୟାଟ୍ କ୍ୟୁମିନ୍ସ (ଉପ–ଅଧିନାୟକ), କାମେରନ ଗ୍ରୀନ୍, ଜୋଶ ହାଜେଲଉଡ, ମୋଇସେନ ହେନେରିକ୍ସ, ମାର୍ନସ ଲାବୁସେନ, ଗ୍ଲେନ୍ ମ୍ୟାକ୍ସୱେଲ, ଡାନିଏ ସାମ୍ସ, କେନ ରିଚାର୍ଡସନ, ଷ୍ଟିଭେନ ସ୍ମିଥ, ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ, ମାଥ୍ୟୁ ୱାଡେ, ଡେଭିଡ ୱାର୍ନର ଓ ଆଡାମ ଜାମ୍ପା।

## ବାର୍‌କ୍ଲେଙ୍କୁ ସମର୍ଥନ କରିବ ବିସିସିଆଇ

ନୂଆଦିଲ୍ଲୀ, ୨୯।୧୦ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଚେୟାରମ୍ୟାନ ପଦବୀ ପାଇଁ ହେବାକୁ ଥିବା ନିର୍ବାଚନରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ଭବତଃ ନ୍ୟୁଜିଲାଣ୍ଡ ପ୍ରାର୍ଥୀ ଗ୍ରେଗ୍ ବାର୍‌କ୍ଲେଙ୍କୁ ସମର୍ଥନ କରିବ। ଗତ ଜୁଲାଇରେ ଭାରତର ଶଶାଙ୍କ ମନୋହରଙ୍କ କାର୍ଯ୍ୟକାଳ ଶେଷ ହେବାପରେ ଏହି ପଦବୀ ଖାଲି ପଡ଼ିଛି। ନିର୍ବାଚନରେ ବାର୍‌କ୍ଲେଙ୍କ ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ସିଙ୍ଗାପୁରର ଇମ୍ରାନ ଖ୍ୱାଜା। ଡିସେମ୍ବର ପ୍ରଥମ ସପ୍ତାହରେ ଭୋଟ ଗ୍ରହଣ ହେବ। ସବୁଠାରୁ ଶକ୍ତିଶାଳୀ ଆଇସିସି ବୋର୍ଡର ୧୬ ସଦସ୍ୟ ସେମାନଙ୍କ ମତ ସାବ୍ୟସ୍ତ କରିବେ। କେତୋଟି ପ୍ରସଙ୍ଗକୁ ନେଇ ଆଇସିସି ଡେପୁଟି ଚେୟାରମ୍ୟାନ ଖ୍ୱାଜାଙ୍କୁ ସମର୍ଥନ କରିବ ନାହିଁ ବିସିସିଆଇ। ଆଇସିସି ରାଜସ୍ୱର ସିଂହ ଭାଗ ଇଂଲଣ୍ଡ ଭାରତ ଓ ଅଷ୍ଟ୍ରେଲିଆକୁ ଦିଆଯିବା ପ୍ରସ୍ତାବର ପ୍ରତ୍ୟାହାର ପ୍ରସଙ୍ଗରେ ମନୋହରଙ୍କୁ ସମର୍ଥନ କରିଥିଲେ ଖ୍ୱାଜା।



ଗ୍ରେଗ୍ ବାର୍‌କ୍ଲେ

## ଅଭିନବ ବିନ୍ଦ୍ରା ସ୍ପୋର୍ଟ୍ସ ମେଡିସିନ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍

**ଭୁବନେଶ୍ୱର,୨୯।୧୦(ସ୍ପୋର୍ଟ୍ସ ବ୍ୟୁରୋ)**–ଅଭିନବ ବିନ୍ଦ୍ରା ସ୍ପୋର୍ଟ୍ସ ମେଡିସିନ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ଏବିଏସ୍‌ଏମ୍‌ଏଆର୍‌ଆଇ) ପାଇଁ ଆଡମିଶନ ଆରମ୍ଭ ହୋଇଛି। ଭୁବନେଶ୍ୱରରେ ସ୍ଥାପିତ ଏହି ଅନୁଷ୍ଠାନ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ। ଭାରତର ପ୍ରଥମ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ଅଭିନବ ବିନ୍ଦ୍ରା ହେଉଛନ୍ତି ଏହାର ପ୍ରତିଷ୍ଠାତା। ଭାରତୀୟ ସ୍ପୋର୍ଟ୍ସ ଇକୋ ସିଷ୍ଟମକୁ ସଶକ୍ତ କରିବା ଏହି ଅନୁଷ୍ଠାନର ମୂଳ ଉଦ୍ଦେଶ୍ୟ। ଭାରତୀୟ ଫିଜିଓଥେରାପିଷ୍ଟ ଓ ସ୍ପୋର୍ଟ୍ସ ସାଇଣ୍ଟିଷ୍ଟମାନେ ବିଶେଷ ଉପକୃତ ହୋଇପାରିବେ ବୋଲି ବିନ୍ଦ୍ରା କହିଛନ୍ତି। ପ୍ରତିଷ୍ଠାନରେ ଅତ୍ୟାଧୁନିକ ଲାବୋରେଟୋରି ରହିଛି। ଭିଜୁଆଲ ଶିକ୍ଷାଦାନ କରାଯାଉଛି। ଶିକ୍ଷାର୍ଥୀମାନଙ୍କୁ ପ୍ରଫେସନାଲ ଭାଗେ ଗଢ଼ି ତୋଳିବାରେ ଏହା ସହାୟକ ହେବ ବୋଲି ଏହାର ଡିନ୍ ଡକ୍ଟର ଯୋଶେଫ୍ ଅଲିଭର ପ୍ରକାଶ କରିଛନ୍ତି। ବିପିଟି ଓ ଏମ୍‌ପିଟି ପାଠ୍ୟକ୍ରମ (ସ୍ପୋର୍ଟ୍ସ, ଅର୍ଥୋପେଡିକ୍ସ, ନ୍ୟୁରୋଲୋଜି ଏବଂ କାଡିଓ ପଲମୋନାରି ସାଇନ୍ସ) ଚଳିତ ବର୍ଷ ଆରମ୍ଭ କରାଯିବ। ଅନୁଷ୍ଠାନରେ ରିସର୍ଚ୍ଚର ସୁବିଧା ମଧ୍ୟ ରହିଛି।

## ହେୱିଟ୍‌ଙ୍କୁ ଅଧିକ ଭୋଟ୍

ନ୍ୟୁପୋର୍ଟ (ଯୁକ୍ତରାଷ୍ଟ୍ର ଆମେରିକା), ୨୯।୧୦ (ଏପି)-ଇଣ୍ଟରନ୍ୟାଶନାଲ ଟେନିସ ହଲ୍ ଅଫ୍ ଫେମ୍‌ର କ୍ଲାସ୍ ଅଫ୍ ୨୦୨୧ ପାଇଁ ହୋଇଥିବା ଫ୍ୟାନ୍ ଭୋଟିଂରେ ଦୁଇଥର ଗ୍ରାଣ୍ଡସ୍ଲାମ ଟାଇଟଲ ବିଜେତା ଲେଟନ ହେୱିଟ୍ ଅଗ୍ରଣୀ ଲାଭ କରିଛନ୍ତି। ଫଳରେ ଅଫିସିଆଲ ଭୋଟିଂ ଗ୍ରୁପ୍‌ରେ ତାଙ୍କୁ ମିଳିଥିବା ଭୋଟ୍‌ରେ ଆଉ ୩% ଯୋଗ କରାଯିବ। ୪ ସପ୍ତାହ ଧରି ଚାଲିଥିବା ଫ୍ୟାନ୍ ଭୋଟିଂର ଫଳାଫଳ ହଲ୍ ବୁଧବ । ର ଘୋଷଣା କରିଛି। ଦ୍ୱିତୀୟ ସ୍ଥାନରେ ରହିଥିବା ଲିସା ରେମଣ୍ଡଙ୍କର ଅଫିସିଆଲ ଭୋଟ୍‌ରେ ଆଇ ୨% ଯୋଗ କରାଯିବ। ଜୋନାସ ବର୍କମ୍ୟାନ ତୃତୀୟ ହୋଇଥିବାବେଳେ ତାଙ୍କୁ ୧% ପ୍ରତିଶନ ବୋନସ ଭୋଟ୍ ମିଳିବ।








# କୋଲକାତାକୁ ହରାଇଲା ଚେନ୍ନାଇ

**ଦୁବାଇ, ୨୯।୧୦**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗ୍ସ ୬ ଉଇକେଟରେ କୋଲକାତା ନାଇଟ ରାଇଡର୍ସଙ୍କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ୫ ଉଇକେଟ ହରାଇ ୧୭୨ ରନ କରିଥିବାବେଳେ ଚେନ୍ନାଇ ୨୦ ଓଭରରେ ୪ ଉଇକେଟ ହରାଇ ୧୭୮ ରନ ସଂଗ୍ରହ କରି ନେଇଛି। ଏହି ପରାଜୟ କୋଲକାତା ପ୍ଲେ-ଅଫ୍ ଆଶାରେ ବାଧା ସୃଷ୍ଟି କରିଛି। ଦଳ ୧୩ ମ୍ୟାଚରୁ ୧୨ ପଏଣ୍ଟ ପାଇ ଟେବୁଲର ୫ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ି ସାରିଥିବା ଚେନ୍ନାଇ ବିଜୟୀ ହୋଇ ସମ୍ମାନର ସହ ପ୍ରତିଯୋଗିତା ଶେଷ କରିବା ଦିଗରେ ଅଗ୍ରସର ହୋଇଛି। ଚଳିତ ଲିଗ୍‌ରେ ପୂର୍ବରୁ ହୋଇଥିବା ଭେଟରେ କୋଲକାତା ୧୦ ରନରେ ବିଜୟୀ ହୋଇଥିଲା। ଏଠାରେ ବିଜୟୀ ହୋଇ ଚେନ୍ନାଇ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଛି। କୋଲକାତା ପରାଜୟ ସହ ମୁମ୍ବାଇ ଇଣ୍ଡିଆନ୍ସର ପ୍ଲେ-ଅଫ୍ ପ୍ରବେଶ ନିଶ୍ଚିତ ହୋଇଯାଇଛି।

ଦ୍ୱିତୀୟାର୍ଦ୍ଧରେ କାକର ପଡ଼ିବା ସମସ୍ୟାକୁ ଦୃଷ୍ଟିରେ ରଖି ଚେନ୍ନାଇ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଶୁବମନ ଗିଲ୍ ଓ ନୀତୀଶ ରାଣା କୋଲକାତା ପକ୍ଷରୁ ଇନିଂସ ଓପନ କରିଥିଲେ। ଦୁହେଁ ପାୱାରପ୍ଲେ ୬ ଓଭରରେ ୪୮ ରନ ସଂଗ୍ରହ କରି ଭଲ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଓପନିଂ ଯୋଡ଼ିରେ ୪୪ ବଲ୍‌ରୁ ୫୩ ରନ ହୋଇଥିବାବେଳେ ଶୁବମନ ଆଉଟ ହୋଇଥିଲେ। ଇନିଂସର ପ୍ରଥମ ବଲ୍‌କୁ ଚୌକା ମାରି ଆକ୍ରମଣାତ୍ମକ ଆରମ୍ଭ କରିଥିବା ଶୁବମନ ୧୭ ବଲ୍ ଖେଳି ୪ ଚୌକା ସହାୟତାରେ ୨୬ ରନ ସଂଗ୍ରହ କରିଥିଲେ। ନୀତୀଶ ଧୈର୍ଯ୍ୟର ସହ ବ୍ୟାଟିଂ କରି ଇନିଂସକୁ ଆଗେଇ ନେଇଥିବାବେଳେ ଅପର ପଟରେ ସୁନୀଲ ନାରିନ(୭) ଓ ରିଙ୍କୁ ସିଂ(୧୧)ଙ୍କ ଶୀଘ୍ର ଉଇକେଟ ପତନ କୋଲକାତାର ଦ୍ରୁତ ରନ ହାରରେ ଅଙ୍କୁଶ ଲଗାଇଥିଲା। ଫଳରେ ୧୪.୨ ଓଭରରେ ଯାଇ ଦଳର ୧୦୦ ରନ ପୂରଣ ହୋଇଥିଲା। ଇତିମଧ୍ୟରେ ୪୪ ବଲ୍‌ରୁ ମୂଲ୍ୟବାନ ଅର୍ଦ୍ଧଶତକ ହାସଲ କରିଥିଲେ ନୀତୀଶ। ଏହା ଥିଲା ଆଇପିଏଲରେ ତାଙ୍କର ୧୦ତମ ଏବଂ ଦଳ ପାଇଁ ଅତ୍ୟନ୍ତ ଉପଯୋଗୀ ଅର୍ଦ୍ଧଶତକ। ସେ ୬୧ ବଲ୍‌ରୁ ୧୦ ଚୌକା ଓ ୪ ଛକା ସହାୟତାରେ ୮୭ ରନ କରିଥିବାବେଳେ ଲୁନ୍‌ଗି ଏନ୍‌ଗିଡିଙ୍କ ଏକ ଅଫ୍‌କଟର ଖେଳିବାକୁ ଯାଇ ଲଙ୍ଗଅନ୍‌ରେ ସାମ୍ କୁରାନଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ଇଅନ ମୋର୍ଗାନ ୧୨ ବଲ୍‌ରୁ ୧୫(୨ ଚୌକା) ରନ କରିବାକୁ ସକ୍ଷମ ହୋଇଥିବାବେଳେ ବିଦାୟୀ ଅଧିନାୟକ ଦୀନେଶ କାର୍ତ୍ତିକ ୧୦ ବଲ୍‌ରୁ ୩ ଚୌକା ସହ ୨୧ ରନରେ ଅପରାଜିତ ରହିବାରୁ ନାଇଟ ରାଇଡର୍ସ ସ୍କୋର ୧୭୨/୫ରେ ପହଞ୍ଚିଥିଲା। ଚେନ୍ନାଇ ପକ୍ଷରୁ ଲୁନ୍‌ଗି ଏନ୍‌ଗିଡି ୨ଟି ଏବଂ ମିଚେଲ ସାଣ୍ଟନର, କର୍ନ ଶର୍ମା ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଋତୁରାଜ ଗାଏକ୍ୱାଡ୍।

୧୭୩ ରନର ପିଛା କରିଥିବା ଚେନ୍ନାଇ ଓପନିଂ ଯୋଡ଼ିରେ ୪୫ ବଲ୍‌ରୁ ୫୦ ରନ କରିବାପରେ ଶେନ ୱାଟସନଙ୍କ ଉଇକେଟ ହରାଇଥିଲା। କିଛିଦିନର ବ୍ରେକ୍ ପରେ ପ୍ରତ୍ୟାବର୍ତ୍ତନ କରିଥିବା ଏହି ଅଷ୍ଟ୍ରେଲୀୟ ଖେଳାଳି ଏଠାରେ ୧୯ ବଲ୍‌ରୁ ୧୪(୧ ଚୌକା, ୧ ଛକା) ରନ କରି ପାରିଥିଲେ। ଋତୁରାଜ କିନ୍ତୁ ଖେଳିଥିଲେ ସ୍ମରଣୀୟ ଇନିଂସ। ତାଙ୍କୁ ଉପଯୁକ୍ତ ସହଯୋଗ ଯୋଗାଇ ଦେଇଥିଲେ ଅମ୍ବାତି ରାୟୁଡୁ। ଉଭୟ ଦ୍ୱିତୀୟ ଉଇକେଟରେ ୬୮ ରନର ଭାଗୀଦାରି ଗଢ଼ି କୋଲକାତା ବୋଲରଙ୍କୁ ନିରାଶ କରିଥିଲେ। ଏହା ମଧ୍ୟରେ ପ୍ରତିଭାସମ୍ପନ୍ନ ଗାଏକ୍ୱାଡ୍ ହାସଲ କରିଥିଲେ ଅର୍ଦ୍ଧଶତକ। ସେ ୩୭ ବଲ୍‌ରୁ ୫୦ ରନ ପୂରଣ କରିଥିଲେ। ଚଳିତ ଆଇପିଏଲରେ ଏହାଥିଲା ତାଙ୍କର କ୍ରମାଗତ ଦ୍ୱିତୀୟ ଅର୍ଦ୍ଧଶତକ। ପୂର୍ବ ମ୍ୟାଚରେ ସେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ୬୫ ରନକରି ଅପରାଜିତ ରହିଥିଲେ। ରାୟୁଡୁ ପ୍ୟାଟ୍ କୁମିନ୍ସଙ୍କ ତୃତୀୟ ଓଭରରେ କ୍ରମାଗତ ୨ଟି ଚୌକା ମାରିବାପରେ ପରବର୍ତ୍ତୀ ବଲ୍‌କୁ ମିଡ୍‌ଅଫ୍ ଉପରେ ମାରିବା ଚକ୍କରରେ ସୁନୀଲ ନାରିନ୍‌ଙ୍କୁ କ୍ୟାଚ ଦେଇଥିଲେ। ୨୦ଟି ବଲ୍ ଖେଳିଥିବା ରାୟୁଡୁ ୫ ଚୌକା ଓ ୧ ଛକା ସହାୟତାରେ ୩୮ ରନ କରିଥିଲେ। ରାୟୁଡୁଙ୍କ ବିଦାୟ ପରେ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ମାତ୍ର ୧ ରନ କରି ଆଉଟ ହେବାରୁ ଚେନ୍ନାଇକୁ ଶକ୍ତ ଧକ୍କା ଲାଗିଥିଲା। କୋଲକାତା କ୍ରମେ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ସେଟ୍ ହୋଇ ଖେଳୁଥିବା ଯୁବ ବ୍ୟାଟ୍ସମ୍ୟାନ ଋତୁରାଜ ୫୩ ବଲ୍‌ରୁ ୭୨ (୬ ଚୌକା, ୨ ଛକା) ରନ କରିଥିବାବେଳେ କୁମିନ୍ସଙ୍କ ବଲ୍‌ରେ ପ୍ୟାଡଲ ଶଟ୍ ଖେଳିବାକୁ ଯାଇ କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ। ଶେଷ ୨ ଓଭରରୁ ଚେନ୍ନାଇକୁ ୩୦ ରନ ଆବଶ୍ୟକ ହେଉଥିଲା। ଏହି ଓଭରରେ ରବୀନ୍ଦ୍ର ଜାଡେଜା ଓ ସାମ୍ କୁରାନ ୨୦ ରନ ନେଇ ଆଶା ସଞ୍ଚାର କରାଇଥିଲେ। ଶେଷ ୬ ବଲ୍‌ରୁ ୧୦ ରନ ଦରକାର ଥିଲା। କମଲେଶ୍ ନାଗରକୋଟିଙ୍କ ପ୍ରଥମ ବଲ୍ ଡଟ୍ ରହିଥିଲା। ଦ୍ୱିତୀୟ ବଲ୍‌ରୁ ସାମ୍ କୁରାନ ୨ ଓ ତୃତୀୟ ବଲ୍‌ରୁ ୧ ରନ ନେଇ ଦଳର ଚିନ୍ତା ବଢ଼ାଇ ଦେଇଥିଲେ। ୪ର୍ଥ ବଲ୍‌ରୁ କୌଣସି ରନ୍ ହୋଇ ନ ଥିଲା। ୫ମ ବଲ୍‌କୁ ଛକାରେ ପରିଣତ କରି ଜାଡେଜା ଉତ୍କଣ୍ଠାର ଅବସାନ ଘଟାଇଥିଲେ। ଶେଷ ବଲ୍‌କୁ ମଧ୍ୟ ସେ ଛକା ମାରି ମ୍ୟାଚର ପରିସମାପ୍ତି ଘଟାଇଥିଲେ। ଜାଡେଜା ୧୧ ବଲ୍‌ରୁ ୩୧(୨ ଚୌକା, ୩ ଛକା) ଓ କୁରାନ ୧୪ ବଲ୍‌ରୁ ୧୩ ରନକରି ଅପରାଜିତ ରହିଥିଲେ। କୋଲକାତା ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ଆକର୍ଷଣୀୟ ବୋଲିଂ କରି ୪ ଓଭର ସ୍ପେଲରେ ମାତ୍ର ୨୦ ରନ ଦେଇ ୨ଟି ଉଇକେଟ ନେଇଥିଲେ। ଅନ୍ୟ ୨ ଉଇକେଟ ପ୍ୟାଟ୍ କୁମିନ୍ସ ନେଇଥିଲେ।

### ଆଇପିଏଲ୍

(ଶୁକ୍ରବାର ମ୍ୟାଚ୍)

**କିଙ୍ଗ୍ସ ଇଲେଭେନ ପଞ୍ଜାବ**
**ବନାମ ରାଜସ୍ଥାନ ରୟାଲ୍ସ**
**ସ୍ଥାନ:** ଆବୁଧାବି, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୮ | ୪ | ୧୬ | +୧.୧୮୬ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୨ | ୭ | ୫ | ୧୪ | +୦.୦୪୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୭ | ୫ | ୧୪ | +୦.୦୩୦ |
| କିଙ୍ଗ୍ସ ଇଲେଭେନ | ୧୨ | ୬ | ୬ | ୧୨ | -୦.୦୪୯ |
| ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | -୦.୪୬୭ |
| ସନ୍‌ରାଇଜର୍ସ | ୧୨ | ୫ | ୭ | ୧୦ | +୦.୩୯୬ |
| ରାଜସ୍ଥାନ ରୟାଲ୍ସ | ୧୨ | ୫ | ୭ | ୧୦ | -୦.୫୦୫ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧୩ | ୫ | ୮ | ୧୦ | -୦.୫୩୨ |

### ସଂକ୍ଷିପ୍ତ ସ୍କୋର

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୭୨/୫ (ନୀତୀଶ-୮୭, ଶୁବମନ-୨୬, କାର୍ତ୍ତିକ-୨୧*, ଏନ୍‌ଗିଡି-୨/୩୪, ସାଣ୍ଟନର-୧/୩୦, କର୍ନ-୧/୩୫, ଜାଡେଜା-୧/୨୦)। ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୧୭୮/୪ (ଋତୁରାଜ-୭୨, ରାୟୁଡୁ-୩୮, ଜାଡେଜା-, ୩୧*, ବରୁଣ-୨/୨୦, କୁମିନ୍ସ-୨/୩୧)।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ